ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ (୧୬ ପୃଷ୍ଠା) Bhubaneswar, Friday, April 10/2026 Page 16 ₹ 7.00 | SAMBALPUR
୫୨ଶ ଭାଗ ୧୩୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 135 ମୂଲ୍ୟ ₹୭/-

# ହର୍ମୁଜ୍ ଖୋଲିବାକୁ ଇରାନ୍ ଅମଙ୍ଗ

## ଇସ୍ରାଏଲ୍ ଆକ୍ରମଣ: ଲେବାନନ୍‌ରେ ୨୫୦ ଟପିଲା ମୃତ୍ୟୁସଂଖ୍ୟା

ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଚଳାଇଥିବା ଯୁଦ୍ଧକୁ ୨ ସପ୍ତାହ ପାଇଁ ବନ୍ଦ ରଖିବା ନିମନ୍ତେ ସହମତି ଫଳପ୍ରଦ ହେବା ଆଶା କ୍ଷୀଣ ହୋଇଯାଇଛି। ଇସ୍ରାଏଲ ତା'ର ପଡ଼ୋଶୀ ଦେଶ ତଥା ଇରାନ୍‌ର ସହଯୋଗୀ ରାଷ୍ଟ୍ର ଲେବାନନ୍ ଉପରେ ଆକ୍ରମଣ ଜାରି ରଖିଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଲାଣି। ଇସ୍ରାଏଲ ଅସ୍ତ୍ରବିରତିରେ ଲେବାନନ୍‌କୁ ଅନ୍ତର୍ଭୁକ୍ତ କରି ନ ଥିବାରୁ ଏହାର ପ୍ରତିବାଦ ସ୍ୱରୂପ ଇରାନ ତା'ର ନିୟନ୍ତ୍ରଣରେ ଥିବା ଅନ୍ତର୍ଜାତୀୟ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଖୋଲିବାକୁ ଅମଙ୍ଗ ହୋଇଛି। ଫଳସ୍ୱରୂପ ଗୁରୁବାର ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇବା ସହ ବିଶ୍ୱ ବଜାରରେ ଅସ୍ଥିରତା ଦେଖିବାକୁ ମିଳିଛି। ବ୍ରେଣ୍ଟ କ୍ରୁଡ୍ ତୈଳ ୩.୭% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ଏସିଆ ଏବଂ ୟୁରୋପର ପ୍ରମୁଖ ଶେୟାର ବଜାରଗୁଡ଼ିକ ନିମ୍ନଗାମୀ ହୋଇଛି। ଏଭଳିସ୍ଥଳେ ପାକିସ୍ତାନ ମଧ୍ୟସ୍ଥତାରେ ଶୁକ୍ରବାର ଇସ୍‌ଲାମାବାଦରେ ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱର ନଜର ରହିଛି।



ଲେବାନନ୍‌ର ବିରୁଟ୍‌ରେ ଇସ୍ରାଏଲର ଏକାଧିକ ଏୟାର ଷ୍ଟ୍ରାଇକ୍ ପରେ ଧୂଆଁ ବାହାରୁଛି।

**ବିରୁଟ୍/ତେଲ୍ ଆଭିଭ୍, ୯।୪(ଏ.ପି./ରଏଟର୍ସ)**

ଇରାନ୍ ସହ ଅସ୍ତ୍ରବିରତି, ଲେବାନନ୍ ସହ ନୁହେଁ। ଇସ୍ରାଏଲ୍‌ର ଏଭଳି ଯୁଦ୍ଧନୀତି ମଧ୍ୟପ୍ରାଚ୍ୟକୁ ପୁନର୍ବାର ସାମରିକ ସଂଘର୍ଷର ଏକ ନୂଆ ପର୍ଯ୍ୟାୟକୁ ଟାଣିନେଇଛି। ଆମେରିକା-ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ ବନ୍ଦ କରି ୧୪ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି। କିନ୍ତୁ ଇସ୍ରାଏଲୀ ସେନା ଇରାନ୍‌ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲାକୁ ଟାର୍ଗେଟ କରି କେନ୍ଦ୍ରୀୟ ବିରୁଟ ସମେତ ଲେବାନନ୍‌ର ବିଭିନ୍ନ ଅଞ୍ଚଳରେ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଏହାର ଘନଘନ ମିଶାଇଲ୍ ମାଡ଼ରେ ବୁଧବାର ୧୮୨ ଲେବାନନୀ ପ୍ରାଣ ହରାଇଥିବାବେଳେ ଗୁରୁବାର ମୃତ୍ୟୁସଂଖ୍ୟା ୨୫୦ ଅତିକ୍ରମ କରିଛି। ୧,୦୦୦ରୁ ଊର୍ଦ୍ଧ୍ୱ ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆକ୍ରମଣ ଥମିବାର ନାଁ ନେଉ ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ କହୁଛି, ଆମେ କେବଳ ଯୁଦ୍ଧରେ ଇରାନ୍‌କୁ ସମର୍ଥନ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସଙ୍କଟରୁ ପରିବର୍ତ୍ତନର ଆଶା

## ତୈଳ ଦର ପୁଣି ବଢ଼ିଲା, ବଜାରରେ ଅନିଶ୍ଚିତତା

**ନ୍ୟୁୟର୍କ/ମୁମ୍ବାଇ,୯।୪(ଏ.ପି./ପି.ଟି.)**

- ୧.୨% ଖସିଲା ସେନ୍‌ସେକ୍ସ
- ନିବେଶକ ହରାଇଲେ ୧୪ ଲକ୍ଷ କୋଟି ଟଙ୍କା

ଲେବାନନ୍‌ରେ ଇସ୍ରାଏଲ୍‌ର ଧ୍ୱଂସଲୀଳା ଦେଖି ଇରାନ୍ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍‌ର ଜଏଣ୍ଟ ଷ୍ଟ୍ରାଇକ୍ ପରେ ଯେଉଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନଜନିତ ଅଚଳାବସ୍ଥା ଯୋଗୁ କ୍ରୁଡ୍ ମୂଲ୍ୟ ବଢ଼ିଥିଲା, ସେହି ଜଳପଥ ଏବେ ପୁଣି ଭୂରାଜନୈତିକ ଉତ୍ତେଜନାରେ ଛନ୍ଦିହୋଇଯାଇଛି। ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ଖୋଲିବ ନାହିଁ ବୋଲି ପଣ କରିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ହେଉଛି ☞ ପୃଷ୍ଠା-୨






## ଦିଲ୍ଲୀରେ ଆଜି




କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅପମାନଜନକ ମନ୍ତବ୍ୟ ଓ ଖରାପ ଭାଷା ପ୍ରୟୋଗକୁ ବିରୋଧ କରି ଏଆଇସିସି (ଅନୁସୂଚିତ ଜାତି ବିଭାଗ) ପକ୍ଷରୁ ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ଚମନ ଗୌତମ)

# ଇସ୍‌ଲାମାବାଦ ଶାନ୍ତି ଆଲୋଚନା ଆଜି

■ଟିମ୍ ଆମେରିକାର ନେତୃତ୍ୱ ନେବେ ଜେଡି ଭାନ୍ସ
■ଇରାନୀୟ ପ୍ରତିନିଧି ଦଳରେ ଆରାଘଚି, ଘଲିବାଫ୍

ଇସ୍‌ଲାମାବାଦ,୯।୪(ପି.ଟି./ଡନ୍)

ଆମେରିକା-ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ ୨ ସପ୍ତାହ ପାଇଁ ଘୋଷିତ ଅସ୍ତ୍ରବିରତି ଉପରେ ପ୍ରତ୍ୟକ୍ଷ ଆଲୋଚନା ଶୁକ୍ରବାର ହେବାକୁ ଯାଉଛି। ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦର ଆଇୱାନ୍ ଇ ସଦର (ପ୍ରେସିଡେନ୍ସିଆଲ ପ୍ୟାଲେସ୍)ରେ ହେବାକୁ ଥିବା ଏହି ଶାନ୍ତି ଆଲୋଚନା ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସମେତ ବିଶ୍ୱର କେତେଜଣ ନେତା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କୁ ଫୋନ୍ କରି ଆଲୋଚନାକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପଶ୍ଚିମ ଏସିଆରେ ଆଗକୁ ଯେପରି ଉତ୍ତେଜନା ନ ବଢ଼ିବ ସେଥିପାଇଁ ଆମେରିକା ଓ ଇରାନ୍ ୨ ସପ୍ତାହ ଲାଗି ସସର୍ତ୍ତ ସିଜ୍‌ଫାୟାର କରିବାକୁ ବୁଧବାର ସହମତି ପ୍ରକାଶ କରିଥିଲେ। ଶତ୍ରୁତାକୁ ଚିରଶାନ୍ତିରେ ପରିଣତ କରିବା ସକାଶେ ଇସ୍‌ଲାମାବାଦ ଉଭୟ ପକ୍ଷ ମଧ୍ୟରେ ସାମ୍ନାସାମ୍ନି ଆଲୋଚନାର ଆୟୋଜନ କରୁଛି। ଇସ୍‌ଲାମାବାଦରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହେବ ଏବଂ କେବଳ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି। ଏଥିରେ ଯୋଗଦେବା ପାଇଁ







ଗୁରୁବାର ରାତିରେ ଉଭୟ ପକ୍ଷର ନେତା ଇସ୍‌ଲାମାବାଦରେ ପହଞ୍ଚିଛନ୍ତି। ପାକିସ୍ତାନରେ ଇରାନୀୟ ରାଷ୍ଟ୍ରଦୂତ ରେଜା ଆମିରି ମୋଘାଦମ୍ ଏନେଇ ସ୍ପଷ୍ଟ କରିଛନ୍ତି। ଇରାନ୍ ପକ୍ଷରୁ ୧୦ ସୂତ୍ରୀ ଯୋଜନା ଉପସ୍ଥାପନ କରାଯାଇଥିବା ସେ Xରେ ଉଲ୍ଲେଖ କରିଛନ୍ତି। ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ଉପରାଷ୍ଟ୍ରପତି ଜେଡି ଭାନ୍ସ ନେଉଛନ୍ତି। ତାଙ୍କ ସହ ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର ମଧ୍ୟ ଇସ୍‌ଲାମାବାଦ ଗସ୍ତ କରୁଛନ୍ତି। ଏମାନେ ଆମେରିକା ପକ୍ଷରୁ ୧୫ ସୂତ୍ରୀ ପ୍ରସ୍ତାବ ଉପସ୍ଥାପନ କରିବେ। ଏହି ଆଲୋଚନାକୁ ସଫଳ କରିବା ପାଇଁ ପାକିସ୍ତାନର ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ୍ ମୁନିର ମାର୍ଚ୍ଚ ଶେଷ ପରଠୁ ଭାନ୍ସଙ୍କ ସମେତ ଅନ୍ୟ କୂଟନୀତିଜ୍ଞଙ୍କ ସହ ଫୋନ୍‌ରେ ଆଲୋଚନା କରିଆସିଛନ୍ତି। ସେହିପରି ପାକିସ୍ତାନର ଉପପ୍ରଧାନମନ୍ତ୍ରୀ (ବହିର୍ବ୍ୟାପାର) ଇଶାକ୍ ଡାର ମଧ୍ୟ ତତ୍ପରତା ସହ ଉଭୟ ପକ୍ଷ ମଧ୍ୟରେ କୂଟନୈତିକ ଉଦ୍ୟମ ଚଳାଇଛନ୍ତି। ସେହିପରି ଟିମ୍ ଇରାନ୍‌ର ନେତୃତ୍ୱ ନେଉଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି। ଇରାନ୍‌ର ଶୀର୍ଷ କୂଟନୀତିଜ୍ଞ ଆରାଘଚିଙ୍କ ସହ ଉକ୍ତ ପ୍ରତିନିଧି ଦଳରେ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ ଯୋଗ ଦେଉଛନ୍ତି। ପୂର୍ବ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଓ ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜ୍‌ତବା ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ରୂପେ ଜଣାଶୁଣା ଘଲିବାଫ୍ ପଛଦ୍ୱାର ଦେଇ ଆମେରିକୀୟ ଟିମ୍ ସହ କିଛିଦିନ ଧରି ଆଲୋଚନା ଚଳାଇଆସିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହା ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ଏବଂ ଏଥିରେ ଇସ୍ରାଏଲ୍‌ର କୌଣସି ନେତା ଯୋଗଦେବେ ନାହିଁ ବୋଲି ଜଣାପଡ଼ିଛି।


ଶାନ୍ତି ଆଲୋଚନା ହେବାକୁ ଥିବା ଇସ୍‌ଲାମାବାଦର ପ୍ରେସିଡେନ୍ସିଆଲ ପ୍ୟାଲେସ୍

## ଆଧାର ଜାରି ନିୟମ କଡ଼ାକଡ଼ି କରିବାକୁ ସୁପ୍ରିମକୋର୍ଟରେ ପିଆଇଏଲ୍

ନୂଆଦିଲ୍ଲୀ,୯।୪ (ପି.ଟି.)

ଭାରତୀୟ ନାଗରିକ ଭାବେ ଛଳନା କରୁଥିବା ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କିଶୋରୀ କିଶୋର ଓ ବୟସ୍କମାନଙ୍କୁ ଆଧାର କାର୍ଡ ଇସ୍ୟୁ ନିମନ୍ତେ କଠୋର ନିୟମାବଳୀ ଆଣିବା ଲାଗି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ)କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ନୂଆ ଆଧାର କାର୍ଡ କେବଳ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଜାରି କରିବା ପାଇଁ ନିବେଦନ କରାଯାଇଛି।

ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ପିଆଇଏଲ୍‌ରେ ଜନସେବା କେନ୍ଦ୍ରଗୁଡ଼ିକରେ ଡିସ୍‌ପ୍ଲେ ବୋର୍ଡ ଲଗାଇବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ଅନୁରୋଧ କରାଯାଇଛି। ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର କେବଳ ପରିଚୟର ଏକ ପ୍ରମାଣ, ଏହା ନାଗରିକତ୍ୱ, ଠିକଣା ଓ ଜନ୍ମ ତାରିଖର ପ୍ରମାଣ ନୁହେଁ ବୋଲି ସେଥିରେ ଉଲ୍ଲେଖ ରହିବ। ପିଟିଶନ୍‌ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ୟୁଆଇଡିଏଆଇ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରାଯାଇଛି।




## ପଶ୍ଚିମବଙ୍ଗବାସୀଙ୍କୁ ମୋଦିଙ୍କ ୬ ଗ୍ୟାରେଣ୍ଟି

କୋଲକାତା,୯।୪

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପା ଯଦି ବିଜୟୀ ହୁଏ, ତେବେ ରାଜ୍ୟର ଜନସାଧାରଣଙ୍କୁ ୬ଟି ଗ୍ୟାରେଣ୍ଟି ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହଳଦିଆଠାରେ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରଙ୍କ କୁଶାସନକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିବା ସହ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ କ୍ଷମତାରୁ ହଟାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ଟିଏମ୍‌ସି ସରକାର ପଶ୍ଚିମବଙ୍ଗକୁ ପଛକୁ ନେଇଯାଇଛି। ଏହି ସରକାରର ଦୁର୍ନୀତି ଓ ମହିଳା ବିରୋଧୀ ଅପରାଧର ସମସ୍ତ ଫାଇଲ୍ ଭାଜପା ଖୋଲିବ ଏବଂ ଦୁର୍ନୀତିରେ ସମ୍ପୃକ୍ତ ସବୁ ନେତା ଜେଲ୍ ଯିବେ ବୋଲି ମୋଦି କହିଛନ୍ତି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ହେବା ସହ ଶାସନରେ ସ୍ୱଚ୍ଛତା ଅଣାଯିବ, ସବୁ ଦୁର୍ନୀତିର ତଦନ୍ତ ହେବ, ଅନୁପ୍ରବେଶକାରୀଙ୍କୁ ରାଜ୍ୟରୁ ତଡ଼ାଯିବ ଏବଂ ପଶ୍ଚିମବଙ୍ଗରେ ସପ୍ତମ ବେତନ କମିଶନ ଲାଗୁହେବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପଶ୍ଚିମ ମେଦିନୀପୁରର ଆସାନସୋଲ୍ ପୋଲୋ ଗ୍ରାଉଣ୍ଡରେ ଏକ ରାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଟିଏମ୍‌ସି ମାଫିଆ ରାଜ୍‌ର ଉଚ୍ଛେଦ ହେବ ବୋଲି କହିଛନ୍ତି।

### କ୍ଷମତା ଦଖଲ ପାଇଁ ୯୦ ଲକ୍ଷ ଭୋଟରଙ୍କ ନାଁ ହଟାଇଛି ଭାଜପା: ମମତା

ଭାଜପା ପଶ୍ଚିମବଙ୍ଗରେ କ୍ଷମତା ଦଖଲ ପାଇଁ ଏସ୍‌ଆଇଆର୍ ନାମରେ ଭୋଟର ତାଲିକାରୁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ନାମ ହଟାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ନିର୍ବାଚନରେ ଟିଏମ୍‌ସି ନିଶ୍ଚୟ ଜିତିବ ବୋଲି ମମତା ଉତ୍ତର ୨୪ ପ୍ରଗଣାର ମିନାଖାନ୍‌ଠାରେ ଏକ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ ଦୃଢ଼ୋକ୍ତି କରିଛନ୍ତି। ଯେଉଁ ଭୋଟରମାନଙ୍କ ନାମ କଟିଛି, ସେମାନଙ୍କୁ ପୁଣିଥରେ ସାମିଲ କରାଇବା ଲାଗି ଶାସକ ଦଳ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଟିଏମ୍‌ସି ସୁପ୍ରିମୋ କହିଛନ୍ତି।

## ବାରାମତୀ ଉପନିର୍ବାଚନରୁ ଓହରିଲା କଂଗ୍ରେସ

ମୁମ୍ବାଇ,୯।୪

ମହାରାଷ୍ଟ୍ର କଂଗ୍ରେସରେ ବହୁ ବିଚାରବିମର୍ଶ ପରେ ବାରାମତୀ ଉପନିର୍ବାଚନରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କ ବିରୋଧରେ ନିଜର ପ୍ରାର୍ଥୀ ପ୍ରତ୍ୟାହାର କରିନେଇଥିବା ଗୁରୁବାର ଘୋଷଣା କରିଛି। ସୁନେତ୍ରାଙ୍କ ସ୍ୱାମୀ ଅଜିତ ପାୱାରଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ କଂଗ୍ରେସ ଏଭଳି ନିଷ୍ପତ୍ତି ନେଇଛି। ଫଳରେ ସୁନେତ୍ରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଦିଗରେ ରହିଥିବା ବଡ଼ ପ୍ରତିବନ୍ଧକ ଦୂର ହୋଇଛି। ବାରାମତୀ ଉପନିର୍ବାଚନ ପାଇଁ କଂଗ୍ରେସ ଆକାଶ ମୋରେଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଦଳୀୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ସେ ନାମାଙ୍କନପତ୍ର ଫେରାଇ ନେଇଛନ୍ତି। ତାଙ୍କ ବିରୋଧରେ ପ୍ରାର୍ଥୀ ନ ଦେବାକୁ ସୁନେତ୍ରା କଂଗ୍ରେସକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୮ରେ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ହେବାରୁ ବାରାମତୀ ଆସନରେ ଉପନିର୍ବାଚନ ଜରୁରୀ ହୋଇପଡ଼ିଛି।




10001/29/2627



## ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ଚଳିତ ବର୍ଷ ଅପ୍ରେଲ ୧୦ ତାରିଖରେ ସାରା ବିଶ୍ୱ ସହିତ ଆମ ରାଜ୍ୟରେ ମଧ୍ୟ "ବିଶ୍ୱ ହୋମିଓପ୍ୟାଥି ଦିବସ" ପାଳିତ ହେଉଅଛି । ଏହି ଅବସରରେ ଚଳିତ ବର୍ଷର ଆଭିମୁଖ୍ୟ "ସ୍ଥାୟୀ ସ୍ୱାସ୍ଥ୍ୟ ନିମିତ୍ତ ହୋମିଓପ୍ୟାଥି" (Homoeopathy for Sustainable Health) ର ପ୍ରାସଙ୍ଗିକତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହୋମିଓପ୍ୟାଥିକ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ୍ ହାନିମ୍ୟାନଙ୍କ ଜୟନ୍ତୀ ଅବସରରେ ମୁଁ ସମସ୍ତ ହୋମିଓପ୍ୟାଥିକ ଚିକିତ୍ସକ, ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ହୋମିଓପ୍ୟାଥି ଏକ ପ୍ରାକୃତିକ, ସରଳ, ସୁଲଭ ଏବଂ ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି ଭାବେ ଆମ ରାଜ୍ୟରେ ବିଶେଷ ଆଦୃତ ହୋଇପାରିଛି । ଏହା କେବଳ ରୋଗର ଲକ୍ଷଣ ନୁହେଁ, ବରଂ ରୋଗର ମୂଳ କାରଣକୁ ଦୂର କରିବାରେ ସହାୟକ ହୋଇଥାଏ । ବିଶେଷ କରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟରକ୍ଷା ଏବଂ ଜଟିଳ ପୁରୁଣା ରୋଗର ନିରାକରଣ କ୍ଷେତ୍ରରେ ହୋମିଓପ୍ୟାଥିର ଅବଦାନ ଅତୁଳନୀୟ ।

ଆମ ସରକାର ପ୍ରତିଟି ଜନସାଧାରଣଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବଦ୍ଧପରିକର । ହୋମିଓପ୍ୟାଥି ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଏକ ସୁସ୍ଥ ଓ ନିରୋଗ ଓଡ଼ିଶା ଗଠନ ଦିଗରେ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ ।

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭେଚ୍ଛା ବାର୍ତ୍ତା

"ବିଶ୍ୱ ହୋମିଓପ୍ୟାଥି ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଉଛି । ଚଳିତ ବର୍ଷର ବିଷୟବସ୍ତୁ "ସ୍ଥାୟୀ ସ୍ୱାସ୍ଥ୍ୟ ନିମିତ୍ତ ହୋମିଓପ୍ୟାଥି" (Homoeopathy for Sustainable Health) ଆମକୁ ଏକ ଦୀର୍ଘସ୍ଥାୟୀ ଓ ପ୍ରାକୃତିକ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ମାର୍ଗଦର୍ଶନ କରୁଛି ।

ହୋମିଓପ୍ୟାଥି ଚିକିତ୍ସାରେ ରୋଗୀର ଶାରୀରିକ ଓ ମାନସିକ ସ୍ଥିତିକୁ ବିଚାର କରି ଚିକିତ୍ସା କରାଯାଉଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ସ୍ୱଳ୍ପ ଖର୍ଚ୍ଚରେ ଜଟିଳ ରୋଗରୁ ମୁକ୍ତି ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ରାଜ୍ୟର କୋଣ ଅନୁକୋଣରେ ଥିବା ସରକାରୀ ହୋମିଓପ୍ୟାଥି ଚିକିତ୍ସାଳୟଗୁଡ଼ିକ ମାଧ୍ୟମରେ ସାଧାରଣ ଲୋକଙ୍କୁ ମାଗଣା ଓ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦିଆଯାଉଛି ।

ଏହି ଅବସରରେ ହୋମିଓପ୍ୟାଥି ସେବାରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ମୁଁ ପ୍ରଶଂସା କରୁଛି । ସାମଗ୍ରିକ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ହୋମିଓପ୍ୟାଥିର ଅବଦାନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ପାଇଁ ଆମେ ସଙ୍କଳ୍ପବଦ୍ଧ ।

ବନ୍ଦେ ଉତ୍କଳ ଜନନୀ

(ଡ଼. ମୁକେଶ ମହାଲିଙ୍ଗ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା

OIPR-10001/10056/2/26-27/0001

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ | Bhubaneswar, Friday, April 10/2026 | ପୃଷ୍ଠା-୧

# ଅଘୋଷିତ ବିଦ୍ୟୁତ୍ କାଟ୍ କଲେ ଜେଲ: ମୁଖ୍ୟମନ୍ତ୍ରୀ



ବାଲିଅନ୍ତାଠାରେ ଗୁରୁବାର ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

- **୩ ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ, ୮ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟିତ**
- **ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମିତ**

**ଗ୍ରୀଷ୍ମଋତୁରେ ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ହେବନାହିଁ। ପୂର୍ବରୁ ରାଜ୍ୟରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିଲା। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଗତବର୍ଷ ସରକାରୀ ଅଧିକାରୀଙ୍କୁ ଅଘୋଷିତ ବିଦ୍ୟୁତ୍ କାଟ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତାହା ପାଳନ ହୋଇଥିଲା। ତାହା ଜାରି ରହିବ। ଯଦି ପୂର୍ବରୁ ଘୋଷଣା ନ କରି ବିଦ୍ୟୁତ୍ କାଟ ହେବ ତେବେ ଏହାକୁ ଦଣ୍ଡନୀୟ ଅପରାଧ ଭାବେ ଗଣାଯିବ। ଦାୟୀ ଅଧିକାରୀ ବା କର୍ମଚାରୀଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କୁ ଜେଲ ଯିବାକୁ ପଡ଼ିବ। ଏହି କଥାରେ କେବେହେଲେ ସାଲିସ୍ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଗୁରୁବାର ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରିବା ଅବସରରେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।**

**ଭୁବନେଶ୍ୱର, ୯।୪ (ସୁନିତ୍ ମିଶ୍ର)**

୬୦୦ କୋଟି ଟଙ୍କା ବ୍ୟୟରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ବାଲିଅନ୍ତା, ସତ୍ୟନଗର ଏବଂ କଟକର ଏସ୍‌ସିବି ମେଡିକାଲରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ଏହିସବୁ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହାସହ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ୍ ଉତ୍ସ ସହିତ ସଂଯୋଗ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତ୍‌ସେବା ପାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପ୍ରକଳ୍ପ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବାପରେ ସମସ୍ତ ସମସ୍ୟାର ସମାଧାନ କରାଯାଇ ବର୍ଷକ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ବର୍ଷକ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ ନୟାପଲ୍ଲୀ ଗ୍ରୀଡ୍ ଗତବର୍ଷଠାରୁ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତ୍‌ସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି। ଯେଉଁଠାରେ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ମଧ୍ୟ ସମ୍ଭବ ହୁଏ। ସେଥିଲାଗି ବର୍ଷକ ମଧ୍ୟରେ ଗ୍ରୀଡ୍ ସବ୍‌ଷ୍ଟେଶନ କାମ ସମ୍ପୂର୍ଣ୍ଣ କରାଯାଇପାରିଛି। ☞ପୃଷ୍ଠା-୧୦

# ପୋଖରୀରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ

**ଉମରକୋଟ, ୯।୪ (ସନ୍ତୋଷ ସତପଥୀ)**

ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ କୁର୍ସୀ ଗ୍ରାମରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ସନ୍ଧ୍ୟା ଗଣ୍ଡ (୬), ସନ୍ଦିତା ଗଣ୍ଡ (୪) ଓ ଭୂମିକା ଗଣ୍ଡ (୫) ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, କୁର୍ସୀ ଗ୍ରାମ ଉପରପାରାର ରାଜମନ ଗଣ୍ଡଙ୍କ ୨ ଝିଅ ସନ୍ଧ୍ୟା ଓ ସନ୍ଦିତା ଏବଂ ବାଲସାଇ ଗଣ୍ଡଙ୍କ ଝିଅ ଭୂମିକା ଗଣ୍ଡ ଗୁରୁବାର ସକାଳେ ଘର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ଗଭୀର ପାଣିକୁ ଚାଲିଯାଇଥିଲେ ଏବଂ ବୁଡ଼ିଯାଇଥିଲେ। ବହୁ ସମୟ ଧରି ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ, କିନ୍ତୁ କିଛି ଜଣା ପଡ଼ି ନ ଥିଲା। ଏହାର କିଛି ସମୟ ପରେ ଗ୍ରାମର ଜଣେ ଯୁବକ ପୋଖରୀକୁ ଯାଇଥିବାବେଳେ ଶିଶୁମାନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ପୋଖରୀରୁ ୩ ଶିଶୁଙ୍କ ମୃତଦେହ ବାହାର କରିଥିଲେ। ଏହି ଘଟଣା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାସ୍ଥଳରେ ଉପଖଣ୍ଡ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର ଓ ଥାନା ଅଧିକାରୀ ବିପିନ କୁମାର ବାଗ ☞ପୃଷ୍ଠା-୧୦

# ଓଏସ୍‌ଏସ୍‌ଟିଇଟି ଫଳ ପ୍ରକାଶ

**୭୨.୩୮% ପରୀକ୍ଷାର୍ଥୀ କୃତକାର୍ଯ୍ୟ**

**କଟକ, ୯।୪ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ଫଳ ଗୁରୁବାର ଅପରାହ୍ନ ୪ଟାରେ ପ୍ରକାଶ ପାଇଛି। ହାରାହାରି ୭୨.୩୮% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in ଏବଂ www.bseodisha.nic.inରୁ ସେମାନଙ୍କ ପରୀକ୍ଷାଫଳ ଜାଣିପାରିବେ। ସେହିପରି କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ଆବଶ୍ୟକ ଦେୟ ଦାଖଲ କରି ବୋର୍ଡ ୱେବସାଇଟ୍‌ରୁ ନିଜର ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ବୋର୍ଡ ପକ୍ଷରୁ ସାର୍ଟିଫିକେଟ୍ ହାର୍ଡ କପି ଇସ୍ୟୁ ହେବା ପର୍ଯ୍ୟନ୍ତ ଏହି ☞ପୃଷ୍ଠା-୧୦






# ଆସାମରେ ୮୪.୪୬%, କେରଳମ୍‌ରେ ୭୭.୪୫% ମତଦାନ



ଦରଙ୍ଗ: ଆସାମ ବିଧାନସଭା ନିର୍ବାଚନରେ ମତଦାନ କରିବା ପାଇଁ ଦରଙ୍ଗଠାରେ ଗୁରୁବାର ଲୋକମାନେ ନୌକା ଯୋଗେ ବ୍ରହ୍ମପୁତ୍ର ନଦୀ ପାର ହେଉଛନ୍ତି।

**ପଣ୍ଡିଚେରୀରେ ସର୍ବାଧିକ ୮୭% ଭୋଟ**

**ଗୁଆହାଟୀ, ଥିରୁଭାନନ୍ତପୁରମ୍, ୯।୪**

ଆସାମ, କେରଳ ଓ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଲାଗି ଗୁରୁବାର ସନ୍ଧ୍ୟାରେ ମତଦାନ ଶେଷ ହୋଇଛି। ଆସାମରେ ମତଦାନ ହାର ୮୪.୪୬ ପ୍ରତିଶତ ରହିଥିବାବେଳେ କେରଳରେ ୭୭.୪୫ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଅନ୍ୟପକ୍ଷରେ ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ହାର ସର୍ବାଧିକ ୮୭ ପ୍ରତିଶତ ରହିଛି। ସକାଳ ୭ରୁ ମତଦାନ ଆରମ୍ଭ ହୋଇଥିଲା। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ତୃତୀୟ ଥର ଲାଗି କ୍ଷମତା ବଜାୟ ରଖିବା ଲକ୍ଷ୍ୟରେ ରହିଥିବାବେଳେ ୧ ଦଶନ୍ଧି ଧରି ☞ପୃଷ୍ଠା-୧୦

# ଆଇଏନ୍‌ଏସ୍ ଚିଲିକାରୁ ମିଳିଲା ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ

**ବାଲୁଗାଁ, ୯।୪ (ସଂଗ୍ରାମ ପାଇକରାୟ)**

ଭାରତୀୟ ନୌସେନା(ଆଇଏନ୍‌ଏସ୍) ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ବୁଧବାର ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଉତ୍ତରପ୍ରଦେଶ ମିରଟ୍ ଜିଲା ଅନ୍ତର୍ଗତ ମହମ୍ମଦପୁର ଧୁମି ଗ୍ରାମର କାର୍ତ୍ତିକ ଯାଦବ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ବାଲୁଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଅନ୍ୟପଟେ ଘଟଣା ସମ୍ପର୍କରେ ନୌସେନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୁରୁବାର ସକାଳେ କାର୍ତ୍ତିକଙ୍କ ମା'ବାପା ନାଭାଲ ଫାଣ୍ଡିରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ କାରଣରୁ କାର୍ତ୍ତିକ ଇସ୍ତଫା ଦେବାକୁ ଚାହୁଁଥିଲେ ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହା ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି କୁହାଯାଉଛି। ସୂଚନା ମୁତାବକ, ଆଇଏନ୍‌ଏସ୍ ଚିଲିକାରେ ୮ମ ବ୍ୟାଚ୍ ଅଗ୍ନିବୀରଙ୍କ ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। କାର୍ତ୍ତିକ ଅଗ୍ନିବୀର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗତ ଫେବୃଆରୀ ୧୭ରେ ପ୍ରଶିକ୍ଷଣରେ ଯୋଗଦେଇଥିଲେ। ଏପରିସ୍ଥଳେ ଗତ ୭ତାରିଖ ଅର୍ଥାତ୍ ମଙ୍ଗଳବାର କାର୍ତ୍ତିକ ତାଙ୍କ ମା'ଙ୍କୁ ଫୋନ କରି ଜଣାଇଥିଲେ ଯେ, 'ଏହି ଚାକିରି କରିବାକୁ ତାଙ୍କର ଇଚ୍ଛାନାହିଁ, ଇସ୍ତଫାପତ୍ର ପଠାଇଛି, ଏଥିରେ ମା'ବାପାଙ୍କ ସ୍ୱୀକୃତି ଆବଶ୍ୟକ ପଡୁଛି, ତେଣୁ ତୁମେ ଦସ୍ତଖତ କରିଦିଅ'। ପୁଅର ହଠାତ୍ ଏପରି ନିଷ୍ପତ୍ତିକୁ ତାଙ୍କ ମା' ସହଜରେ ଗ୍ରହଣ ନ କରି ଆଉ ଦୁଇତିନି ମାସ କଷ୍ଟକରି ରହିବା ପାଇଁ ବୁଝାଇଥିଲେ। ବୁଧବାର କାର୍ତ୍ତିକ ପୁଣି ତାଙ୍କ ମା'ଙ୍କୁ ଫୋନ କରି ଦସ୍ତଖତ କରି ପଠାଇବାକୁ ନିବେଦନ କରିଥିଲେ। ହେଲେ ତାଙ୍କ ମା' ଦସ୍ତଖତ କରିବେ ନାହିଁ ବୋଲି ମନା କରିଦେଇଥିଲେ। ☞ପୃଷ୍ଠା-୧୦

**ଇସ୍ତଫା ଦେବା ନେଇ ପୂର୍ବରୁ ମା'ଙ୍କୁ ଜଣାଇଥିଲେ**




# ଆଜି କ'ଣ କେଉଁଠି

**କଟକ**
- ବ୍ଲକସ୍ତରୀୟ ଯୋଗଦିବସ ପାଳନ, ସ୍ଥାନ: ସାମାଜିକ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୬ଟା।
- କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ସଚିବଙ୍କ ନୂଆପାଟଣା ଗସ୍ତ, ସ୍ଥାନ: ନୂଆପାଟଣା ନଂ.୧ ବୁଣାକାର ତନ୍ତୁବାୟ ସହଯୋଗ ସମିତି, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଙ୍କୀ କେନ୍ଦ୍ର ସମବାୟ ଲିଡର ପ୍ରତିଷ୍ଠାତା ରାୟ ବାହାଦୁର ବିଦ୍ୟାଧର ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ : ପ୍ରେସ୍ କ୍ଲବ, ବାଙ୍କୀ, ସମୟ: ଅପରାହ୍ନ ୩ଟା ୩୦।

**ବାଲେଶ୍ୱର**
- ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ : ସଦର ବ୍ଲକ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ସିମୁଳିଆ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକକଳା ପ୍ରଦର୍ଶନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବସନ୍ତ ଉତ୍ସବ ଓ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବ, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବ, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

**ଭଦ୍ରକ**
- ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ମହତାବ ନଗର ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧୁଷୁରୀ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ 'ଲୋକକଳା ପାଇଁ ଦିନଟିଏ', ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ଆଲୋଚନାଚକ୍ର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ, ସ୍ଥାନ: ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଆନନ୍ଦପୁରସ୍ଥିତ ବିଦ୍ୟାଳୟ ପରିସର, ଧାମନଗର, ସମୟ: ଅପରାହ୍ନ ୩ଟା।
- ଦିବଂଗତ ବରିଷ୍ଠ ନାଗରିକ ଉମାକାନ୍ତ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ୪୫ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ : ଶ୍ରୀ ବଳଦେବଜୀଉ ମନ୍ଦିର, ପୁରୁଣା ସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌ଏସ ପୋଲିସ ହାଇସ୍କୁଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ସୀମାନ୍ତ ମହାବିଦ୍ୟାଳୟ +୩ ଜାତୀୟ ସେବା ଯୋଜନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରପୋଖରିଆ, ସମୟ: ସକାଳ ୮ଟା୩୦।
- ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ ଉଦ୍‌ଘାଟନ ଉତ୍ସବ,ସ୍ଥାନ:ପଣ୍ଡୁଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ବାରିପଦା କଲେଜ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ:ବାବା ପୂର୍ଣ୍ଣେଶ୍ୱର ମନ୍ଦିର, କୁଚେଇବୁଡ଼ି, ରାଇରଙ୍ଗପୁର,ସମୟ: ଅପରାହ୍ନ ୨ଟା।
- ଖଇରୀ ମହୋତ୍ସବ, ସ୍ଥାନ:ମାହାର୍ଦ୍ଧାପଲସା ମିନି ଷ୍ଟାଡିୟମ, ଯଶୀପୁର,ସମୟ:ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ,ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- ଲୋକକଳା ପାଇଁ ଦିନଟିଏ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୁଗୁଡା ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ଦ୍ୱିତୀୟ ମହିମା ବହିମେଳା ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ ପରିସର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ଓଡ଼ିଆ ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଆଠମଲ୍ଲିକ କଲ୍ୟାଣୀ ମଣ୍ଡପ, ସମୟ: ସକାଳ ୯ଟା।
- ଭାଷା ସଂସ୍କୃତିକୁ ନେଇ ପାଲା ପରିବେଷଣ, ସ୍ଥାନ: ଆଠମଲ୍ଲିକ କଲ୍ୟାଣୀ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ମହୋତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ମା' କାଙ୍ଗୁଲା ଦକ୍ଷିଣକାଳୀଙ୍କ ଦଣ୍ଡନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଖଲାରୀ, ସମୟ: ରାତି ୧୧ଟା।

**ଜଗତ୍‌ସିଂହପୁର**
- ତ୍ରିନାଥ ସାଇ ମନ୍ଦିରର ନବମ ବାର୍ଷିକ ଉତ୍ସବ, ସ୍ଥାନ: ଅଠରବାଙ୍କୀ ଲକ୍‌ପଡା, ପାରାଦୀପ, ସମୟ: ସକାଳ ୬ ଟା।
- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ଦାସ ସମ୍ମିଳନୀ କକ୍ଷ, ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆସୋସିଏଶନର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ନରସିଂହପୁର, ଡେରାବିଶି, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- ନନ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଜିଲା ସଦର ଡାକ୍ତରଖାନାର ପେ କ୍ୟାବିନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଦର ଡାକ୍ତରଖାନା ନୂଆ ଗୃହର ସେକେଣ୍ଡ ଫ୍ଲୋର, ସମୟ : ସକାଳ ୯ଟା୩୦।
- ବ୍ୟାସନଗର କଲେଜ ସଂସ୍କୃତ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଓଡ଼ିଆ ସ୍ୱାକ୍ଷର ଅଭିଯାନ, ସ୍ଥାନ: ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପକ୍ଷରୁ ଲୋକକଳା ଗାଁ କୁଞ୍ଜବନଗଡ ଉପରେ ଲୋକକଳା ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚରେ ଢ଼ୋଲମରା ବନାମ ବ୍ରହ୍ମପୁରା, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଦଣ୍ଡପର୍ବର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଢ଼ୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା।

**ରାୟଗଡ଼ା**
- କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ସିଙ୍ଗିମାଳି ଗସ୍ତ, ସ୍ଥାନ: କାଶୀପୁର ବ୍ଲକ୍, ସିଙ୍ଗିମାଳି ଚତୁଃପାର୍ଶ୍ୱ ଗ୍ରାମ, ସମୟ: ସକାଳ ୯ଟା।

**ନବରଙ୍ଗପୁର**
- ଲୋକକଳା ଦିବସ ପାଳନ ଓ ଯୁବ ଲେଖିକା ଲେଖକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ହୋମିଓପ୍ୟାଥିକ ଦିବସ ପାଳନ, ସ୍ଥାନ: ଗୁମୁଡା ହୋମିଓପ୍ୟାଥିକ ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ ଟ୍ରଫି ନେଇ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ହାଟଗୁଡ଼ା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ପାଙ୍ଗଲୁଙ୍ଗ ପଞ୍ଚାୟତ ହାଟଗୁଡା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦମକ ଯାତ୍ରା, ସ୍ଥାନ: ବାଲଡ଼ା ନାଗେଶ୍ୱରି ପାହାଡ଼ ଶୀର୍ଷ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।

**ମାଲକାନଗିରି**
- ଭାଜପାର ପ୍ରଶିକ୍ଷଣ ଶିବିର, ସ୍ଥାନ: ବାଲିମେଳା ସହର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଲିମେଳା ସହର, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ମା'ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ମଣ୍ଡପ ସ୍ଥାପନା ଓ ପୂଜାରମ୍ଭ, ସ୍ଥାନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା, ସ୍ଥାନ : କଚେରି ଛକ ନିକଟସ୍ଥ ହନୁମାନ ବାଟିକା, ସମୟ : ଅପରାହ୍ନ ୪ଟା।
- ଶ୍ରୀହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବାଇକ ଶୋଭାଯାତ୍ରା, ସ୍ଥାନ: ଗୋବିନ୍ଦଟୋଲା, ସମୟ: ଅପରାହ୍ନ ୪ଟା।
- ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- କରାମାଡ଼ କ୍ଷୟକ୍ଷତି ଆକଳନ ଏବଂ ସହାୟତା ଦାବିରେ ବିକ୍ଷୋଭ, ସ୍ଥାନ: ବେଲପଡ଼ା ତହସିଲ ଅଫିସ, ବେଲପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ନୂତନ ଆଇନ ସଂହିତା ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର ୬ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ସେକ୍ଟର– –୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ସେକ୍ଟର–୬ ବସ୍ତିବାସୀ ୱାଟକୋ ଅଧିକାରୀଙ୍କୁ ଭେଟିବେ, ସ୍ଥାନ: ୱାଟକୋ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ଶିବପୁରାଣ ପଠନ, ସ୍ଥାନ:ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା, ସମୟ:ସକାଳ ୭ଟା।
- ହନୁମାନ, ଦୁର୍ଗା, କରମସାନୀ ମନ୍ଦିର ପ୍ରତିଷ୍ଠା,ସ୍ଥାନ: ନିଲିବନ୍ଧ ପଡ଼ା, ବରଗଡ଼,ସମୟ:ସକାଳ ୮ଟା।
- ଗଣେଷ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, ବରଗଡ଼,ସମୟ:ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ଭାଷା, କଳା, ସଂସ୍କୃତି ଓ ଗୁରୁ ଭଗବାନ ସାହୁ ଆଲୋଚନାଚକ୍ର,ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼,ସମୟ: ସକାଳ ୯ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ତୁଳସୀ ରାମାୟଣ ନବାହ ପାରାୟଣ (ଭରତ ମିଳନ),ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଖଣ୍ଡୁଆଳ ମାଲି ପର୍ବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କୁଲିଙ୍ଗପଦର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ମୁଖ୍ୟମନ୍ତ୍ରୀ ଟ୍ରଫି ଖେଳ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ସକାଳ ୬ଟା।
- ଲୋକକଳା ପାଇଁ ଦିନଟିଏ, ସ୍ଥାନ: ଲକ୍ଷ୍ମୀପ୍ରସାଦ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୌଦ୍ଧ ବ୍ଲକ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ୍ ଗୌଡ଼ନାଳି ଗ୍ରାମ, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ କ୍ରୀଡା ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର କଲେଜ ପରିସର, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ତରଭା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିନିକାର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ : ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ରିଷିପିଟିଠାରୁ କଲେଜ ପଡିଆ, ସମୟ: ସକାଳ ୮ଟା।
- ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୋଟ୍ରିବାହାଲ ଗାଁ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ନୂଆଗାଁ, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୧୫।
- ରିଷିପିଟି ଯୋଗୀମଠ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଡିଆଳ ବ୍ଲକ ତୁକଲା ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ବାଦୀ ଗାଁ, ସମୟ: ଦିବାରାତ୍ର ପ୍ରତି ୩ ଘଣ୍ଟାରେ ଥରେ।

**ଝାରସୁଗୁଡ଼ା**
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଅମାପାଲି ଯଜ୍ଞମଣ୍ଡପ, ସମୟ: ସକାଳ ୮ଟା।
- ପ୍ରଥମ ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସରବାହାଲ କ୍ରିକେଟ୍ ପଡିଆ, ସମୟ: ସକାଳ ୯ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଜାଙ୍ଗ ଭାଙ୍ଗିଲି ଦାନ୍ତକାଠି କଲି**
**ସବୁ ଦାନ୍ତକାଠି ମୋହର,**
**ଏଇବାଟେ ଯାଉ କଥା ତୁ ନ କହୁ**
**ଛାତି ଫାଟିଯାଏ ମୋହର।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରିବସେ, ସେତେବେଳେ ତାକୁ ସହିବା ଯେ କେତେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରି ସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନଭରା କ୍ଷୋଭ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଡ଼ା ସୋରିଷର ଟାଙ୍କି**
**ଭଲା ଭାଇବୋହୂ ଆଣିଲି ଘରକୁ**
**ମଲି ମୁଁ କୁଣ୍ଡିଆ ରାମ୍ପି।**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ, ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ, ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ। ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ହର୍ମୁଜ୍ ଖୋଲିବାକୁ...

ଦେଇଥିବା ହେଜ୍‌ବୋଲ୍ଲାର ଆଡ୍ଡାଗୁଡ଼ିକ ଉପରେ ଟାର୍ଗେଟ କରୁଛୁ। ଏଥିରେ ଗୁରୁବାର ହେଜ୍‌ବୋଲ୍ଲା ନେତା ନଇମ୍ କାସେମ୍‌ଙ୍କ ଘନିଷ୍ଠ ସହଯୋଗୀ ଅଲୀ ୟୁସୁଫ୍ ହର୍ଶୀଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଏହାର ଏୟାର ଷ୍ଟ୍ରାଇକ୍‌ରେ ଅନେକ ଆବାସିକ ଓ ବ୍ୟବସାୟିକ କୋଠା ଧରାଶାୟୀ ହୋଇଯାଇଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ତେହରାନ୍ ଚୁକ୍ତି ମୁତାବକ ସର୍ତ୍ତ ପୂରଣ ନ କଲେ ଇରାନ୍ ଉପରେ ପୂର୍ବାପେକ୍ଷା ଆହୁରି ଜୋର୍‌ଦାର ଆକ୍ରମଣ କରାଯିବ। କିନ୍ତୁ ଅଦ୍ୟାବଧି କୌଣସି ପକ୍ଷ ପ୍ରତ୍ୟକ୍ଷ ଆଲୋଚନା କରି ନ ଥିବାରୁ ସେହି ସର୍ତ୍ତଗୁଡ଼ିକ ବର୍ତ୍ତମାନ ବିବାଦୀୟ ହୋଇ ରହିଛି। ଇସ୍ରାଏଲ୍ ଲେବାନନ୍‌କୁ ଚୁକ୍ତିରେ ସାମିଲ କରି ନ ଥିବାବେଳେ ଇରାନ୍‌ର ୟୁରାନିୟମ୍ ସମ୍ବର୍ଦ୍ଧନକୁ ନେଇ ମଧ୍ୟ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନାହିଁ। ଏପରି କି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଇରାନ୍ ବିପୁଳ ଅର୍ଥ ଆଦାୟ କରି ଯୁଦ୍ଧର କ୍ଷତି ଭରଣା କରିବାକୁ ଚାହୁଁଛି।

ଇରାନ୍‌ର ଆଣବିକ ଶକ୍ତି ସଂସ୍ଥା ମୁଖ୍ୟ ମହମ୍ମଦ ଏସ୍‌ଲାମି କହିଛନ୍ତି, ୟୁରାନିୟମ୍ ଏନ୍‌ରିଚ୍ ହେଉଛି ତେହରାନ୍‌ର ଅଧିକାର, ଯାହାକୁ ସୁରକ୍ଷା ଦେବା ଆମେରିକା ସହ ସିଜ୍‌ଫାୟାର ଆଲୋଚନା ପାଇଁ ଏକ ପ୍ରାକ୍ ଆବଶ୍ୟକତା। ସ୍ଥାୟୀ ଯୁଦ୍ଧବିରତି ପାଇଁ ତେହରାନ୍ ନିଜ ୧୦ ସୂତ୍ରୀ ଯୋଜନାରେ ୟୁରାନିୟମ୍ ସମ୍ବର୍ଦ୍ଧନ ପ୍ରସଙ୍ଗ ଉଲ୍ଲେଖ କରିଛି। ଆମେରିକା ଏହାକୁ ଅସ୍ୱୀକାର କଲେ ଶାନ୍ତି ଆଲୋଚନା ଆଗେଇ ନ ପାରେ। ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଉପରେ ଆଲୋଚନା ପାଇଁ ଏହା ହିଁ ଉପଯୁକ୍ତ ସମୟ। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି, ଲେବାନନ୍‌କୁ ଅସ୍ତ୍ରବିରତିରେ ସାମିଲ କରିବା ପାଇଁ ଆମେ ଅନୁରୋଧ କରିଥିଲୁ। କିନ୍ତୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପରବର୍ତ୍ତୀ ସମୟରେ ଲେବାନନ୍‌କୁ ଏଥିରୁ ବାଦ୍ ଦେଇଥିବାରୁ ଶାନ୍ତି ଆଲୋଚନା କେଉଁ ଆଡ଼କୁ ମୁହାଁଇବ ତାହା ଜଣାପଡୁନାହିଁ। ଇତିମଧ୍ୟରେ ନ୍ୟୁୟର୍କସ୍ଥିତ ଥିଙ୍କ୍‌ଟ୍ୟାଙ୍କ ସୌଫାନ୍ ସେଣ୍ଟର ଅସ୍ତ୍ରବିରତି ଡିଲ୍ ଭାଙ୍ଗିଯିବ ବୋଲି ସତର୍କ କରାଇଛି। ଯଦି ଲେବାନନ୍ ଆନୁଷ୍ଠାନିକ ଭାବେ ଡିଲ୍‌ରୁ ବାହାରେ ରହିଛି ତେବେ ଇସ୍ରାଏଲ୍‌ର ଷ୍ଟ୍ରାଇକ୍‌କୁ ଉତ୍ତେଜନା ବୃଦ୍ଧି ରୂପେ ଦେଖାଯାଇପାରେ ବୋଲି ଏକ ବିଶ୍ଳେଷଣାତ୍ମକ ରିପୋର୍ଟରେ ଉକ୍ତ ସଂସ୍ଥା ଉଲ୍ଲେଖ କରିଛି। ଲେବାନନ୍ ସରକାର ପରିଚାଳିତ ନ୍ୟାଶନାଲ ନ୍ୟୁଜ୍ ଏଜେନ୍ସି ଗୁରୁବାର ରିପୋର୍ଟ କରିଛି ଯେ, ଇସ୍ରାଏଲ୍‌ର ରାତିଅଧିଆ ଆକ୍ରମଣରେ ଅନେକ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସେହିପରି ଇରାନ୍ ସରକାର ସମର୍ଥିତ ନ୍ୟୁଜ୍ ଏଜେନ୍ସି ଆଇଏସ୍‌ଏନ୍‌ଏ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆରଜିସି) ପକ୍ଷରୁ ସି ମାଇନ୍ସ ବିଛାଯାଇଥିବା ସୂଚନା ଦେଇଛି। ତେବେ ଏହାର ସତ୍ୟାସତ୍ୟ ଜଣାପଡ଼ି ନାହିଁ। ଆମେରିକା ଉପରେ ଚାପ ସୃଷ୍ଟି ପାଇଁ ଉକ୍ତ ସଂସ୍ଥା ଏପରି କହୁଥିବା ଅନୁମାନ କରାଯାଉଛି। ତେବେ ଏଭଳି ପ୍ରତିକ୍ରିୟା ଓ ଜବାବୀ ମନ୍ତବ୍ୟ ଭିତରେ ହର୍ମୁଜ୍ ପ୍ରଣାଳୀରେ ତୈଳ ଓ ଗ୍ୟାସ୍ ପରିବହନକୁ ନେଇ ପୁଣି ଥରେ ଅନିଶ୍ଚିତତା ଘନେଇବାରେ ଲାଗିଛି।

## ତୈଳ ଦର ପୁଣି...

ବିଶ୍ୱର ଏକ ପ୍ରମୁଖ ତୈଳ ପରିବହନ ଚୋକ୍‌ପଏଣ୍ଟ। ଏହି ଜଳପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୩୦% କ୍ରୁଡ୍ ଅଏଲ୍ ଯାଇଥାଏ। କେପ୍‌ଲର ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଅସ୍ତ୍ରବିରତି ଘୋଷଣା କରାଯିବା ପରେ ମଧ୍ୟ ଏହି ଜଳପଥ ଦେଇ ଜାହାଜଗୁଡ଼ିକ ଯିବାକୁ ଚାହୁଁ ନାହାନ୍ତି। ହର୍ମୁଜ୍‌ରେ ଅଚଳାବସ୍ଥା ଯୋଗୁ ତୈଳ ଦର ପୁଣି ବଢ଼ିଛି। ଗୁରୁବାର ୟୁଏସ୍ କ୍ରୁଡ୍ ଅଏଲ୍ ମୂଲ୍ୟରେ ୬.୮% ବୃଦ୍ଧି ଘଟିଛି। ଏହା ବ୍ୟାରେଲ ପିଛା ୧୦୦.୭୯ ଆମେରିକୀୟ ଡଲାର ଅତିକ୍ରମ କରିଛି। ସେହିପରି ବ୍ରେଣ୍ଟ କ୍ରୁଡ୍‌ରେ ମଧ୍ୟ ୩.୭% ବୃଦ୍ଧି ଘଟିବାରୁ ଏହା ବ୍ୟାରେଲ ପିଛା ୯୮.୨୪ ଡଲାରରେ ବିକ୍ରି ହେଉଛି। ଯୁଦ୍ଧ ପୂର୍ବରୁ ବ୍ରେଣ୍ଟ ମୂଲ୍ୟ ୭୦ ଡଲାର ଥିବାବେଳେ ସଂଘର୍ଷ ବେଳେ ସର୍ବାଧିକ ୧୧୯ ଡଲାରକୁ ବଢ଼ିଥିଲା। ବର୍ତ୍ତମାନର ସ୍ଥିତି ଲାଗି ରହିଲେ ତୈଳ ମୂଲ୍ୟ ପୁଣି ଆକାଶଛୁଆଁ ହୋଇପାରେ ବୋଲି ବଜାର ବିଶେଷଜ୍ଞ ମତ ଦେଉଛନ୍ତି।

ଭାରତୀୟ ଶେୟାର ବଜାର ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନିଫ୍ଟି ୨୨୫ ପଏଣ୍ଟ (୦.୯୩%) ହ୍ରାସ ପାଇ ୨୩,୭୭୫କୁ ଖସିଥିବାବେଳେ ସେନ୍‌ସେକ୍ସ ୯୫୦ (୧.୨%) ପଏଣ୍ଟ ହ୍ରାସ ପାଇ ୭୬,୬୩୧କୁ ଖସିଛି। ବିଗତ ୫ ସେସନ୍‌ର ଲାଭ ଦିନକରେ ଉଭାନ୍ ହୋଇଯାଇଛି। ବିଦେଶୀ ସଂସ୍ଥାଗତ ନିବେଶକ ୧,୭୧୧ କୋଟି ଟଙ୍କାର ଷ୍ଟକ୍ସ ବିକ୍ରି କରିଥିବାବେଳେ ଭାରତୀୟ ନିବେଶକମାନେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଦ୍ୱିଜା ନକ୍ଷତ୍ରର ମନ ହର୍ଷିତ ରହିବ। ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଉତ୍ସହ, ଉଦ୍ଦୀପନା ବୃଦ୍ଧି ପାଇପାରେ। ପରିସ୍ଥିତିବଶତଃ ଅର୍ଥ ସଂକଟ ମଧ୍ୟରେ ଆକସ୍ମିକ ଯାତ୍ରାକରିବାକୁ ବାଧ ହୋଇଶପାରନ୍ତି। ବିଶେଷ ଭ୍ରମଣ ଜନିତ ଶାରିରୀକ କ୍ଲାନ୍ତି ଓ ଅବସାଦ ଅନୁଭବ କରିବେ।

**ବୃଷ**
କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ରର ବିବାଦୀୟ ସ୍ଥିତି ଶୀଘ୍ର ସମାଧାନ ହୋଇଯିବ। ବନ୍ଧୁଙ୍କ ଅକୁଣ୍ଠ ସାହାଯ୍ୟ ଓ ସମର୍ଥନ ଆପଣଙ୍କ ଆଶା ପୂରଣରେ ସହାୟକ ହୋଇପାରେ। ଆଜି ହଠାତ୍ ଆନୁମାନିକ କାମ ସକାଶେ ଧାଁ ଦଉଡ କରିବାର ସୂଚନା ରହିଛି। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ**
ଆନୁଷଙ୍ଗିକ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ ସମସ୍ୟା ବଢିଯିବ। ଆର୍ଦ୍ରା ନକ୍ଷତ୍ର ସଂକୋଚ ବଶତଃ ବନ୍ଧୁଙ୍କୁ ମନକଥା କହିପାରିବେ ନାହିଁ। କାର୍ଯ୍ୟସିଦ୍ଧିରେ ବିଫଳତାରୁ ନିକଟରେ ରହୁଥିବା ବ୍ୟକ୍ତିଙ୍କୁ ସନ୍ଦେହ କରିପାରନ୍ତି। ଜମିଜମା ବିବାଦ, ଆଇନ, ଅଦାଲତ କ୍ଷେତ୍ରରେ ତଥା ମାଲିମକଦ୍ଦମାର ବିଚାର ସପକ୍ଷରେ ଯାଇପାରେ।

**କର୍କଟ**
ବ୍ୟୟସ୍ଥାନରେ ବୃହସ୍ପତି ବିଭିନ୍ନ ସ୍ଥାନ ଭ୍ରମଣରେ ବ୍ୟସ୍ତ କରାଇପାରନ୍ତି। ହାତକୁ ନେଇଥିବା କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ଆଶା କରିବେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହୋଇଯିବ। ଅଶ୍ଳେଷା ନକ୍ଷତ୍ରକୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ମଘା ନକ୍ଷତ୍ର ସକାଶେ ମନ ଅନୁଯାୟୀ କାମ ନ ହୋଇପାରିବାରୁ ବିଚଳିତ ହେବେ। ପାରିବାରିକ କ୍ଷେତ୍ରରେ ମନ କଥା ମନରେ ରଖି କେତେକ କାମ କରିବାକୁ ବାଧ୍ୟ ହେବେ। ଟଙ୍କା ପଇସା ଯୋଗାଡ ସକାଶେ ଫନ୍ଦିଫିକର କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ବନ୍ଧୁମିଳନ ପରିସରରେ ହସ୍ତା ନକ୍ଷତ୍ର ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ସାହାଯ୍ୟ ନେଇ କାମ କଲେ ମଧ୍ୟ ଶାନ୍ତି ପାଇବେ ନାହିଁ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା**
ସ୍ୱାତୀ ନକ୍ଷତ୍ର ଅର୍ଥ, ଜମିଜମା, କଳକବ୍‌ଜା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କାରଣକୁ ନେଇ ମନରେ ସୁଖ, ସୌହାର୍ଦ୍ଦ୍ୟ ରହିବ ନାହିଁ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି।

**ବିଛା**
ଆଜି ଯାତ୍ରା, ବାଣିଜ୍ୟ, ସମସ୍ୟା ସମାଧାନ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ଅତୀତ ଘଟଣା ମନକୁ ଆନ୍ଦୋଳିତ କରିବ। ପାରିବାରିକ ପ୍ରତିରୋଧ ସ୍ୱକୀୟ ଚିନ୍ତାଧାରା ଓ କାମକୁ ବିଶୃଙ୍ଖଳିତ କରିପାରେ। ଜ୍ୟେଷ୍ଠା ନକ୍ଷତ୍ରର ରାଜନୈତିକ କାରଣକୁ କେନ୍ଦ୍ରକରି ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ**
ଉତ୍ତରାଷାଢ଼ା ନକ୍ଷତ୍ରର କଠିନ ଶ୍ରମଜନିତ ସ୍ୱାସ୍ଥ୍ୟ ବିଗିଡ଼ିଯାଇପାରେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ ଶତ୍ରୁତା ସମସ୍ୟାକୁ ବଢ଼ାଇଦେବ। ମତଭେଦ କାରଣରୁ ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାର ସମାଧାନ ହୋଇ ନ ପାରେ। କ୍ରୀଡ଼ା, କାରିଗରି, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ମକର**
ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ, ଆଇନ, ଅଦାଲତ ସମ୍ବନ୍ଧୀୟ କ୍ଷେତ୍ରରେ ସଫଳତା ମିଳିବ। ଅର୍ଥବ୍ୟୟ ଏବଂ ଶ୍ରମ ବିନିଯୋଗ କରି ବନ୍ଧୁଙ୍କ ସାହାଯ୍ୟରେ କାମ ହାସଲ କରିବେ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ମାନସିକ ସଂଯମତା କାର୍ଯ୍ୟକ୍ଷେତ୍ରରେ ସହାୟକ ହେବ। ଦୀର୍ଘଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଶତଭିଷା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ**
ରେବତୀ ନକ୍ଷତ୍ର ସକାଶେ ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ରହଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କର କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଈର୍ଷାପରାୟଣ ବନ୍ଧୁମାନଙ୍କ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି।

ଆଜି ଏପ୍ରିଲ ୧୦ ତାରିଖ, ଡା. ହ୍ୟାନିମାନ୍‌ଙ୍କ ଜୟନ୍ତୀ, ସମରକବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ଅଷ୍ଟମୀ ଶୁକ୍ରବାର, ଶ୍ରୀମନ୍ଦିରରେ ରାମାଭିଷେକ। ରାଶିନକ୍ଷତ୍ର–ଦିବା ଘ. ୧୧।୨୭ ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିଦ୍ୟାରମ୍ଭ ଓ ବ୍ରତୋପନୟନ ପାଇଁ ଶୁଭଦିନ। ସକାଳ ଘ.୦୫।୩୬ ଗତେ ଘ.୦୬।୨୬ ମଧ୍ୟେ, ଘ.୦୭।୧୫ ଗତେ ଘ.୦୮।୪୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୫ ଗତେ ଘ. ୧୧।୪୮ ମଧ୍ୟେ ରାହୁ କାଳ।

# ଲୋକଙ୍କ ଉପରେ ଦମନଲୀଳା ବରଦାସ୍ତ କରାଯିବ ନାହିଁ: ବିଜେଡି



ରାୟଗଡା ଜିଲା କାଶୀପୁର ବ୍ଲକ୍ କଣ୍ଟାମାଳ ଗ୍ରାମରେ ଗୁରୁବାର ବିଜେଡି ଟିମ୍ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ବେଦାନ୍ତ ପାଇଁ ଲୋକଙ୍କୁ ଦମନ ଘଟଣା

ରାୟଗଡ଼ା,୯।୪(ଆଶିଷ ରଞ୍ଜନ ପଣ୍ଡା)

ବେଦାନ୍ତ ପାଇଁ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଉତ୍ତେଜନା ଲାଗିରହିଛି। ସିଜିମାଳି ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗାଁଗୁଡ଼ିକର ସ୍ଥିତି ଅନୁଧ୍ୟାନ ପାଇଁ ଗୁରୁବାର ବିଜେଡି ଟିମ୍ ସେଠାରେ ପହଞ୍ଚିଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ନେତାମାନେ ଶାଗବାରୀ ଓ କଣ୍ଟାମାଳ ଗ୍ରାମକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଜଗନ୍ନାଥ ସାରକା ଓ ପୂର୍ବତନ ଏମ୍‌ପି ଝିନ୍ନ ହିକ୍କାଙ୍କ ନେତୃତ୍ୱରେ ଉକ୍ତ ଟିମ ଉଭୟ ଗାଁ ଗସ୍ତ କରି ସମସ୍ତ ଘଟଣା ବିଷୟରେ ପଚାରି ବୁଝିଥିଲେ। ବେଦାନ୍ତର ଗୁଣ୍ଡା ସାଜି ପୋଲିସ କିଭଳି ଅଞ୍ଚଳବାସୀଙ୍କୁ ବନ୍ଧୁକ ଓ ଗିରଫ ଭୟ ଦେଖାଇ ଅତ୍ୟାଚାର କରୁଛି, ସେ ସମ୍ପର୍କରେ ଗ୍ରାମବାସୀ ବିଜେଡି ନେତାଙ୍କୁ କହିଥିଲେ। ତେଣୁ ସିଜିମାଳି ଖଣି ଖନନ ଯୋଜନା ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଭୟମୁକ୍ତ ଅଞ୍ଚଳ ଭାବେ ଆମେ ବଞ୍ଚିବା ପାଇଁ ଚାହୁଁ ବୋଲି ଉଭୟ ଗାଁ ଲୋକ ଦାବି କରିଥିଲେ। ଏଥିସହ ସିଜିମାଳି ବକ୍ସାଇଟ୍ ଖଣି ଖନନ ନେଇ ପୁନର୍ବାର ଗ୍ରାମସଭା କରିବା ପାଇଁ ଗ୍ରାମବାସୀ ବିଜେଡି ନେତାଙ୍କ ନିକଟରେ ଦାବି କରିଥିଲେ। ଲୋକଙ୍କ ସୁରକ୍ଷା ବଦଳରେ ପୋଲିସ ଗୋଟିଏ କମ୍ପାନୀର ଗୁଣ୍ଡା ସାଜିଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଲୋକଙ୍କ ଉପରେ ଦମନଲୀଳା ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ଦାବି ଅନୁସାରେ ପୁନର୍ବାର ଗ୍ରାମସଭା କରିବା ଆମର ମଧ୍ୟ ଦାବି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଉଭୟ ଗାଁ ଲୋକଙ୍କଠାରୁ ସମସ୍ତ କଥା ଶୁଣିବା ପରେ ସେ ସମ୍ବନ୍ଧୀୟ ଏକ ରିପୋର୍ଟ ରାତି ସୁଦ୍ଧା ପ୍ରସ୍ତୁତ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ ବୋଲି ଗସ୍ତରେ ଆସିଥିବା ବିଜେଡି ଟିମ୍ ପକ୍ଷରୁ କୁହାଯାଇଛି। ପୋଲିସ ଓ ଜନତାଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧ ଘଟଣାକୁ ବିଜେଡି ନେତାମାନେ ନିନ୍ଦା କରିବା ସହ ରାଜ୍ୟ ଭାଜପା ସରକାର ସମେତ କୋରାପୁଟ ଏମ୍‌ପି ଓ ରାୟଗଡ଼ା ବିଧାୟକଙ୍କୁ ମଧ୍ୟ ନିନ୍ଦା କରିଛନ୍ତି।

ଏହି ଟିମ୍‌ରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ରଘୁନାଥ ଗମାଙ୍ଗ, ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ନାରୀ ନେତ୍ରୀ ଅନୁସୟା ମାଝୀ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ସାମିଲ ଥିଲେ।

ଅନ୍ୟପଟେ ପୋଲିସ ପକ୍ଷରୁ ଛଡ଼ାଯାଇଥିବା ଲୁହବୁହା ଗ୍ୟାସ୍‌ର ଗନ୍‌ଗୁଡ଼ିକ ଗାଁ ଲୋକେ ବିଜେଡି ନେତାଙ୍କୁ ଦେଖାଇଥିଲେ। ବର୍ତ୍ତମାନ ମଧ୍ୟ ଅଞ୍ଚଳବାସୀଙ୍କ ମନରେ ଏକ ପ୍ରକାର କୋକୁଆ ଭୟ ଲାଗି ରହିଛି। ହେଲେ ପ୍ରଶାସନ ଆଗେ ଆଲୋଚନା କରୁ ଓ ଅଞ୍ଚଳରେ କାରଖାନା ସ୍ଥାପନ କରି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉ, ନଚେତ୍ କାହାକୁ ମଧ୍ୟ ଖଣି ଦେବୁ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।




# ୯୦ ଇଡବ୍ଲ୍ୟୁଏସ୍‌ଙ୍କୁ ମିଳିବ ୧୫ଲକ୍ଷ ଟଙ୍କିଆ ଆବାସ

ଭୁବନେଶ୍ୱର,୯।୪(ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱରରେ ଘର ଖଣ୍ଡିଏ ପାଇବା ପାଇଁ ଚାହିଁ ରହିଥିବା ଆର୍ଥିକ ଅନୁନ୍ନତ ବର୍ଗ(ଇଡବ୍ଲୁଏସ୍)ଙ୍କ ଆଶା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ସରକାରଙ୍କ ଘୋଷଣାକ୍ରମେ ପଟିଆରେ ପ୍ରଥମ ପର୍ଯ୍ୟାୟରେ ୯୦ଟି ଇଡବ୍ଲୁଏସ୍ ଆବାସ ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। ଯେଉଁମାନେ ୧୫ଲକ୍ଷ ଟଙ୍କାରେ ଘର କିଣିବାକୁ ଆଗ୍ରହ ପ୍ରକାଶ କରିବେ ସେମାନେ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ। ଆସନ୍ତା ସପ୍ତାହକ ମଧ୍ୟରେ ଏନେଇ ବିଧିବଦ୍ଧ ଘୋଷଣା ହେବ ବୋଲି ବିଡିଏ ସମ୍ପାଦକ ମାନସ ରଞ୍ଜନ ପାଢ଼ୀ ସୂଚନା ଦେଇଛନ୍ତି।

ପାଢ଼ୀଙ୍କ ସୂଚନା ଅନୁଯାୟୀ, ସରକାରଙ୍କ ଘୋଷଣାକୁ ଗୁରୁତ୍ୱ ଦେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ଜୋରଦାର ଆରମ୍ଭ ହୋଇଛି। ବିଡିଏ ପକ୍ଷରୁ ଏଥିପାଇଁ ୪ଟି ସ୍ଥାନରେ ଜମି ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପଟିଆ ଅଞ୍ଚଳରେ ୯୦ଟି ଆବାସ ଏହି ବର୍ଗଙ୍କୁ ଯୋଗାଇ ଦିଆଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ୧୫ଲକ୍ଷ ଟଙ୍କାରେ ୬୦୦ ବର୍ଗଫୁଟ୍ ଜମି ପରିମିତ ଅଞ୍ଚଳରେ ଆବାସ ମିଳିବ। ଏହାଦ୍ୱାରା ରାଜଧାନୀରେ ଅପେକ୍ଷା କରି ରହିଥିବା ଦୁର୍ବଳ ବର୍ଗ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ ବୋଲି ସମ୍ପାଦକ କହିଛନ୍ତି।

# ଆଜି ସିଜିମାଳି ଯିବ କଂଗ୍ରେସ ତଥ୍ୟାନୁସନ୍ଧାନ କମିଟି

ଭୁବନେଶ୍ୱର,୯।୪ (ରବିନାରାୟଣ ଜେନା)

ରାୟଗଡ଼ାସ୍ଥିତ ସିଜିମାଳିରେ ପୋଲିସ ଯେଉଁଭଳି ଭାବେ ଦମନଲୀଳା ଚଳାଇଛି ତାହା ବନ୍ଦ କରୁ, ନଚେତ୍ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

ପିସିସି ରାଜ୍ୟ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଏହି ପ୍ରକଳ୍ପରେ ପ୍ରଭାବିତ ହେଉଥିବା ଲୋକଙ୍କ ସ୍ୱାର୍ଥ ହିଁ କଂଗ୍ରେସର ସବୁଠୁ ବଡ଼ ଲକ୍ଷ୍ୟ। ଆଗକୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ହେବ। ପୋଲିସ ଦମନଲୀଳା କରିବାକୁ ସୁଯୋଗ ପାଇବ ନାହିଁ। ୫ ବର୍ଷର ଶାନ୍ତିପୂର୍ଣ୍ଣ ଲଢ଼େଇ ଦ୍ୱାରା କିପରି ନ୍ୟାଯ୍ୟଦାବି ହାସଲ କରାଯାଇପାରେ, ନିୟମଗିରି ତା'ର ଏକ ଉଦାହରଣ। କେବଳ ନିୟମଗିରି ନୁହେଁ, ଛେଣ୍ଡିପଦାରେ ମଧ୍ୟ ଖଣି ଦ୍ୱାରା ବାସ୍ତୁହରା ହେଉଥିବା ଲୋକଙ୍କ ଆନ୍ଦୋଳନକୁ କଂଗ୍ରେସ ବଳ ଦେଇଛି। ଓଡ଼ିଶାରେ ଯେତେବେଳେ ବି ଯେଉଁଠି ଖଣିଜ ସମ୍ପଦ ଉତ୍ତୋଳନ କିମ୍ବା ଶିଳ୍ପାୟନ ହୋଇଛି, ବିସ୍ଥାପନ ସମସ୍ୟାର ସହଜ ସମାଧାନର ରାସ୍ତା କୌଣସି ସରକାର କିମ୍ବା ପ୍ରଶାସନ ବାହାର କରିବା ପାଇଁ ଆନ୍ତରିକତା ଦେଖାଇ ନାହାନ୍ତି। ଖଣିଜ ଉତ୍ତୋଳନରେ ଖୋଦ୍ ସରକାରଙ୍କ ସମ୍ପୃକ୍ତି ରହୁଥିବାରୁ ରାଜ୍ୟରେ କୌଣସି ପ୍ରକଳ୍ପରେ 'ପେସା' ଆଇନ କାର୍ଯ୍ୟକାରୀ ହୋଇପାରୁନାହିଁ।

ସଂପ୍ରତି ସିଜିମାଳିରେ ଘଟିଥିବା ହିଂସାକାଣ୍ଡକୁ କଂଗ୍ରେସ ଦୃଢ଼ ନିନ୍ଦା କରିବା ସହ ଏହି ଘଟଣା ଅନୁଧ୍ୟାନ କରିବା ପାଇଁ ପିସିସି ତଥ୍ୟାନୁସନ୍ଧାନ କମିଟି ଶୁକ୍ରବାର ଉକ୍ତ ଅଞ୍ଚଳ ପରିଦର୍ଶନ କରିବ। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି ତଥ୍ୟାନୁସନ୍ଧାନ କମିଟିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଅଧ୍ୟକ୍ଷ ରହିଥିବାବେଳେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ସହ-ଅଧ୍ୟକ୍ଷ ରହିଛନ୍ତି। ଏହାସହିତ ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ସତ୍ୟଜିତ ଗମାଙ୍ଗ, ପବିତ୍ର ସାଉଁତା, ମଙ୍ଗୁ ଖିଲ୍ଲ, ପିସିସି ଜନଜାତି ବିଭାଗର ଅଧ୍ୟକ୍ଷ ଯଶବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ବରିଷ୍ଠ କଂଗ୍ରେସ ନେତ୍ରୀ ରତ୍ନମଣି ଉଲାକା ଓ ଅମିତା ବିଶ୍ୱାଳ ପ୍ରମୁଖ ସଦସ୍ୟ ଅଛନ୍ତି।

# ନୂଆଦିଲ୍ଲୀରେ ଜେଇଇ ଆଡ୍‌ଭାନ୍ସଡ୍ କୋଚିଂ ନେବେ ୮ ଇଏମ୍‌ଆର୍‌ଏସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୯।୪(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଚଳିତ ଜେଇଇ ମେନ୍ ୨୦୨୬ (ଫେଜ୍-୧)ରେ ୧୧ ଛାତ୍ରୀଛାତ୍ର ସଫଳତାର ସହ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କୁ ନୂଆଦିଲ୍ଲୀର ଜାତୀୟ ଜନଜାତି ଛାତ୍ର ସମାଜ (ଏନ୍‌ଇଏସ୍‌ଟିଏସ୍) ଅଧୀନରେ ସ୍ୱତନ୍ତ୍ର ଜେଇଇ ଆଡ୍‌ଭାନ୍ସଡ୍ କୋଚିଂ ପାଇଁ ମନୋନୀତ କରାଯାଇଛି। ଇଏମ୍‌ଆର୍‌ଏସ୍ କରଞ୍ଜିଆ (ମୟୂରଭଞ୍ଜ) ଓ ଲହୁଣିପଡ଼ା(ସୁନ୍ଦରଗଡ଼)ରୁ ୩ ଜଣ ଲେଖାଏ ଏବଂ ଇଏମ୍‌ଆର୍‌ଏସ୍ ରାଙ୍କି (କେନ୍ଦୁଝର) ଓ ମୟୂରଭଞ୍ଜ ବାଙ୍ଗିରିପୋଷିରୁ ଜଣେ ଲେଖାଏ ଛାତ୍ରୀଛାତ୍ର ରହିଛନ୍ତି। ସେମାନ ଶିକ୍ଷୟିତ୍ରୀ ପ୍ରିୟଙ୍କା କୁମାରୀଙ୍କ ସହିତ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପଦକ୍ଷେପ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଦେଶବ୍ୟାପୀ ପ୍ରମୁଖ ଇଞ୍ଜିନିୟରିଂ ପ୍ରତିଷ୍ଠାନରେ ଗୁଣାତ୍ମକ ଶିକ୍ଷା ଏବଂ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବ। ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମାଜର ଯୁଗ୍ମ ନିର୍ଦ୍ଦେଶକ ପ୍ରଣତି ପାତ୍ର ଆଦିବାସୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିବାରୁ ଏନ୍‌ଇଏସ୍‌ଟିଏସ୍ କମିଶନର ଅଜିତ କୁମାର ଶ୍ରୀବାସ୍ତବଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଇଏମ୍‌ଆର୍‌ଏସ୍ କରଞ୍ଜିଆର ଅଭିଶ ଆଲାମ ଜେଇଇ ମେନ୍‌ରେ ୯୭.୫୦ ପ୍ରତିଶତ ନମ୍ବର ରଖିଛନ୍ତି। ଅନ୍ୟ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଇଏମ୍‌ଆର୍‌ଏସ୍ ରାଙ୍କିରୁ ରିଙ୍କିରାଣୀ ନାଏକ, ସୁନୀଲ କୁମାର ନାଏକ ଏବଂ ସୁନିଆ ହେମ୍ବ୍ରମ, ଇଏମ୍‌ଆର୍‌ଏସ୍ କରଞ୍ଜିଆରୁ ସାମୁ ପଲେଇୟା, ଇଏମ୍‌ଆର୍‌ଏସ୍ ଲହୁଣିପଡ଼ାରୁ ଇଷ୍ଟିଫାନ ହେମ୍ବ୍ରମ, ପୂଜାରାଣୀ କିଷାନ, ଦୀପା କିଷାନ, ରବିନ ଓରାମ ଏବଂ ସାଲଖୁ ହେମ୍ବ୍ରମ ରହିଥିବା ବେଳେ ଇଏମ୍‌ଆର୍‌ଏସ୍ ବାଙ୍ଗିରିପୋଷିରୁ ଠାକୁର ମୁର୍ମୁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି।

# ଶନିବାରଠାରୁ ବଢ଼ିବ ଖରା

## ୧୧ଜିଲାକୁ ୫ଦିନ ପାଇଁ ହିଟ୍ ୱେଭ୍ ୱାର୍ନିଂ

ଭୁବନେଶ୍ୱର, ୯।୪(ବନ୍ଦନା ସେଠୀ)

ରାଜ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ଜାରି ରହିଛି। ଏଥିଯୋଗୁ ତାପମାତ୍ରା କମିବା ସହ ଲୋକେ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ମାତ୍ର ଶୁକ୍ରବାରଠାରୁ ରାଜ୍ୟରେ ପାରଦ ପୁଣି ଉପରମୁହାଁ ହେବ। ଦୁଇଦିନ ମଧ୍ୟରେ ୪ରୁ ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ବିଶେଷକରି ଶନିବାର ୧୧ ତାରିଖରୁ ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଉପକୂଳ ଓଡ଼ିଶା ଗରମ ଓ ଗୁଳୁଗୁଳିରେ ଛଟପଟ ହେବ। ଏଥିପାଇଁ ୧୧ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲା ଖଇରାଠାରେ ସର୍ବାଧିକ ୮୭ ମି.ମି. ବର୍ଷା ହୋଇଛି। ସେହିପରି କଟକ ଜିଲା ବାଙ୍କୀଠାରେ ୬୫ ମି.ମି., କେନ୍ଦ୍ରାପଡ଼ା ଜିଲା ଗରଦପୁରରେ ୬୪ ମି.ମି., କେନ୍ଦୁଝର ଜିଲା ଘଷିପୁରାରେ ୫୩ ମି.ମି., ନୟାଗଡ଼ ଜିଲା ରଣପୁରରେ ୪୬.୨ ମି.ମି., ପୁରୀ ଜିଲା କୃଷ୍ଣପ୍ରସାଦଠାରେ ୪୩.୫ ମି.ମି, ନିମାପଡ଼ାରେ ୪୨ ମି.ମି., ଖୋର୍ଦ୍ଧା ଜିଲା ଟାଙ୍ଗୀରେ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

# ସସ୍ମିତଙ୍କ ଇସ୍ତଫାକୁ ଗ୍ରହଣ କଲେ ନବୀନ

## ରାଜ୍ୟ ସଭାରେ ନୂଆ ସଂସଦୀୟ ଦଳ ନେତା କିଏ ହେବେ ତାହାକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୯।୪(ସୁନିତ୍ ମିଶ୍ର)

ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ଏମ୍‌ପି ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି ନା ନାହିଁ, ତାହା ନେଇ ଏକ ପ୍ରକାର ସନ୍ଦେହ ରହିଥିଲା। କାରଣ ସସ୍ମିତ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ତାଙ୍କ ପଦ ଛାଡୁଥିବା ନେଇ ଇସ୍ତଫାପତ୍ର ପ୍ରଦାନ କରିଥିବା ସଂକ୍ରାନ୍ତରେ ଚର୍ଚ୍ଚା ହୋଇଥିଲା। ହେଲେ ତାଙ୍କ ଇସ୍ତଫାପତ୍ର କାହା ପାଖରେ ନ ଥିଲା। ଏପରିକି ଦଳର କୌଣସି ନେତା ଏକଥାକୁ ନେଇ ସ୍ପଷ୍ଟ କରି ନ ଥିଲେ। କିନ୍ତୁ ଗୁରୁବାର ଏହି କଥା ଉପରୁ ପରଦା ଉଠି ଚର୍ଚ୍ଚା ସତ୍ୟ ବୋଲି ପ୍ରମାଣିତ ହୋଇଛି। ସସ୍ମିତ ଦେଇଥିବା ଇସ୍ତଫାପତ୍ର ଗ୍ରହଣ କରୁଛି ବୋଲି ଯେତେବେଳେ ନବୀନ ଗଣମାଧ୍ୟମକୁ ଏକ ମେସେଜ୍ ମାଧ୍ୟମରେ ଜଣାଇଲେ ତା'ପରେ ଏହି କଥାର ସ୍ପଷ୍ଟୋକ୍ତି ମିଳିଛି। ଅନ୍ୟପକ୍ଷରେ ଏହି ପଦରେ ଦଳ ଏବେ କାହାକୁ ବସାଇବ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

ସୂଚନା ମୁତାବକ, ବିଜେଡିର ଅନ୍ୟ ସବୁ ରାଜ୍ୟ ସଭା ସଦସ୍ୟ ସସ୍ମିତଙ୍କୁ ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ହଟାଇବା ଲାଗି ନବୀନଙ୍କୁ ଚିଠି ଲେଖିଥିଲେ। ୱକଫ୍ ବିଲ୍ ସମୟରେ ସସ୍ମିତ ବିବେକାନୁମୋଦିତ ଭୋଟ୍ ବିଜେଡି ଦେବ ବୋଲି କହିଥିଲେ। ଏହି ବିଷୟକୁ ନେଇ ସେ ସମୟରେ ତୁମ୍ବିତୋଫାନ ହୋଇଥିଲା। ସସ୍ମିତଙ୍କୁ ଦଳର ବହୁ ନେତା ସମାଲୋଚନା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ସେହିପରି ବିଜୁ ପଟ୍ଟନାୟକଙ୍କୁ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅସମ୍ମାନିତ କରିବା ପରେ ରାଜ୍ୟ ସଭାରେ ସସ୍ମିତ ଦେଇଥିବା ମନ୍ତବ୍ୟକୁ ନେଇ ଦଳର ଅନ୍ୟ ଏମ୍‌ପିମାନେ ବିରକ୍ତ ହୋଇଯାଇଥିଲେ ବୋଲି ଶୁଣିବାକୁ ମିଳୁଛି, ଯେଉଁଥିଲାଗି ସସ୍ମିତଙ୍କ ପାଇଁ ରାଜ୍ୟ ସଭା ଭିତରେ ଯେଭଳି ଢଙ୍ଗରେ ବିରୋଧ କରାଯିବା କଥା ତାହା ହୋଇପାରି ନ ଥିଲା ବୋଲି କେତେଜଣ ଏମ୍‌ପି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଥିଲେ।

# ଧରମପୁରରେ ରୁଙ୍ଗ୍‌ଟା ସନ୍ସକୁ ଜୋର୍‌ଦାର ବିରୋଧ

## ତାଳଚେରରେ କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ପାଇଛି ଘରୋଇ କମ୍ପାନୀ




ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଧରମପୁର ପଞ୍ଚାୟତବାସୀ।

ତାଳଚେର,୯।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକର ଧରମପୁର ଏବଂ କର୍ଣ୍ଣିଳି ପଞ୍ଚାୟତରେ କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ପାଇଥିବା ଘରୋଇ କମ୍ପାନୀ ରୁଙ୍ଗ୍‌ଟା ସନ୍ସକୁ ଗୁରୁବାର ଜୋର୍‌ଦାର ବିରୋଧ କରାଯାଇଛି। କୌଣସି ପରିସ୍ଥିତିରେ ଏକ ଘରୋଇ କମ୍ପାନୀକୁ ଜମି ଦିଆଯିବ ନାହିଁ ବୋଲି କର୍ଣ୍ଣିଳି ଓ ଧରମପୁର ପଞ୍ଚାୟତର ଲୋକମାନେ ଅଡ଼ି ବସିଛନ୍ତି। ଏପରି କି ବୋରୱେଲ୍ ସର୍ଭେ ଓ ଡ୍ରିଲିଂ ନିମନ୍ତେ ଆସିଥିବା ଗାଡ଼ିକୁ ଧରମପୁର ପଞ୍ଚାୟତବାସୀ ଫେରାଇଦେବା ସହ ଏ ନେଇ ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି।

ଧରମପୁର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି, କୋଇଲା ଉତ୍ତୋଳନ ପାଇଁ ଟେଣ୍ଡର ନେଇଥିବା ଘରୋଇ କମ୍ପାନୀକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଆସୁଛନ୍ତି। ହେଲେ କମ୍ପାନୀର ଅଧିକାରୀ ଗ୍ରାମବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି କେତେଜଣ ଲୋକଙ୍କୁ ନେଇ ବୈଠକ କରିବା ସହ ବୋରୱେଲ୍ କାମ କରିବାକୁ ଚାହୁଁଛନ୍ତି। ଗୁରୁବାର କମ୍ପାନୀର ୨ଟି ବୋର୍‌ୱେଲ୍ ଗାଡ଼ି କେତେଜଣ ଲୋକଙ୍କ ସହଯୋଗରେ ଡ୍ରିଲିଂ କରିବାକୁ ଧରମପୁର ଆସିଥିବାବେଳେ ଅଞ୍ଚଳବାସୀ ବିରୋଧ କରି ତାହାକୁ ଫେରାଇ ଦେଇଥିଲେ। ପୂର୍ବରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ୨ ପଞ୍ଚାୟତବାସୀ ରାଜି ନ ହେଲେ ଡ୍ରିଲିଂ ହେବନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତଥାପି କେତେଜଣ ବ୍ୟକ୍ତି କମ୍ପାନୀ ଅଧିକାରୀଙ୍କ ସହ ହାତ ମିଳାଇ ବର୍ତ୍ତମାନ ଧରମପୁର ଅଞ୍ଚଳରେ ଡ୍ରିଲିଂ କାର୍ଯ୍ୟ କରିବାକୁ ଉଦ୍ୟମ କରୁଛନ୍ତି। ଏ ନେଇ ଧରମପୁର ପଞ୍ଚାୟତବାସୀ ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ କମ୍ପାନୀ ଓ ପଞ୍ଚାୟତର କେତେଜଣ ଲୋକଙ୍କୁ ନେଇ ଉପଜିଲାପାଳ ବୈଠକ କରିଥିଲେ। ଧରମପୁର ପଞ୍ଚାୟତର ଅଧିବାସୀଙ୍କ ଉପସ୍ଥିତିରେ ଏହି ବୈଠକ ହେଉ ବୋଲି ପଞ୍ଚାୟତବାସୀ କହିବା ପରେ ୩ଟି ଗ୍ରାମରୁ ପ୍ରାୟ ୫୦୦ରୁ ଅଧିକ ମହିଳା ପୁରୁଷଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଅଧ୍ୟକ୍ଷତା କରି ପଞ୍ଚାୟତବାସୀ ରାଜି ନ ହେଲେ ଡ୍ରିଲିଂ କାମ ଆରମ୍ଭ ହୋଇପାରିବ ନାହିଁ ବୋଲି କମ୍ପାନୀ ଅଧିକାରୀଙ୍କୁ କହିଥିଲେ। ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଲୋକେ ରାଜି ହେବାପରେ ଡ୍ରିଲିଂ କରାଯିବ ବୋଲି ଉପଜିଲାପାଳ କହିଥିବା ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଏହି ବୈଠକରେ ତହସିଲଦାର ଅଲଫା ଜେନା, ଏସ୍‌ଡିପିଓ ଭରତ ସାହୁ, ରୁଙ୍ଗ୍‌ଟା କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।




ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ



# ସଙ୍କଟରୁ ପରିବର୍ତ୍ତନର ଆଶା



ଚିଆରା କରଡେଲି

ଆମେ ଏବେ ଏକ ନିରର୍ଥକ ଯନ୍ତ୍ରଣା ଏବଂ ଆସନ୍ନ ବିନାଶର ପୃଥିବୀରେ ବାସ କରୁଛୁ। ଏଠାରେ ନୈତିକ ବିକାଶ ଧାରଣା ମୂଲ୍ୟହୀନ ହୋଇଯାଇଥିବା ମନେହେଉଛି। ସମସାମୟିକ ସମାଜ ଏବେ ଦୁଇଟି ସଙ୍କଟରେ ପଡ଼ିଯାଇଛି। ଗୋଟିଏ ହେଉଛି ଗଣତନ୍ତ୍ର ବିରୋଧୀ ଶକ୍ତିର ଉତ୍‌ଥାନ ଏବଂ ଅନ୍ୟଟି ଜଳବାୟୁ ପରିବର୍ତ୍ତନ। ଦକ୍ଷିଣପନ୍ଥୀ ରାଜନୈତିକ ଦୃଷ୍ଟିକୋଣ ଦ୍ୱାରା ବୃଦ୍ଧି ପାଉଥିବା ଏକଛତ୍ରବାଦ ବିଚାରଧାରା ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଗଣତାନ୍ତ୍ରିକ ଦେଶ ଆମେରିକାରେ ମଧ୍ୟ ଏଭଳି ବିପଦ ଦେଖାଯାଇଛି, ଯେଉଁଠି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୀମାହୀନ ଭାବେ କ୍ଷମତାର ଦୁରୁପଯୋଗ କରୁଛନ୍ତି, ଏପରି କି ଟ୍ରମ୍ପଙ୍କ ମିତ୍ର ଉଦାରବାଦୀ ୟୁରୋପୀୟ ଦେଶଗୁଡ଼ିକ ଲଗାତର ଭାବେ ଆଇନର ଶାସନକୁ ଦୁର୍ବଳ କରିଦେବା ପାଇଁ ଚେଷ୍ଟା କରୁଛନ୍ତି। ଏଇ ନିକଟରେ, ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏକ ଜାତୀୟ ଜନମତ ସଂଗ୍ରହ ମାଧ୍ୟମରେ ନ୍ୟାୟିକ ସ୍ୱାଧୀନତାକୁ ସଙ୍କୁଚିତ କରିବା ଲାଗି ଚେଷ୍ଟା କରିଥିଲେ। ଭାଗ୍ୟବଶତଃ, ଇଟାଲୀୟମାନେ ସେମାନଙ୍କ ସମ୍ବିଧାନର ସୁରକ୍ଷା ପାଇଁ ଏକାଠି ହେବା ଘଟଣା ସାମ୍ନାକୁ ଆସିଥିଲା।

ଗଣତନ୍ତ୍ର ସଙ୍କଟ ଜଳବାୟୁ ସଙ୍କଟକୁ ବୃଦ୍ଧି କରୁଛି। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଟ୍ରମ୍ପ ଆମେରିକାକୁ ଦୂରେଇ ନେଇଛନ୍ତି ଏବଂ ଅସଂଖ୍ୟ ପରିବେଶଗତ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଦୁର୍ବଳ କିମ୍ବା ଧ୍ୱଂସ କରିଦେଇଛନ୍ତି। ଏହି କ୍ଷେତ୍ରରେ ସରକାରଗୁଡ଼ିକ ଅଧିକରୁ ଅଧିକ ନିବେଶକଙ୍କୁ ପ୍ରୋତ୍ସାହିତ କଲେ ମଧ୍ୟ ବହୁ ସମୟରେ ସେମାନଙ୍କୁ ପରିବର୍ତ୍ତନ କରି ଦେଉଛନ୍ତି। ଏଥିପାଇଁ ଅକ୍ଷୟ ଶକ୍ତି ପାଇଁ ପାଣ୍ଠି ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟପକ୍ଷରେ ଏଆଇ କ୍ଷେତ୍ରରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକର ନିବେଶ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଇ କେତେ ମାସ ମଧ୍ୟରେ ଟ୍ରମ୍ପଙ୍କ ରାଜନୈତିକ ହିଂସା ଓ ବିବେକହୀନ କାର୍ଯ୍ୟ ସାମ୍ନାକୁ ଆସିଛି। ମିନିଏପୋଲିର ହତ୍ୟା ଏବଂ ଗାଜା ପୁନର୍ଗଠନର ଯୋଜନାଠାରୁ ଆରମ୍ଭ କରି ଭେନେଜୁଏଲା ଉପରେ ସାମ୍ରାଜ୍ୟବାଦୀ ଆକ୍ରମଣ ଓ ଏବେ ଇରାନ ବିରୋଧରେ ଯୁଦ୍ଧକୁ ଦେଖିଲେ ଜଣାଯାଏ ଯେ ଏହିସବୁ ଘଟଣା ଆମ ଯୁଗର ବିନାଶକାରୀ ମନୋଭାବକୁ ପ୍ରକାଶ କରୁଛି। ରାଜନୀତି ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ ଶକ୍ତି ଦ୍ୱାରା ନିର୍ଦ୍ଧାରିତ ହେଉଥିବାବେଳେ ଏକ ସୁସ୍ଥ ଗଣତନ୍ତ୍ର ଏବଂ ପରିବେଶଗତ ସ୍ଥାୟିତ୍ୱ ନିରର୍ଥକ ହୋଇଯାଇଥିବା ଜଣାପଡୁଛି। ନୀତିଗତ ପଦକ୍ଷେପ ପାଇଁ ସୁଯୋଗ ଶେଷ ହୋଇଯାଇଥିବା ମନେହେଉଛି।

ପୂର୍ବରୁ ଆମେ ଏହି ସ୍ଥିତି ଦେଇ ଗତି କରିଆସିଛୁ। ଆଲବର୍ଟ କାମୁସଙ୍କ ଯୁକ୍ତି ଥିଲା ଯେ, ଆମେ ଏକ ନିରର୍ଥକ ବିଶ୍ୱରେ ବିଦ୍ରୋହ ମାଧ୍ୟମରେ ଏକ ଆଶାର କିରଣ ସୃଷ୍ଟି କରିପାରିବା। ଏକ ନୂଆ ଏପରି କି ଗଣହତ୍ୟା ଘଟଣାଗୁଡ଼ିକ



ପରିପ୍ରେକ୍ଷୀରେ ମାନବ କ୍ଷେତ୍ରରେ ଅନେକ ଆଶା ଥିବା ଜାଣିବାକୁ ପାଇଥିଲେ ହାନ୍ନା ଆରେଣ୍ଡଟ୍। ମାର୍ଟିନ ଲୁଥର୍ କିଙ୍ଗ ଜୁନିୟର ଦର୍ଶାଇଥିଲେ ଯେ, ଯନ୍ତ୍ରଣା ନୈତିକ ପ୍ରଗତି ଏବଂ ସାମୂହିକ ପରିବର୍ତ୍ତନ ପାଇଁ ବାଟ ଦେଖାଏ। ନିକଟରେ ଦେହାନ୍ତ ଘଟିଥିବା ମୋ ସାଥୀ ଦାର୍ଶନିକ ଜୋନାଥନ ଲିୟର ସ୍ପଷ୍ଟ କରିଥିଲେ ଯେ, ଏକ ସୁନ୍ଦର ଭବିଷ୍ୟତ ପାଇଁ କ୍ଷତି ଏକ ନୈତିକ ଆଶାର ଉତ୍ସ ହୋଇପାରେ। ଏବକାର ଘଟଣାଗୁଡ଼ିକ ଏଭଳି ଚିନ୍ତାଶୀଳ ବ୍ୟକ୍ତିଙ୍କ ଯୁକ୍ତିଗୁଡ଼ିକୁ ସିଦ୍ଧ କରୁଥିବା ମନେହୁଏ। ସିଭିଲ ସୋସାଇଟି ବା ଭଦ୍ର ସମାଜ ଯେତେ ଅବିକଶିତ ହୋଇଥାଉନା କାହିଁକି ତାହାର ପୁନର୍ଜାଗରଣ କଥା ବିଚାର କରାଯାଉ। ଏହା ହେଉଛି ଗଣତନ୍ତ୍ରର ହୃତ୍‌ସ୍ପନ୍ଦନ ଏବଂ ଏହା ଏକଛତ୍ରବାଦ ବିରୋଧରେ ଏକ ଅମୂଲ୍ୟ କବଚ। ଆମେରିକାରେ ହୋଇଥିବା 'ନୋ କିଙ୍ଗସ୍' ଆନ୍ଦୋଳନରେ ଆମେ ଏହା ଦେଖିଲୁ, ଯେଉଁଥିରେ ଅନେକ ଲକ୍ଷ ଲୋକ ଭାଗ ନେଇଥିଲେ। ଇଟାଲିର ସାମ୍ବିଧାନିକ ଜନମତ ସଂଗ୍ରହରେ ଅସାଧାରଣ ଭାବେ ସର୍ବାଧିକ ମତଦାନ ହୋଇଥିଲା। ବିଶେଷକରି ଏଥିରେ ଅତ୍ୟଧିକ ସଂଖ୍ୟକ ଯୁବବର୍ଗ ଭାଗ ନେଇଥିଲେ। ଏବକାର ସ୍ଥିତି କିମ୍ବା ଦକ୍ଷିଣପନ୍ଥୀ ସରକାରଗୁଡ଼ିକର ଏକଛତ୍ରବାଦ ମନୋଭାବ, ଏପରି କି ରାଜନୈତିକ ଉଦାସୀନତା ପ୍ରକାଶ ପାଉଥିବା ଅତି ଜଘନ୍ୟ କାର୍ଯ୍ୟର ଗମ୍ଭୀରତାକୁ ଦେଖିଲେ ଏହି ପ୍ରକାର ଜାଗରଣକୁ ସମ୍ପୂର୍ଣ୍ଣ ଶ୍ରେୟ ଦିଆଯାଇପାରିବ ନାହିଁ। ଜାଗରଣ ଆଣିବାକୁ ହେଲେ ଅଧିକ କିଛି କରିବାକୁ ହେବ, ସମ୍ଭାବନାର ନୂଆ ଭାବନା ଆଣିବାକୁ ପଡ଼ିବ।

ଟ୍ରମ୍ପଙ୍କ ପୂର୍ବ ଦଶନ୍ଧିଗୁଡ଼ିକରେ ଆମେରିକା ଓ ୟୁରୋପରେ ମାନ୍ଦାବସ୍ଥା ଓ ଶକ୍ତିହୀନତା ଭାବନା ଖେଳିଯାଇଥିଲା। ଅନେକେ ବିଶ୍ୱାସ କରିବା ଆରମ୍ଭ କରିଦେଇଥିଲେ ଯେ, ଯିଏ ବି ଶାସନ କରନ୍ତୁ ନା କାହିଁକି ସେଥିରେ କୌଣସି ଫରକ ପଡ଼ିବନି, କାରଣ ସ୍ଥିତିରେ କିଛି ପରିବର୍ତ୍ତନ ହେବ ନାହିଁ। ଦକ୍ଷିଣପନ୍ଥୀ ଏବଂ ବାମପନ୍ଥୀ ସରକାରଗୁଡ଼ିକ ଉଦାରବାଦ ସିଦ୍ଧାନ୍ତକୁ ପାଳନ କରି ବି ପ୍ରାୟତଃ ସମାନ ପ୍ରକାର କାମ କରିବେ। ତେବେ ସାମ୍ବିଧାନିକଠାରୁ ଆରମ୍ଭ କରି ବିତ୍ତୀୟ ପର୍ଯ୍ୟନ୍ତ ସବୁଥିରେ ବାହ୍ୟ ଓ ଆଭ୍ୟନ୍ତରୀଣ ବାଧା ଦ୍ୱାରା ପରିବର୍ତ୍ତନର କ୍ଷମତା ସୀମିତ ହୋଇଯାଇଥିବା ଜଣାପଡୁଛି। ଅବଶ୍ୟ ଅତୀତରେ କେତେକ ସମୟରେ ପରିବର୍ତ୍ତନର ଆଶା ଥିଲା। ସେଥିରୁ ଗୋଟିଏ ଥିଲା, ବାରାକ ଓବାମା ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା। କିନ୍ତୁ ଏହା ନୈରାଶ୍ୟରେ ଶେଷ ହେଲା। ଓବାମାଙ୍କ ଶାସନ କାଳରେ ବୈଶ୍ୱିକ ବିତ୍ତୀୟ ସଙ୍କଟ ପରେ ୱାଲଷ୍ଟ୍ରିଟ ବ୍ୟାଙ୍କଗୁଡ଼ିକ ବ୍ୟାପକ ବେଲ୍‌ଆଉଟ ଗ୍ରହଣ କରିଥିବାବେଳେ ଅନେକ ଲକ୍ଷ ଆମେରିକୀୟ ସେମାନଙ୍କ ଘର ହରାଇଥିଲେ। ଅନେକ ଅପ୍ରବାସୀ ଦେଶାନ୍ତର ହୋଇଥିଲେ, ଯାହା ଅନ୍ୟ ରାଷ୍ଟ୍ରପତିଙ୍କ ତୁଳନାରେ ଅଧିକ ଥିଲା। ଶେଷରେ ୟୁରୋପର ବାମପନ୍ଥୀ ବିଚାରଧାରାର ସରକାରମାନଙ୍କ ଭଳି ଓବାମା ତାଙ୍କ ପୂର୍ବ ରାଷ୍ଟ୍ରପତିଙ୍କ ପରି ଶାସନ କରିଥିଲେ।

ଅନ୍ୟପକ୍ଷରେ ରାଜନୈତିକ କ୍ଷମତା ରଖି କ୍ଷଣକ ମଧ୍ୟରେ ପୃଥିବୀର ଭାଗ୍ୟ ପରିବର୍ତ୍ତନ କରିଦେଇପାରୁଥିବା ବ୍ୟକ୍ତିଙ୍କ ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଟ୍ରମ୍ପ। ଏଥିପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଠିକ୍ ବ୍ୟକ୍ତି ହାତରେ ଶାସନ ରହିବା କଥା, ଅନ୍ତତଃପକ୍ଷେ ଏକଛତ୍ରବାଦୀ କିମ୍ବା ପାଗଳଙ୍କ ହାତରେ ନୁହେଁ। ସ୍ୱେଚ୍ଛାଚାରିତା ଯୋଗୁ ଜଣେ ଏକଛତ୍ରବାଦୀ ଜାତୀୟ ଏବଂ ବୈଦେଶିକ ବ୍ୟାପାରକୁ ପରିବର୍ତ୍ତନ କରିଦେଇପାରେ। ଏଭଳି ମନୋଭାବ ଏବେ ନୂଆ ଗଣତାନ୍ତ୍ରିକ କାର୍ଯ୍ୟକଳାପରେ ଅଧିକ ଦେଖାଯାଉଛି।

ସମାନ ପ୍ରକାର ସ୍ଥିତି ଜଳବାୟୁ ପରିବର୍ତ୍ତନ ସଙ୍କଟ ପାଇଁ ସତ୍ୟ। କିଏ ଭାବିଥିଲେ କି ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଏକମାତ୍ରଆଶାଏକଉଦ୍ଦେଶ୍ୟହୀନଯୁଦ୍ଧରୁସୃଷ୍ଟିହୋଇପାରିବ ? ହଁ, ଠିକ୍ ତାହା ହିଁ ଏବେ ଘଟୁଛି। ଇରାନ ଯୁଦ୍ଧର ପରିଣାମ ଅନିଶ୍ଚିତ ରହିଥିଲେ ମଧ୍ୟ ଏଥିରେ ବଡ଼ ଲାଭ ମଧ୍ୟରେ ରହିଛି ସବୁଜ ଟେକ୍‌ନୋଲୋଜି ଏବଂ ଅକ୍ଷୟ ଶକ୍ତିକୁ ପରିବର୍ତ୍ତନ ହେବାର ଆଶା। ତେବେ ଟ୍ରମ୍ପଙ୍କ ଯୁଦ୍ଧ ଯୋଗୁ ଜୀବାଶ୍ମ ଇନ୍ଧନ ଉପରେ ଅତ୍ୟଧିକ ନିର୍ଭରଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ହର୍ମୁଜ ଷ୍ଟ୍ରେଟ ବନ୍ଦ ରହିବା ଯୋଗୁ ଶକ୍ତିମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଜଣେ ସମାଲୋଚକ ଦର୍ଶାଇଛନ୍ତି ଯେ, ଯେଉଁ ଦେଶଗୁଡ଼ିକ ସବୁଜ ନିବେଶ ଏବଂ ଏହାର ଶିଳ୍ପ ପାଇଁ ବଢୁଥିବା ଚାହିଦାକୁ ଲକ୍ଷ୍ୟ କରି ବିଶ୍ୱ ସ୍ତରରେ ପ୍ରୋତ୍ସାହନ ଦେବା ଆରମ୍ଭ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ନେଇ ଚାଇନା ଏକ ମେଣ୍ଟ ଗଠନ କରିବା ଦରକାର। ଅନ୍ୟମାନଙ୍କ ଭଳି ୟୁରୋପୀୟ ଦେଶଗୁଡ଼ିକ ଏଥିପ୍ରତି ଆକର୍ଷିତ ହେବା ଆବଶ୍ୟକ। ଏହିପରି ଏକ ସ୍ୱଚ୍ଛ ବାୟୁମଣ୍ଡଳ ଏବଂ ଏକ ଅଧିକ ସ୍ଥାୟୀ ପରିବେଶର ଆଶା ଗୋଟିଏ ଉଦ୍ଦେଶ୍ୟହୀନ ଓ ମୂଲ୍ୟହୀନ ଯୁଦ୍ଧରୁ ସୃଷ୍ଟି ହୋଇପାରିବ। ବାସ୍ତବ କଥା ହେଉଛି ଦୁର୍ଦ୍ଦଶାରୁ ମଣିଷ ଶିକ୍ଷା ଲାଭ କରି ତାହାର ପୁନରାବୃତ୍ତି ହେବାକୁ ଦିଏ ନାହିଁ। ଏହା ନୈତିକ ଏବଂ ରାଜନୈତିକ ପ୍ରଗତିର ଆଶାର ଉତ୍ସ ହୋଇଥାଏ, ଯାହା ଉପରେ ଏବେ ଗଣତନ୍ତ୍ରର ପୁନର୍ଜନ୍ମ ଏବଂ ପୃଥିବୀର ମୁକ୍ତି ନିର୍ଭର କରେ।

**ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,**
**ସିକାଗୋ ବିଶ୍ୱବିଦ୍ୟାଳୟ**

# ଆଗ ଗଛ



ସତ୍ୟନାରାୟଣ ଦେହୁରୀ

ବର୍ତ୍ତମାନ ସମୟର ଇଏ ସବୁଠାରୁ ବଡ଼ ଆହ୍ୱାନ। ଆମେ ସବୁ କାମକୁ ପଛରେ ପକାଇ ଆଗ ଗଛ ଲଗାଇବା ଉପରେ ପ୍ରାଧାନ୍ୟ ଦେବା। ଗଛ ଲଗାଇବା, ତା'ର ଯତ୍ନ ନେବା ଓ ତା'ର ସୁରକ୍ଷା କରିବା। କାରଣ ପରିବେଶ ପ୍ରଦୂଷଣଜନିତ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛେ ସେଥିରୁ ମୁକୁଳିବାକୁ ହେଲେ ବହୁ ପରିମାଣରେ ଗଛ ଲଗାଇବା ଆବଶ୍ୟକ। ବିନା ବିଚାରରେ ଆମେ ଗଛଲତାଗୁଡ଼ିକୁ କାଟିଚାଲିଛେ। ଜଙ୍ଗଲରେ ନିଆଁ ଲଗାଇ ଗଛଲତାଗୁଡ଼ିକୁ ପୋଡି ମାରି ଦେଉଛେ। ନିଜେ ସଚେତନ ହେବା ସହିତ ଲୋକଙ୍କୁ ସଚେତନ କରିବା ନିହାତି ଜରୁରୀ। ଗଛ ବଞ୍ଚିଲେ, ଆମେ ବଞ୍ଚିବା। ଏହି ଧାରଣା ସମସ୍ତଙ୍କ ମନକୁ ଛୁଇଁବା ଦରକାର। ଗଛର ଉପକାରିତା ବିଷୟରେ ଯଦି ଆଲୋଚନା କରିବା ତେବେ ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ ହେଉଥିବା ମୌଳିକ ଉପାଦାନଗୁଡିକ ଏହି ବୃକ୍ଷରାଜି ପ୍ରଦାନ କରନ୍ତି। ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଜଳ ଓ ବାୟୁ ସବୁ ପ୍ରାଣୀଜଗତର ବଞ୍ଚିବା ପାଇଁ ଆବଶ୍ୟକ। ଶ୍ୱାସକ୍ରିୟା ପାଇଁ ଆବଶ୍ୟକ ଅମ୍ଳଜାନ ଗଛଠାରୁ ମିଳିଥାଏ। ଯେଉଁ ସ୍ଥାନଗୁଡ଼ିକରେ ଗଛ ନାହିଁ ସେଠାରେ ବିଶୁଦ୍ଧ ଅମ୍ଳଜାନ ପାଇବା କଷ୍ଟକର ହୋଇପଡ଼େ। ପରିବେଶକୁ ଭାରାକ୍ରାନ୍ତ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାରେ ଗଛର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଜଳ କଥା ଯଦି ଆଲୋଚନା କରିବା ତେବେ, ଏହା ମଧ୍ୟ ଏହି ଗଛଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥାଏ। ଗଛଲତା ବର୍ଷା ହେବାରେ ମୁଖ୍ୟ ଭୂମିକା ନିଭାଇଥାଆନ୍ତି। ଗଛଲତା ନ ଥିବା ଅଞ୍ଚଳରେ ବର୍ଷାର ପରିମାଣ କମ୍ ହୋଇଥାଏ। ଅନେକ ଲୋକ ଏହି ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ସେମାନଙ୍କର ଜୀବିକା ନିର୍ବାହ କରନ୍ତି। ମୁଖ୍ୟତଃ ପାହାଡ ଜଙ୍ଗଲରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏଗୁଡିକ ଉପରେ ବେଶି ନିର୍ଭରଶୀଳ।

ଏତେ ସବୁ ଉପକାରିତା ଥିବା ସତ୍ତ୍ୱେ ଗଛଲତା ଉପରେ ମଣିଷର ଅତ୍ୟାଚାର ବଢି ବଢି ଚାଲିଛି। ବର୍ତ୍ତମାନ ସମୟର ସବୁଠାରୁ ବଡ ସମସ୍ୟା ହେଲା ଜଙ୍ଗଲ ନିଆଁ। ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ଆଦିବାସୀମାନେ ମହୁଲ ସଂଗ୍ରହ ପାଇଁ ମହୁଲଗଛ ମୂଳକୁ ନିଆଁ ଲଗାଇ ସଫା କରନ୍ତି। ସେହି ନିଆଁ ଜଙ୍ଗଲକୁ ବ୍ୟାପିଯାଏ। ପୋଡୁ ଚାଷ ପାଇଁ ମଧ୍ୟ ଜଙ୍ଗଲର ବିଭିନ୍ନ ଜାଗାକୁ ନିଆଁ ଲଗାଇ ସଫା କରିଦିଅନ୍ତି। ଏହା ଫଳରେ ଅନେକ ଛୋଟ ବଡ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଏ। କାଠ ମାଫିଆମାନେ ମୂଲ୍ୟବାନ କାଠ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ସଫା କରିଦିଅନ୍ତି। ଏଗୁଡିକ ବ୍ୟତୀତ ଆଜିକାଲି ବହୁ ପରିମାଣରେ ଗଞ୍ଜେଇ ଚାଷ ଜଙ୍ଗଲ ମଧ୍ୟରେ କରାଯାଉଛି। ଅବକାରୀ ବିଭାଗର ଧରପଗଡ଼ରୁ ମୁକ୍ତିପାଇଁ ଜଙ୍ଗଲକୁ ନିରାପଦ ସ୍ଥାନ ବୋଲି ବିବେଚନା କରି ମାଫିଆମାନେ ଜଙ୍ଗଲକୁ ପ୍ରଥମେ ନିଆଁ ଲଗାଇ ସଫା କରନ୍ତି। ବନୀକରଣ ପାଇଁ ଜଙ୍ଗଲରେ ଯେଉଁ ଗଛ ଲଗାଯାଇଥାଏ, ତାହା ସଫଳ ହୋଇ ନ ଥାଏ। ସେହି ବିଫଳତାକୁ ଲୁଚାଇବା ପାଇଁ, ପ୍ରମାଣ ନଷ୍ଟ ଲାଗି ଜଙ୍ଗଲରେ ନିଆଁ ଲଗାଇଦିଅନ୍ତି। ଏହିପରି ବିଭିନ୍ନ କାରଣରୁ ଗଛଲତାଗୁଡ଼ିକୁ ନଷ୍ଟ କରିଦେବା ଫଳରେ, ସେମାନଙ୍କଠାରୁ ପାଉଥିବା ବିଭିନ୍ନ ଉପକାର ପାଇବାରେ ସମସ୍ୟା ଦେଖାଦେଉଛି। ସବୁବେଳେ ଗଛର ସୁରକ୍ଷା ଚିନ୍ତା ନ କରି ସେମାନଙ୍କର ଧ୍ୱଂସ ସାଧନ କରିବା ଦ୍ୱାରା ନିଜ ବେକରେ ନିଜେ କୁରାଢ଼ି ମାରିବା ପରି ହେଉଛି।

ଗଛଟିଏ ଲଗାଇବା ଯେତିକି ଆବଶ୍ୟକ ତା'ଠାରୁ ବେଶି ଆବଶ୍ୟକ ଗଛଟିଏ ବଞ୍ଚାଇବା। ସବୁବର୍ଷ ଯେତିକି ଗଛ ଲଗାଯାଉଛି, ଯଦି ସେଥିରୁ ୧୦ ଭାଗ ବଞ୍ଚିରହନ୍ତା ତା'ହେଲେ ଅନେକ ସଫଳତା ମିଳିପାରନ୍ତା। ତାହା କିନ୍ତୁ ହେଉନାହିଁ। ଦୁଃଖର କଥା ଏବର୍ଷ ଯେଉଁଠାରେ ୧୦୦ ଗଛ ଲାଗିଛି, ଆର ବର୍ଷକୁ ପୁଣି ସେହି ସ୍ଥାନରେ ୧୦୦ ଗଛ ଲାଗୁଛି। ତେବେ କିଛି ବି ସଫଳତା ଆମେ ପାଇପାରୁ ନାହିଁ। ଖାଲି ସରକାରୀ ଅର୍ଥର ବିନିଯୋଗ ହେଉଛି। ନିଜ ଘରେ ଗଛଟିଏ ଲଗାଇଲେ ଯେପରି ତା'ର ଯତ୍ନ ନେଉଛୁ, ସରକାର ମଧ୍ୟ ଯେତେ ଗଛ ଲଗାଉଛନ୍ତି ସେଗୁଡିକର ଉପଯୁକ୍ତ ଯତ୍ନନେଲେ, ବନୀକରଣ ସଫଳ ହେବା ସହିତ ପରିବେଶ ପ୍ରଦୂଷଣକୁ ବହୁ ପରିମାଣରେ ରୋକାଯାଇ ପାରନ୍ତା। ଆମେ ସମସ୍ତେ ଖାଲି ଗଛପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛେ। ପାଟିରେ ଖାଲି ମିଠା କଥା କହୁଛେ। ଗଛକୁ ନେଇ ଅନେକ କାହାଣୀ ତିଆରିକରି ପାରୁଛେ, କିନ୍ତୁ ବାସ୍ତବ ଚିତ୍ର ଅଲଗା। ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପରିବେଶ କଥା ଚିନ୍ତା କରିବା କଥା। ପରିବେଶକୁ ନେଇ ବୈଜ୍ଞାନିକମାନେ ଯେଉଁ ଆକଳନ କଲେଣି, ଆଗାମୀ କିଛି ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୫୦ ଡିଗ୍ରୀ ପାର ହୋଇ ଶୀର୍ଷକୁ ଛୁଇଁବ। ସବୁ କାମକୁ ପଛରେ ପକାଇ, ଗଛ ଲଗାଇବା ଓ ତା'ର ଉପଯୁକ୍ତ ଯତ୍ନ ନେବାକୁ ପ୍ରାଧାନ୍ୟ ଦେବା ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟହେବା ଆବଶ୍ୟକ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ପଶ୍ଚିମବଙ୍ଗ ସୁନ୍ଦରବନର ବହୁ ଅଞ୍ଚଳର ଜମିକୁ ଲୁଣାପାଣି ଚାଷ ଅନୁପଯୋଗୀ କରିଦେଇଥିଲା। ହେଲେ ଏବେ ସେଠାରେ ୧୫୦୦ କୃଷକ ସେହି ଜମିରେ ୧୯୨ କିସମର ଧାନ ଚାଷକରି ସଫଳ ହୋଇଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ସେମାନେ କେବଳ ପାରମ୍ପରିକ ଦେଶୀ ଧାନ ଚାଷ କରୁଛନ୍ତି। ୨୦୧୪ରେ ପଶ୍ଚିମବଙ୍ଗ ସରକାର ମାଗଣାରେ ଚାଷୀଙ୍କୁ ଲବଣ ସହନଶୀଳ ଧାନ ବିହନ ଯୋଗାଇ ଦେଇଥିଲେ। ଏଥିରେ ଚାଷୀମାନେ ସଫଳତା ପାଇବା ପରେ ତାହାକୁ ସମୟକ୍ରମେ ବ୍ୟାପକ କରାଯାଇଛି। ସୁନ୍ଦରବନର ଦୁର୍ବାଛତି ଗାଁରେ ସିଡ୍ ବ୍ୟାଙ୍କ ଖୋଲାଯାଇଛି। ଏହାସହ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ କୃଷି ମେଳା ଅନୁଷ୍ଠିତ ହେଉଛି, ଯେଉଁଥିରେ କୃଷକମାନେ ସେମାନଙ୍କ ଚାଷ ପଦ୍ଧତି ପ୍ରଦର୍ଶନ କରୁଛନ୍ତି। ପ୍ରତିମାସରେ କୃଷକମାନେ ଏକାଠି ହୋଇ ଚାଷ ସମ୍ପର୍କରେ ଆଲୋଚନା କରୁଛନ୍ତି, ଯେଉଁଥିରେ ଜୈବିକ ସାର ପ୍ରସ୍ତୁତି ଏବଂ ବିହନ ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଇଛି। ଏବେ ଏହି ସିଡ୍ ବ୍ୟାଙ୍କରୁ ଦେଶୀ ଧାନ ବିହନ ପଶ୍ଚିମବଙ୍ଗର ଅନ୍ୟ ଅଞ୍ଚଳକୁ ମଧ୍ୟ ଯୋଗାଇ ଦିଆଯାଉଛି। କହିବାକୁ ଗଲେ ଏଠାକାର କୃଷକମାନେ କେବଳ କୃଷକ ନୁହନ୍ତି, ସେମାନେ ଐତିହ୍ୟର ବାହକ, ଜୈବବିବିଧତାର ରକ୍ଷକ ସାଜିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୦ ଏପ୍ରିଲ ୧୯୭୭

- ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଢେଙ୍କାନାଳଠାରେ ନିର୍ମିତ ହେବାକୁ ଯାଉଥିବା ଏକ ମଟରସାଇକେଲ କାରଖାନାର ଶିଳାନ୍ୟାସ ଅନୁଷ୍ଠିତ।
- ମେଘାଳୟରେ ଗଣତାନ୍ତ୍ରିକ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଶାଖା ଗଠିତ।
- ଭାରତରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଲାଗି ଯୁକ୍ତରାଷ୍ଟ୍ର ଆମେରିକା ସରକାର ଡଃ ରବଟ ଫ୍ରାନ୍ସିସ୍ ଗୋହିନଙ୍କୁ ମନୋନୀତ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 5 | | 4 | 1 |
| | | | | | | 8 | | |
| | 4 | | | 2 | | | 9 | |
| 7 | 2 | | | 4 | | | | |
| | 3 | 6 | | | | | 8 | |
| 4 | | | 7 | 6 | 1 | | | 9 |
| | | | | | | | | 5 |
| | 7 | | | 8 | 4 | 1 | | |
| | 5 | 3 | | 1 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 4 | 2 | 8 | 9 | 6 | 5 | 1 |
| 8 | 1 | 5 | 3 | 6 | 4 | 7 | 2 | 9 |
| 6 | 9 | 2 | 5 | 1 | 7 | 4 | 8 | 3 |
| 2 | 8 | 7 | 1 | 3 | 5 | 9 | 4 | 6 |
| 5 | 6 | 1 | 9 | 4 | 8 | 3 | 7 | 2 |
| 9 | 4 | 3 | 7 | 2 | 6 | 8 | 1 | 5 |
| 3 | 7 | 9 | 4 | 5 | 2 | 1 | 6 | 8 |
| 1 | 5 | 8 | 6 | 7 | 3 | 2 | 9 | 4 |
| 4 | 2 | 6 | 8 | 9 | 1 | 5 | 3 | 7 |

ଗତକାଲିର ଉତ୍ତର

# ରାତ୍ରିଭୋଜନ ଓ ସଂଘର୍ଷ



ଶୁଭ ନାରାୟଣ ଶତପଥୀ

ସାମ୍ପ୍ରତିକ ପରିସ୍ଥିତିରେ ଅନେକ ସମୟରେ ଦେଖାଯାଏ ରାତ୍ରିଭୋଜନ ଟେବୁଲଗୁଡ଼ିକ ପ୍ରାୟତଃ ଅଭିଭାବକଙ୍କ ଅପ୍ରତ୍ୟାଶିତ ଶ୍ରେଣୀଗୃହ ହୋଇଯାଏ। ପ୍ରାୟତଃ ପରିବାରରେ ଥିବା ପିଲାଟିର ଦିନସାରାର କାର୍ଯ୍ୟ ମୂଲ୍ୟାୟନ ମାତାପିତାମାନେ ଏହିଠାରେ କରିଥାନ୍ତି। ଫଳରେ ଖାଦ୍ୟପେୟର ଏକ ସୁନ୍ଦର ପରିବେଶ ମାତାପିତା ଏବଂ ଶିଶୁ ମଧ୍ୟରେ ଭାବପ୍ରବଣତାପୂର୍ଣ୍ଣ ବିବାଦରେ ପରିଣତ ହୋଇଯାଇପାରେ। ବିଶେଷ କରି କିଶୋରୀ କିଶୋରଙ୍କ କ୍ଷେତ୍ରରେ ଏହା ଅଧିକ ସମ୍ବେଦନଶୀଳ ହୋଇଥାଏ।

ଅନେକ ମାତାପିତା ଏପରି ମୁହୂର୍ତ୍ତର ସମ୍ମୁଖୀନ ହୋଇଛନ୍ତି, ଯେଉଁଠାରେ କ୍ଲାନ୍ତି କିମ୍ବା ଚିଡ଼ିଚିଡ଼ା ହେତୁ ସେମାନେ ତାଙ୍କର ପିଲାଙ୍କୁ କୁହନ୍ତି, 'ତୁମେ ଯାହା ଚାହୁଁଛ କର'। ଫଳରେ ପରିସ୍ଥିତି ସମାଧାନ ହେବା ପରିବର୍ତ୍ତେ ଖରାପ ହୁଏ। ଶିଶୁ–ମନୋବିଜ୍ଞାନ ଦୃଷ୍ଟିକୋଣରୁ, ଏପରି ମୁହୂର୍ତ୍ତଗୁଡ଼ିକ ଖାଦ୍ୟ ଗ୍ରହଣ କରିବା ଅପେକ୍ଷା ବହୁତ ଅଧିକ ତର୍କ ପ୍ରବଣ ହୁଅନ୍ତି। କାରଣ ମାତାପିତାଙ୍କ ବ୍ୟସ୍ତ ବହୁଳ ସମୟ ବ୍ୟତୀତ ଏହି ସମୟ ହେଉଛି ପିଲାମାନଙ୍କ ସହିତ ଏକତ୍ର ହେବା, ଭେଟ ହେବାର ଅବସର। ଯାହାର ଉପଯୋଗ କରିବାକୁ ଯାଇ ବେଳେବେଳେ ନକାରାତ୍ମକ ପରିବେଶକୁ ନିମନ୍ତ୍ରଣ କରିଥାନ୍ତି। ତେବେ ପିଲାଟିର କାର୍ଯ୍ୟକୁ ସକାରାତ୍ମକ ଢଙ୍ଗରେ ସମୀକ୍ଷା କରିବା ପରିବର୍ତ୍ତେ କଥୋପକଥନ ଯୁକ୍ତିତର୍କ ଆଡ଼କୁ ଚାଲିଯାଇଥାଏ। ଏହା ପିଲାର ଭାବପ୍ରବଣ ଆବଶ୍ୟକତା, ବିକାଶଶୀଳ ସ୍ୱାୟତ୍ତତା ଏବଂ ମାତାପିତାଙ୍କ ସ୍ୱରର ସମ୍ବେଦନଶୀଳତାକୁ ପ୍ରତିଫଳିତ କରେ। ଶିଶୁର ମନକୁ ବୁଝିବା ସହିତ ରାତ୍ରିଭୋଜନ ସମୟ ହେଉଛି ଏକ ଉଚ୍ଚ ପାରସ୍ପରିକ କ୍ରିୟା ଯାହା ଶିଶୁ ବିକାଶ, ମାନସିକ ସ୍ୱାସ୍ଥ୍ୟ ଏବଂ ମାତାପିତା–ସନ୍ତାନର ସମ୍ପର୍କକୁ ପ୍ରଭାବିତ କରେ। ସକାରାତ୍ମକ, ସଂରଚିତ ଏବଂ କମ୍ ଚାପପୂର୍ଣ୍ଣ ପରିବେଶ ଭୟ ଓ ଚିନ୍ତା କମ୍ କରେ। ଯେତେବେଳେ ପିଲାମାନଙ୍କୁ ଚାପ ଦେବା ସେତେବେଳେ ପ୍ରାୟତଃ ତାହା ଦୀର୍ଘକାଳୀନ ଖାଦ୍ୟ ସମସ୍ୟା ସହିତ ଅସ୍ୱାସ୍ଥ୍ୟକର ଖାଦ୍ୟ ଆଚରଣର କାରଣ ହୁଏ।

ମାନସିକ ଦୃଷ୍ଟିରୁ, ପିଲାକୁ ଖାଦ୍ୟ କ'ଣ, କେବେ ଏବଂ କେଉଁଠାରେ ପରିବେଷଣ କରାଯିବ ତାହା ଉପରେ ମାତାପିତା ଧ୍ୟାନଦେବାକୁ ସୁପାରିସ କରାଯାଏ, ଯେତେବେଳେ କି ପିଲା କ'ଣ ଖାଇବାକୁ ଚାହୁଁଛି ବା ଚାହୁଁନାହିଁ ଏବଂ କେତେ ଖାଇବାକୁ ଚାହୁଁଛି ତାହାକୁ ବିଚାରକୁ ନେବା ଉଚିତ। ଏହା ସ୍ୱାୟତ୍ତତାକୁ ପ୍ରୋତ୍ସାହିତ କରେ ଏବଂ ଭୋଜନ ସମୟର ଅଯଥା ସଂଘର୍ଷକୁ ହ୍ରାସ କରେ। ବାତାବରଣକୁ ଗୁରୁତ୍ୱ ପ୍ରଦାନ କରି କଥାବାର୍ତ୍ତା ସକାରାତ୍ମକ ଉତ୍ସାହଜନକ ଏବଂ ବିଭ୍ରାନ୍ତିମୁକ୍ତ ହେବା ଉଚିତ। ଏହା ଏକ ଉଷ୍ମ



ପରିବେଶ ହେବା ଉଚିତ, ଯେଉଁଠି ମାତାପିତା ଓ ପିଲା ଉଭୟଙ୍କ ପାଇଁ ଉତ୍ତମ ସାମାଜିକ ଦକ୍ଷତା ଏବଂ ମାନସିକ ସ୍ୱାସ୍ଥ୍ୟ ଫଳାଫଳକୁ ପ୍ରୋତ୍ସାହିତ କରିବ। ପିଲାଙ୍କୁ ଖାଇବାକୁ ବାଧ କରିବା ଦ୍ୱାରା ସେମାନଙ୍କର ଖାଦ୍ୟ ଗ୍ରହଣକୁ ଆତ୍ମ–ନିୟନ୍ତ୍ରିତ କରିବାର ପ୍ରାକୃତିକ, ଜନ୍ମଗତ କ୍ଷମତା ହ୍ରାସ ପାଇପାରେ। ବ୍ୟବହାରକୁ ବାଧ୍ୟତାମୂଳକ କରିବା ପରିବର୍ତ୍ତେ ସ୍ୱାସ୍ଥ୍ୟକର ନୂତନ ଖାଦ୍ୟ ସହିତ ସମ୍ପର୍କ ସ୍ଥାପନକୁ ଉତ୍ସାହିତ କରିବା ଅଧିକ ପ୍ରଭାବଶାଳୀ। ନିୟମିତ, ଶାନ୍ତ ପରିବେଶରେ ପାରିବାରିକ ରାତ୍ରିଭୋଜନ ଦ୍ୱାରା କିଶୋରୀକିଶୋରଙ୍କ ମଧ୍ୟରେ ଡିପ୍ରେସନ, ଚିନ୍ତା, ନିଶା ବ୍ୟବହାର ଏବଂ ଖାଦ୍ୟ ବିକାରର ହ୍ରାସ ଘଟାଏ। ଯଦିଓ ପିଲା ବହୁତ ଖାଏ ନାହିଁ, ଏକ ସକାରାତ୍ମକ ଖାଦ୍ୟ ପରିବେଶର ସ୍ଥିର ଉପସ୍ଥିତି ଲାଭଦାୟକ ହୋଇଥାଏ। ମାତାପିତା ପିଲାର ପୁଷ୍ଟି ବିଷୟରେ ନିଜର ଚିନ୍ତାକୁ ପରିଚାଳନା କରିବା ଉଚିତ ଏବଂ ରାତ୍ରିଭୋଜନକୁ ଯୁଦ୍ଧକ୍ଷେତ୍ର କରିବାରୁ ଦୂରେଇ ରହିବା ଆବଶ୍ୟକ। ଏହା ସହିତ ଖାଦ୍ୟ ପ୍ରସ୍ତୁତିରେ ପିଲାମାନଙ୍କୁ ସାମିଲ କରିବା ଦ୍ୱାରା ସେମାନଙ୍କର ନୂତନ ଖାଦ୍ୟ ଚେଷ୍ଟା କରିବାର ଇଚ୍ଛା ବୃଦ୍ଧି ପାଇପାରେ। ନିୟମିତ ଏକତ୍ର ବସି ବା ପରିବାର ସହ ରାତ୍ରିଭୋଜନ ଭାବପ୍ରବଣ ସଂଯୋଗକୁ ବୃଦ୍ଧି କରେ, ଆତ୍ମସମ୍ମାନ ବୃଦ୍ଧି କରେ, ଯୋଗାଯୋଗ ଦକ୍ଷତାକୁ ଉନ୍ନତ କରେ ଏବଂ ଡିପ୍ରେସନର ବିପଦକୁ ହ୍ରାସ କରି ପିଲାଙ୍କ ମନସ୍ତତ୍ତ୍ୱକୁ ଉନ୍ନତ କରିବାରେ ସହାୟକ ହୁଏ।

ପିଲାମାନେ ଡାଇନିଂ ଟେବୁଲରେ ଦେଖାଯାଉଥିବା ଆଚରଣକୁ ଅନୁକରଣ କରନ୍ତି, ଯାହା ସୁସ୍ଥ ଖାଦ୍ୟ ଅଭ୍ୟାସ ଶିଖାଇବା ପାଇଁ ମାତାପିତାଙ୍କ ଆଚରଣକୁ ପ୍ରାଧାନ୍ୟ ଦେଇଥାଏ। ରାତ୍ରିଭୋଜନ ସମୟରେ ପିଲାଙ୍କ ପାଇଁ କଥାବାର୍ତ୍ତା ଅଭ୍ୟାସ କରିବା, ବିନମ୍ର ମଧୁର କଥାର ଶବ୍ଦକୋଷକୁ ବଳିଷ୍ଠ କରିବା ଆବଶ୍ୟକ। ଶୁଣିବା ଶିଖିବାର ଏହା ଏକ ସୁଯୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାତ୍ରିଭୋଜନ ଟେବୁଲ ଏକ ସୁରକ୍ଷିତ ସ୍ଥାନ ହେବା ଉଚିତ, 'ସଂଘର୍ଷର କ୍ଷେତ୍ର' ନୁହେଁ। ନିରନ୍ତର ଓ ଉଚ୍ଚଚାପ ପିଲାଙ୍କ ସୁସ୍ଥ ଖାଦ୍ୟ ଅଭ୍ୟାସକୁ ବାଧା ଦେଇପାରେ। ଏକାଠି ଭୋଜନ କରିବାରେ ସ୍ଥିରତା ପିଲାମାନଙ୍କୁ ସୁରକ୍ଷିତ ଅନୁଭବ କରିବାରେ ସାହାଯ୍ୟ କରେ ଏବଂ ସେମାନଙ୍କ ଆଚରଣକୁ ଉନ୍ନତ କରେ। ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରିପୋର୍ଟରୁ ଜଣାଯାଏ ଯେଉଁ ମାଆମାନେ ସକାରାତ୍ମକ ଭାବନା ପ୍ରକାଶ କରନ୍ତି ଓ ଭୋଜନ ସମୟର ଚାପ ପରିଚାଳନା କରନ୍ତି ସେମାନେ ସେମାନଙ୍କ ପିଲାମାନଙ୍କ ମଧ୍ୟରେ ଉତ୍ତମ ଖାଦ୍ୟ ଆଚରଣ ପାଇଥାନ୍ତି। ଏହି ସମୟରେ ଦୈନନ୍ଦିନ ଜୀବନ କିମ୍ବା ପାରିବାରିକ ଇତିହାସ ବିଷୟରେ କାହାଣୀ କହିବା ଏବଂ ଶେୟାର କରିବା ଏକ କିଶୋରର ସାମାଜିକ ଏବଂ ଭାବପ୍ରବଣ ସୁସ୍ଥତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ସେଥିପାଇଁ ଏକ ସକାରାତ୍ମକ ପରିବେଶ ଉପରେ ଧ୍ୟାନ ଦେବା ଜରୁରୀ, ଯାହା ପିଲାଙ୍କ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବ। ଏମିତି ପରିବେଶ ପ୍ରତିଟି ପରିବାରରେ ସୃଷ୍ଟି ହେବା ଉଚିତ, ଯେଉଁଠି ଡାଇନିଂ ଟେବୁଲକୁ ଯିବାର ସମୟକୁ ପିଲେ ଚାହିଁ ରହିଥିବେ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ସାଇକେଲ ଅନାଥ ଆଶ୍ରମକୁ ଦାନ କରାଯାଉ

ମହାଶୟ,

୨୦୧୮ ହକି ବିଶ୍ୱକପ ସମୟରେ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା 'ମୋ ସାଇକେଲ' ଯୋଜନା ଏକ ଅତି ପ୍ରଶଂସନୀୟ ପଦକ୍ଷେପ ଥିଲା, ଯାହା ସହରବାସୀଙ୍କୁ ପରିବେଶ ଅନୁକୂଳ ପରିବହନର ସୁବିଧା ଯୋଗାଇ ଦେଇଥିଲା। କିନ୍ତୁ ବର୍ତ୍ତମାନ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ନିଜର ମାର୍ଗ ହରାଇଥିବା ପରି ମନେହେଉଛି। ଯେଉଁ ସାଇକେଲଗୁଡ଼ିକ ଦିନେ ସହରର ଗର୍ବ ଥିଲା, ସେଗୁଡ଼ିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ଅଳିଆ ଭଳି ପଡ଼ି ରହିଛି। କଳଙ୍କି ଲାଗି ନଷ୍ଟ ହେଉଛି କିମ୍ବା ଚୋରି ହୋଇଯାଉଛି। ସରକାରୀ ସମ୍ପତ୍ତିର ଏଭଳି ଦୁରୁପଯୋଗ କିମ୍ବା ଅପଚୟ ରୋକିବା ପାଇଁ ଏହାକୁ ଏହିଭଳି ନଷ୍ଟ ନ କରି ଏକ ଅଭିନବ ସାମାଜିକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇପାରେ। ସରକାର ଯଦି ଏହି ପରିତ୍ୟକ୍ତ ସାଇକେଲଗୁଡ଼ିକୁ ମରାମତି କରି ରାଜ୍ୟର ଅନାଥ ଆଶ୍ରମ କିମ୍ବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ଦାନ କରନ୍ତେ, ତେବେ ସେଠାରେ ରହୁଥିବା ଅସହାୟ ଶିଶୁମାନେ ଏହାକୁ ବ୍ୟବହାର କରି ଖୁସି ଅନୁଭବ କରିବା ସହ ସେମାନଙ୍କର ଦୈନନ୍ଦିନ ଯାତାୟାତ ଓ କ୍ରୀଡ଼ା ପାଇଁ ଏକ ସୁବିଧା ପାଇପାରନ୍ତେ।

**–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।
–(ବିଶ୍ୱର ଆହ୍ୱାନ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରିକ ବିକାଶ। ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠା ହୁଏ। ଏହା ସମାନତା, ସାମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ। କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପନ ହୁଏ। ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ଅତିବାହିତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।


ଡ. ମୁକେଶ ମହାଲିଙ୍ଗ
କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ, ୬୦ ବର୍ଷରୁ ଊର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି। କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି, ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ। ଏଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ହସ୍ପିଟାଲରେ ଭର୍ତ୍ତିଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି। ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ। ସରକାରୀ, ବେସରକାରୀ ଚାକିରିରୁ ଅବସରପ୍ରାପ୍ତ ତଥା ପେନସନ୍‌ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭,୦୪,୯୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି। ଏହା ଦ୍ୱାରା ଆର୍ଥିକ ଅନଗ୍ରସର ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ। ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଯେପରି ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସ।

ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ। ୬୦ ବର୍ଷ ହେବା ପରେ ସମସ୍ତ ନାଗରିକଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ହେଲେ ସବୁ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି। ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତି ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୁକ୍ତ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ଏହା ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।

ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି କରି ଆମ ସରକାର ୩,୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଅନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥୀ, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ। ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ୩,୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସାମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍' ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟମୟ ଦୀର୍ଘ ଜୀବନର କାମନା କରୁଛି।

# ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି

**ଆଜି ବିଶ୍ୱ ହୋମିଓପାଥି ଦିବସ**



ହୋମିଓପାଥି ଚିକିତ୍ସାର ଜନକ ଭାବେ ବିବେଚିତ ଡା. ସାମୁଏଲ ହ୍ୟାନିମାନ ୧୭୯୬ ଏପ୍ରିଲ ୧୦ରେ ଜନ୍ମଗ୍ରହଣ କରିଥିଲେ। ସେହି ବିଶିଷ୍ଟ ଡାକ୍ତରଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଏପ୍ରିଲ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହୋମିଓପ୍ୟାଥି ଦିବସ'। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପ୍ୟାଥି'। ହୋମିଓପ୍ୟାଥିର ବିକାଶରେ ଡା. ହ୍ୟାନିମାନଙ୍କ ଅବଦାନ ଚିର ସ୍ମରଣୀୟ। ଏ ବିଷୟରେ ବିଜୁ ପଟ୍ଟନାୟକ ହୋମିଓପ୍ୟାଥି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁରର ଅଧ୍ୟାପିକ ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ କୁହନ୍ତି, "ଦୀର୍ଘ ବର୍ଷ ଧରି ହୋମିଓପ୍ୟାଥି ଚିକିତ୍ସା ସମଗ୍ର ବିଶ୍ୱରେ ବେଶ୍ ଆଦୃତ ହୋଇଛି। ପ୍ରାୟ ୮୦ରୁ ଅଧିକ ଦେଶରେ ଏହି ଚିକିତ୍ସା ପ୍ରଣାଳୀ ଚାଲୁ ରହିଛି। ହୋମିଓପ୍ୟାଥିକ ଚିକିତ୍ସା ମାଧ୍ୟମରେ ଥଣ୍ଡା, କାଶ, ଜ୍ୱର ପରି ସାଧାରଣ ରୋଗ ବ୍ୟତୀତ ଆଜ୍‌ମା (ଶ୍ୱାସ), ଆଣ୍ଠୁଗଣ୍ଠି ସମସ୍ୟା, ଗ୍ୟାଷ୍ଟ୍ରିକ, ସ୍ନାୟୁ ରୋଗ, ସ୍ପଣ୍ଡିଲୋସିସ, ପାରାଲିସିସ ବା ପକ୍ଷାଘାତ, ମାନସିକ ରୋଗ ଏବଂ ଆମର ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ, ମଧୁମେହର ମଧ୍ୟ ସଫଳ ଚିକିତ୍ସା କରାଯାଇପାରୁଛି। ଏକଥା ଜାଣିବା ଦରକାର ଯେ ଏହି ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଯଦି ଜଣେ ବ୍ୟକ୍ତି ହୋମିଓପ୍ୟାଥି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହୁଅନ୍ତି ତେବେ ଚିକିତ୍ସା କରାଯାଉଥିବା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ଏଥିସହ ଏହି ଚିକିତ୍ସା ପଦ୍ଧତିରେ ରୋଗୀକୁ ସ୍ୱଳ୍ପ ଖର୍ଚ୍ଚ କରିବାକୁ ପଡ଼ିଥାଏ। ମୂଳ କଥା ହେଲା ହୋମିଓପ୍ୟାଥି ଚିକିତ୍ସା ସମୟରେ ରୋଗୀର କେବଳ ରୋଗକୁ ନୁହେଁ, ରୋଗୀର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ଲକ୍ଷଣ ରୂପେ ବିଚାରକୁ ନେଇ ଚିକିତ୍ସା କରାଯାଏ। ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମାନ୍ୟତା ଦେଇଛି।

# ସମ୍ବଲପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ସମ୍ବଲପୁର,୯।୪(ପ୍ରମୋଦ ବହିଦାର)


ଫ୍ଲାଗମାର୍ଚ୍ଚ ପାଇଁ ସମ୍ବଲପୁର ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଉଛି।

ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ କରି ଶୁକ୍ରବାର ହେବାକୁ ଥିବା ବାଇକ ରାଲିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଛି। ଏହାର ଅବ୍ୟବହିତ ପୂର୍ବରୁ ଗୁରୁବାର ସନ୍ଧ୍ୟାରେ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ୯ ପ୍ଲାଟୁନ ପୋଲିସ ଫୋର୍ସ ଓ ବିଏସ୍‌ଏଫ ଯବାନଙ୍କ ଫ୍ଲାଗମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଓ ଶଶାଙ୍କ ବେଉରାଙ୍କ ସହ ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ଜେଲଛକରୁ ବାହାରି ମୋତିଝରଣ, ରାଜାନଗର, ସୁନାପାଲି ଓ ଧନକଉଡ଼ା ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ପରିକ୍ରମା କରିଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ଜନସାଧାରଣଙ୍କ ସହଯୋଗ କାମନା କରିଛି। ସେହିପରି ଶୁକ୍ରବାର ବାଇକ ରାଲି ସମୟରେ ସହରରେ ମୋଟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୩ କମ୍ପାନୀ ବିଏସ୍‌ଏଫ ଓ ସିଆର୍‌ପିଏଫ ଯବାନ ନିୟୋଜିତ ହେବେ। ଏଥିସହ ୪ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୩୯ ଇନସ୍ପେକ୍ଟର ଏବଂ ୧୦୧ ସବଇନସ୍ପେକ୍ଟର ଓ ଏଏସଆଇ ସୁରକ୍ଷା ଦାୟିତ୍ୱ ତୁଲାଇବେ।

**ହନୁମାନ ଜୟନ୍ତୀ ପାଇଁ ସୁରକ୍ଷା କଡାକଡି**

ଗୁରୁବାର ରାତିରୁ ସହରର ପ୍ରମୁଖ ଛକଗୁଡ଼ିକରେ ପୋଲିସ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ଏହାସହ ସହରକୁ ସମସ୍ତ ପ୍ରବେଶ ପଥରେ ପୋଲିସ ସୁରକ୍ଷାକର୍ମୀଙ୍କ ଚେକିଂ ଓ ବ୍ଲକିଂ ପ୍ରକ୍ରିୟା ସ୍ୱରୂପ ସନ୍ଦେହଜନକ ଗାଡ଼ି ଓ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଉଛି। ବାଇକ ରାଲି ସମୟରେ ସମ୍ବଲପୁର ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି ବୋଲି ଅତିରିକ୍ତ ଏସ୍‌ପି ବେଉରା ସୂଚନା ଦେଇଛନ୍ତି।

# ସହାୟତାର ହାତ ବଢ଼ାଇଲା ବୁର୍ଲା ଏକତା ମଞ୍ଚ

ସମ୍ବଲପୁର,୯।୪(ପ୍ରମୋଦ ବହିଦାର):

**ରକ୍ତ କର୍କଟ ଆକ୍ରାନ୍ତ ଶିଶୁର ଚିକିତ୍ସାରେ ଅର୍ଥ ବାଧକ**

ବୁର୍ଲା ସହର ବଲେରପଡ଼ାର ଏକ ୩ ବର୍ଷର ଶିଶୁପୁତ୍ର ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଗରିବ ପରିବାରର ଏହି ଏକମାତ୍ର ଶିଶୁପୁତ୍ରର ଉନ୍ନତ ଚିକିତ୍ସା ପାଇଁ ଏବେ ଅର୍ଥ ବାଧକ ସାଜିଥିବା ବେଳେ ବୁର୍ଲା ଏକତା ମଞ୍ଚ ପକ୍ଷରୁ ତାଙ୍କର ଉନ୍ନତ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛି। ସଙ୍ଗଠନ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଶିଶୁର ଘରକୁ ଯାଇ ପରିବାରକୁ ଭେଟିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବଲେରପଡ଼ାର ସତ୍ୟ ସୁନା ଓ ଦେବକୀ କୁମ୍ଭାରଙ୍କ ୩ ବର୍ଷ ୮ ମାସର ପୁଅ ଗତ ଜାନୁଆରୀ ମାସରେ ଅସୁସ୍ଥ ହେବା ପରେ ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ତେବେ ପରୀକ୍ଷା ନିରୀକ୍ଷା ପରେ ଉଚ୍ଚ ଚିକିତ୍ସା ପାଇଁ ତାଙ୍କୁ କଟକ ଶିଶୁ ଭବନ ପଠାଯାଇଥିଲା। ସେଠାରେ ଶିଶ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଥିଲା। କଟକରେ କିଛି ଦିନର ଚିକିତ୍ସା ପରେ ସେ ଘରକୁ ଫେରିଥିଲେ ମଧ୍ୟ ପୁଣି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ୱରାୟପୁରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶିଶୁର ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ରକ୍ତ କର୍କଟ ଭଳି ବ୍ୟୟବହୁଳ ରୋଗର ଚିକିତ୍ସା ଖର୍ଚ୍ଚ ତୁଲାଇବାକୁ ସକ୍ଷମ ନୁହନ୍ତି। ଖବର ପାଇ ବୁର୍ଲା ଏକତା ମଞ୍ଚ ସଭାପତିଙ୍କ ସହ ଉପଦେଷ୍ଟା ପ୍ରଫୁଲ୍ଲ ନାୟକ, ଦିଜ ରାଉତ, ଶାନ୍ତିଲତା କର, କ୍ରିଷ୍ଣା ରେଡି, ଶାନ୍ତି ସ୍ୱରୂପ ମହାପାତ୍ର, ସୁବୋଧ ଦାସ, ଅନିତା ନାଏକ ଓ ସୁନିତା କ୍ଷେତ୍ରୀ ପ୍ରମୁଖ ତାଙ୍କ ଘରକୁ ଯାଇ ଶିଶୁର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଆର୍‌ଏସ୍‌ପି ନର୍ସିଂ ତାଲିମ ପ୍ରତିଷ୍ଠାନରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍

ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ):

ଡିଜିଟାଲ୍ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ଅନ୍ତର୍ଗତ ନର୍ସିଂ ତାଲିମ ପ୍ରତିଷ୍ଠାନ (ଏନଟିଆଇ) ଠାରେ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ପ୍ରତିଷ୍ଠା କରିଛି। ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ସିଏମ୍‌ଓ ଇନଚାର୍ଜ (ଏମଆଣ୍ଡଏଚଏସ୍) ଏନଟିଆଇ ପରିସରରେ ଏହି ଲ୍ୟାବ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟ ବରିଷ୍ଠ ଡାକ୍ତର, ନର୍ସ, ଏନ୍‌ଟିଆଇର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନୂତନ ଭାବରେ ପ୍ରତିଷ୍ଠିତ ଏହି ଲ୍ୟାବ୍ ୧୦ଟି କମ୍ପ୍ୟୁଟର ସହିତ ସଜ୍ଜିତ ଏବଂ ଏକ ସମୟରେ ୨୦ ଛାତ୍ରୀଛାତ୍ରଙ୍କୁ ତାଲିମ ଦେବାର କ୍ଷମତା ରଖିଛି, ଯାହା ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ସୁଗମ ଏବଂ ସହଳ ଶିକ୍ଷା ସୁନିଶ୍ଚିତ କରୁଛି। ଉଲ୍ଲେଖଯୋଗ୍ୟ, ଆର୍‌ଏସପି ର ଶିକ୍ଷା ଏବଂ ବିକାଶ ବିଭାଗ ତାଲିମ ପାଇଁ ଅଧ୍ୟାପକ ସହାୟତା ପ୍ରଦାନ କରିବ, କାର୍ଯ୍ୟକ୍ରମର ଗୁଣବତ୍ତା ଏବଂ ପ୍ରଭାବକୁ ଆହୁରି ସୁଦୃଢ଼ କରିବ। ଉଲ୍ଲେଖନୀୟ ଯେ, ଗୁଣାତ୍ମକ ନର୍ସିଂ ଶିକ୍ଷା ପ୍ରତି ଏନଟିଆଇ ର ପ୍ରତିବଦ୍ଧତାର ଅଂଶ ଭାବରେ ବିକଶିତ। ଏହି ଆଧୁନିକ କମ୍ପ୍ୟୁଟର ଲ୍ୟାବ୍, ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଉନ୍ନତ ଡିଜିଟାଲ୍ ଏକ୍ସପୋଜର ପ୍ରଦାନ କରିବା ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏନଟିଆଇର ପ୍ରିନ୍ସିପାଲ୍ ବିଦ୍ୟୁତ୍‌ପ୍ରଭା ଗୋଥ୍।


ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟନରେ ଅତିଥି।

# ଘର ସମ୍ମୁଖରେ ଝୁଣ୍ଟିପଡ଼ି ଯୁବକ ମୃତ

ରାଉରକେଲା,୯।୪(ସଙ୍ଗୀତା ଜେନା):

ଉଦିତନଗର ଥାନା ବାସନ୍ତୀକଲୋନୀ ଠାରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକ ତାଙ୍କ ଘର ସମ୍ମୁଖରେ ଝୁଣ୍ଟିପଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ବାସନ୍ତୀ କଲୋନୀ ଜେନାବସ୍ତିର ଗୁଡ଼ୱିନ କିରୋ(୨୭)। ଏ ନେଇ ପୋଲିସ ଗୁରୁବାର ଅପମୃତ୍ୟୁ ମାମଲା(ନଂ.୧୧/୨୦୨୬) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁଡ଼ୱିନ ବୁଲିବାକୁ ଯିବା ସମୟରେ ଝୁଣ୍ଟି ପଡ଼ିଥିଲେ। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

# ମାନେଶ୍ୱର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୯।୪(ବି.ଶଙ୍କର):

ସମ୍ବଲପୁର ଜିଲା ମାନେଶ୍ୱର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରୋହିତ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ଶାରୀରିକ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକିତା ଦାଶ, ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ ଉପସ୍ଥିତ ଥିଲେ। ସବ୍‌ଜୁନିଅର, ଜୁନିୟର, ସିନିୟର ବର୍ଗରେ ୯ଟି ଲେଖାଏ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଜାତୀୟସ୍ତରରେ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିବା ୧୩ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିରଣପ୍ରଭା ସାହୁ, କମିଟି ସଦସ୍ୟ, ପୁରାତନ ଛାତ୍ର ସଦସ୍ୟ, ମୋ ସ୍କୁଲ ଅଭିଯାନ ସଭ୍ୟ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ।

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେ ଅଧୀକ୍ଷଣ ଯନ୍ତ୍ରୀ

ସମ୍ବଲପୁର,୯।୪(ପ୍ରମୋଦ ବହିଦାର)

**ବିଦ୍ୟୁତ୍ ବିତରଣ ଅଫିସ ସମ୍ମୁଖରେ ଭୀମଆର୍ମିର ପ୍ରତିବାଦ**

ସମ୍ବଲପୁର ଜିଲାରେ ବିଦ୍ୟୁତ୍ ବିତରଣ କମ୍ପାନୀର ଧନୁପାଲିସ୍ଥିତ ଅଫିସ ସମ୍ମୁଖରେ ଭୀମ ଆର୍ମି ଓଡ଼ିଶା ପକ୍ଷରୁ ଗୁରୁବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୀମ ଆର୍ମିର ସଦସ୍ୟମାନେ ଅଭିଯୋଗ କରି କହିଥିଲେ, କିଛି ଦିନତଳେ ବକେୟା ବିଦ୍ୟୁତ୍ ବିଲ୍ ପାଇଁ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଦ୍ୟୁତ୍ ସଂଯୋଗକୁ ବିନା ପୂର୍ବ ସୂଚନାରେ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ କାଟି ଦିଆଯାଇଥିଲା। ଡାକ୍ତରଖାନାରେ ଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଙ୍ଗଠନ ପକ୍ଷରୁ ଏହାର ବିରୋଧ ପରେ ବିଦ୍ୟୁତ୍ ସଂଯୋଗ ପୁନଃ ସ୍ଥାପନା କରାଯାଇଥିଲା। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ, କର୍ମକର୍ତ୍ତା ରାମସାଗର ସାହୁଙ୍କ ଅଭିଯୋଗ ଅନୁଯାଇ, ବିତରକ କମ୍ପାନୀ ବିନା ନୋଟିସରେ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଦେଉଛି। ସହରରେ ଲଗାଯାଉଥିବା ସ୍ମାର୍ଟ ମିଟରରେ ବିଲ୍ ଅଧିକ ବିଲ ଆସୁଛି। ଏହାକୁ ତୁରନ୍ତ ବନ୍ଦ ତଥା ଜନସାଧାରଣଙ୍କ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଆଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି। ପରେ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ପଣ୍ଡା ଆନ୍ଦୋଳନକାରୀଙ୍କ ନିକଟକୁ ଆସି ଆଲୋଚନା କରିଥିଲେ। ସେ ଉପଭୋକ୍ତାଙ୍କ କଟାଯାଇଥିବା ବିଦ୍ୟୁତ୍ ସଂଯୋଗକୁ ତୁରନ୍ତ ଯୋଡ଼ିବା ଏବଂ ବିଲ୍‌ପୈଠ ପାଇଁ ଏକ ମାସର ସମୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା।

# ମହାନଦୀ ଟ୍ରିବ୍ୟୁନାଲ, ସମାଧାନ ଦିଗରେ ଅଗ୍ରଗତି ନାହିଁ

ସମ୍ବଲପୁର,୯।୪(ବି.ଶଙ୍କର)

ଓଡ଼ିଶାକୁ ପ୍ରତାରିତ କରିଛି ମହାନଦୀ ଟ୍ରିବ୍ୟୁନାଲ। ଟ୍ରିବ୍ୟୁନାଲ ୨୦୧୮ ମସିହା ମାର୍ଚ୍ଚ ୧୧ ତାରିଖରେ ଗଠିତ ହୋଇଥିଲା ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଉପୁଜିଥିବା ଜଳ ବିବାଦର ସମାଧାନ ସକାଶେ । ଏଥି ମଧ୍ୟରେ ଦୁଇଥର ଟ୍ରିବ୍ୟୁନାଲର କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା। ଏହା ଭିତରେ ୮ ବର୍ଷ ବିତିଗଲାଣି । ଏହି ସମୟ ଭିତରେ ୪୬ ଥର ଟ୍ରିବ୍ୟୁନାଲ ବସିଛି, ମାତ୍ର ବିବାଦର ସମାଧାନ ଦିଗରେ ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ। ଏପରିକି ୪୦ ଜଣ ସାକ୍ଷୀଙ୍କ ଭିତରୁ ମାତ୍ର ଜଣେ ଟ୍ରିବ୍ୟୁନାଲ ସାମ୍ନାରେ ତାଙ୍କର ମତାମତ ରଖିଛନ୍ତି। ଅନେକ ତଥ୍ୟ ଆଜି ପର୍ଯ୍ୟନ୍ତ ମଧ୍ୟ ଟ୍ରିବ୍ୟୁନାଲ ପାଖରେ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥାମାନେ ଦାଖଲ କରି ନାହାନ୍ତି। ଉପରମୁଣ୍ଡରେ ମହାନଦୀର ସ୍ରୋତକୁ ଛତିଶଗଡ଼ ଅଟକାଇ ରଖିବା ଯୋଗୁ ତଳମୁଣ୍ଡରେ ଅଣମୌସୁମୀ ସମୟରେ ଓଡ଼ିଶାରେ ମହାନଦୀ ଶୁଖିଲା ପଡୁଛି। ହୀରାକୁଦକୁ ଖରା ଦିନେ ଯେତିକି ପାଣି ଆସିବା କଥା ତାହା ଆସୁନାହିଁ। ଟ୍ରିବ୍ୟୁନାଲ ଆରମ୍ଭ ଦିନରୁ ଏକ ଆନ୍ତରୀଣ ରାୟ ପାଇଁ ଓଡ଼ିଶା ଦାବି କରିଆସୁଛି । ଯଦ୍ୱାରା ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକ ତାହା ଆମକୁ ଉପଲବ୍ଧ ହୋଇଥାନ୍ତା । ମାତ୍ର ବାରମ୍ବାର ଆବେଦନ ସତ୍ତ୍ୱେ ସେ ଅନ୍ତରୀଣ ରାୟ ଆଜି ପର୍ଯ୍ୟନ୍ତ ଓଡ଼ିଶାକୁ ମିଳିଲା ନାହିଁ। ଅନ୍ୟପଟେ ଓଡ଼ିଶା ଅର୍ଥକୋଷରୁ ଶତାଧିକ କୋଟି ଟଙ୍କା ଟ୍ରିବ୍ୟୁନାଲ ପାଇଁ ଖର୍ଚ୍ଚ ହୋଇଛି। କିନ୍ତୁ କିଛି ଲାଭ ମିଳିଲା ନାହିଁ । ତେଣୁ ମହାନଦୀ ଟ୍ରିବ୍ୟୁନାଲ ଦ୍ୱାରା ଓଡ଼ିଶା ପ୍ରତାରିତ ହୋଇଛି। ଗୁରୁବାର ଅପରାହ୍ନରେ ସମ୍ବଲପୁର ପବ୍ଲିକ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଏହା କହିଛନ୍ତି। ସେ କହିଛନ୍ତି, ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଏପ୍ରିଲ ୧୩ ତାରିଖରେ ସରିବାକୁ ଯାଉଥିବା ବେଳେ ବର୍ତ୍ତମାନର ରାଜ୍ୟ ସରକାର ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ବିଷୟ ଘୋଷଣା କରିଥିଲେ । ଏଥି ସକାଶେ ମନ୍ତ୍ରୀ ଓ ବିଧାୟକମାନଙ୍କ କମିଟି ଗଠନ କରିଥିଲେ। ସେହି କମିଟି ଆଜି ପର୍ଯ୍ୟନ୍ତ ବିବାଦର ସମାଧାନ ଦିଗରେ ବେଶୀ କିଛି ଅଗ୍ରଗତି କରି ପାରିନାହିଁ। କେବଳ ଦୁଇଟି ବୈଠକ ବ୍ୟତୀତ ଆଉ କିଛି ଆଖିଦୃଶିଆ ପଦକ୍ଷେପ ନେବାରେ ଅକ୍ଷମ ହୋଇଛି । ଉକ୍ତ କମିଟି ଜାନୁଆରୀ ୩୧ ଓ ଫେବୃଆରୀ ୧ରେ ଛତିଶଗଡ଼ ଯାଇ ନଦୀର ବାସ୍ତବ ଚିତ୍ର ଦେଖିବାର ଯୋଜନା ଥିଲା । ମାତ୍ର ତାହା ହେଲା ନାହିଁ । ତେବେ ଜାନୁଆରୀ ୨୫ରେ ଏକ ସର୍ବଦଳୀୟ ବୈଠକ କରିବା ପାଇଁ ସରକାର ଘୋଷଣା କରି ବିଫଳ ହୋଇଛନ୍ତି। ତେଣୁ ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ କ୍ଷେତ୍ରରେ କୌଣସି ସ୍ପଷ୍ଟତା ଆଜି ପର୍ଯ୍ୟନ୍ତ ସରକାର ଓଡ଼ିଶାବାସୀଙ୍କ ସାମ୍ନାରେ ରଖି ପାରିଲେ ନାହିଁ । ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଭାଜପା ସରକାର ରହିଛି । ତେଣୁ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ସହଜ ହୋଇ ପାରିବ ବୋଲି ଓଡ଼ିଶାବାସୀ ଆଶା କରିଥିଲେ। ହେଲେ ତାହା କ୍ରମଶଃ ଏକ ମରୀଚିକା ରୂପେ ପ୍ରତୀୟମାନ ହେବାକୁ ବସିଲାଣି। ଓଡ଼ିଶା ପାଇଁ ଏହା ଡବଲ ପ୍ରତାରଣା ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଅଭିଯୋଗ କରାଯାଇଛି। ମହେଶ ସାଇତାଙ୍କ ଆବାହକତ୍ୱରେ ଖବରାଦାତ ସମ୍ମିଳନୀ ହୋଇଥିଲା । ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ବିଜୟ ବହିଦାର, ଟାଇମ୍ସ ଓ ଇଣ୍ଡିଆର ପୂର୍ବତନ ଏଡିଟର ନଳିନୀ ମହାନ୍ତି, ସମ୍ବଲପୁର ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ସାମାଜିକ କର୍ମୀ ପରଭେଜ ଅଲ୍ଲୀ ଖାଁ, ରାଧାକାନ୍ତ ବହିଦାର, ମହମ୍ମଦ ଅଜିମ ଅଜ୍ଜୁ, ସଞ୍ଜୟ ବର୍ମା, ହାରିବନ୍ଧୁ ଶତପଥୀ, ମହମ୍ମଦ ଜାଭେଦ ପ୍ରମୁଖ ଯୋଗ ଦେଇଥିଲେ ।



ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା।

**ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଅଭିଯୋଗ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଲମପୁର,୯।୪(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ବେଲପଡ଼ାଠାରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ଜୁନାଗଡ ଥାନା ଚିଲିଗୁଡା ଫାଣ୍ଡି ଅଧୀନ କୋଟେନ ଗାଁର ଅଶୋକ ଭାଟି (୨୫)। ଅଶୋକ କଲମପୁରଠାରେ ଥିବା ସମ୍ପର୍କୀୟଙ୍କ ଦୋକାନରେ କାମ କରୁଥିଲେ। ସକାଳେ ଚାଷଜମିରେ ଥିବା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ସୁନିଲୋ କଣ୍ଡାଗିରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସମ୍ପର୍କୀୟ ପହଞ୍ଚିବା ପରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଗଛରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ କଲମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ କୋଟେନ ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।

## ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ

# ଅନୁମୋଦନ ପାଲଟିଛି ମରୀଚିକା

ଭବାନୀପାଟଣା, ୯।୪ (ଉତ୍ତମ କୁମାର ଦାଶ)

- ତଳମୁଣ୍ଡରେ ପହଞ୍ଚୁନାହିଁ ପାଣି
- ୫୬୦ କୋଟି ଲାଇନିଂ କାମ ଟିଏସି ଅନୁମୋଦନ ପାଇଁ ଲଟକିଛି
- ୧୩ରେ ଉଚ୍ଚସ୍ତରୀୟ ବୈଷୟିକ କମିଟି ଅନୁଧ୍ୟାନ କରିବ



ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ।

କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ପ୍ରକଳ୍ପର ବାମ ମୁଖ୍ୟ କେନାଲର ୫୬୦କୋଟି ଟଙ୍କା ଏଷ୍ଟିମେଟ କାମ ଟେକ୍ନିକାଲ ଆଡ୍‌ଭାଇଜରି କମିଟି (ଟିଏସି)ରେ ପଡି ରହିଥିବାବେଳେ ସରକାରଙ୍କ ଅନୁମୋଦନ ମରୀଚିକା ପାଲଟିଛି। ଫଳରେ ତଳମୁଣ୍ଡରେ ଠିକ୍ ଭାବେ ପାଣି ପହଞ୍ଚୁ ନ ଥିବା ଚାଷଜମି ଜଳସେଚିତ ହୋଇପାରୁ ନାହିଁ। ଆସନ୍ତା ୧୩ରେ ଉଚ୍ଚସ୍ତରୀୟ ବୈଷୟିକ କମିଟି ଆସି ଅନୁଧ୍ୟାନ କରିବାପରେ ସେମାନଙ୍କ ପରାମର୍ଶ କ୍ରମେ ଏଷ୍ଟିମେଟରେ ପରିବର୍ତ୍ତନ ହେବା ସମ୍ଭାବନା ରହିଛି।

ପ୍ରକାଶ ଯେ, କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ପ୍ରକଳ୍ପର ବାମ କେନାଲ ଦ୍ୱାରା ୫୯୩୦୯ ହେକ୍ଟର ଜମିରେ ଜଳସେଚନ ହେଉଥିବାବେଳେ କେନାଲରେ ୪୨୪୫୫ ହେକ୍ଟର ଜମିରେ ଜଳସେଚନ ହେଉଛି। ସେହିଭଳି ମେଗାଲିଫ୍ଟ କେନାଲରେ ୨୬୨୪୮ ହେକ୍ଟର ଜମିରେ ଚାଷ ହେଉଛି। ସମୁଦାୟ ୧୨୮୦୧୨ ହେକ୍ଟର ଜମିରେ ଜଳସେଚିତ ହେଉଛି। ମୁଖ୍ୟ କେନାଲର ଶୂନରୁ ୪୧ କି.ମି. ନିମନ୍ତେ ୧୪୮ କୋଟି ଟଙ୍କା ବ୍ୟୟରେ କେନାଲ ପୁନରୁଦ୍ଧାର ହୋଇଛି। ସେହିଭଳି ୪୧.୧ କି.ମି.ରୁ ୮୨ କି.ମି. ପର୍ଯ୍ୟନ୍ତ ୩୦୪ କୋଟି ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଏହାର ଟେଣ୍ଡର ପ୍ରକ୍ରିୟା ଓସିସି ପକ୍ଷରୁ ଆହ୍ୱାନ କରାଯାଇଛି। ବାମ ମୁଖ୍ୟ କେନାଲର ଶୂନରୁ ୫୨ କି.ମି. ପର୍ଯ୍ୟନ୍ତ ଲାଇନିଂ କାମ ପାଇଁ ୫୬୦କୋଟି ଟଙ୍କା ବ୍ୟୟ ଅଟକଳ ଏଷ୍ଟିମେଟରେ ଲାଇନିଂ କାମ, ପୁରୁଣା ଷ୍ଟ୍ରକ୍ଚରର ପୁନଃରୁଦ୍ଧାର ରହିଛି। ଏହାଦ୍ୱାରା ୫୨ କି.ମି. ଧର୍ମଗଡ ବ୍ଲକର ସର୍ଗିଗୁଡା ପର୍ଯ୍ୟନ୍ତ ଚାଷୀମାନେ ଜଳସେଚନ ସୁବିଧା ପାଇପାରିବେ। ଏହି ଲାଇନିଂ କାମ ପ୍ରସ୍ତୁତ ହୋଇ ଟେକ୍ନିକାଲ ଆଡ୍‌ଭାଇଜରି କମିଟିକୁ ଯାଇଛି। ଏହି କମିଟିର ସୁପାରିଶ ପରେ ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିବା ପାଇଁ ଯିବ। ଏପର୍ଯ୍ୟନ୍ତ ଟିଏସିରେ ଝୁଲି ରହିଥିବା ଯୋଗୁ ଏହି ପ୍ରସ୍ତାବିତ ଲାଇନିଂ କାମ ମରୀଚିକା ପାଲଟିଛି। ଆସନ୍ତା ଏପ୍ରିଲ ୧୩ ଓ ୧୪ ତାରିଖ ୨ ଦିନ ଧରି ଏକ ୪ ଜଣିଆ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ବାମ ମୁଖ୍ୟକେନାଲର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସେମାନଙ୍କ ରିପୋର୍ଟ ପ୍ରଦାନ କରିବେ। ଏହାପରେ ବିଭାଗ ପକ୍ଷରୁ ଆବଶ୍ୟକ ଏଷ୍ଟିମେଟରେ ସଂଶୋଧନ କରି ପୁଣି ଥରେ ଟେକ୍ନିକାଲ କମିଟିକୁ ପଠାଯିବ। ବର୍ଷ ବର୍ଷ ଧରି ଏହି ଲାଇନିଂ କାମ ପଡିରହିଥିବା ଯୋଗୁ ଶେଷ ମୁଣ୍ଡରେ ଠିକ୍ ଭାବରେ କେନାଲ ପାଣି ପହଞ୍ଚିପାରୁ ନାହିଁ। ରାଜ୍ୟ ସରକାର ଏ ନେଇ ପଦକ୍ଷେପ ନେଲେ ତଳମୁଣ୍ଡରେ ଥିବା ଧର୍ମଗଡ ଓ ଗୋଲାମୁଣ୍ଡା ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରନ୍ତେ। ଏ ନେଇ ଇନ୍ଦ୍ରାବତୀ ପ୍ରକଳ୍ପର ସିସିଇ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ବାମ ମୁଖ୍ୟ କେନାଲର ଲାଇନିଂ କାମ ପ୍ରସ୍ତୁତ ହୋଇ ଟିଏସିକୁ ପଠାଯାଇଛି। ଆସନ୍ତା ୧୩ରେ ଉଚ୍ଚସ୍ତରୀୟ ବୈଷୟିକ କମିଟି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ପଞ୍ଚାୟତ ସମିତି ସ୍ତରୀୟ ବଜେଟ ସଭା



ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

ଗୋଲାମୁଣ୍ଡା, ୯।୪ (ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହଠାରେ ପଞ୍ଚାୟତ ସମିତି ସ୍ତରୀୟ ବଜେଟ ସଭା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଓ ଏବିଡିଓ ବିଜୟ କୁମାର ନାୟକ, ଏପିଓ କ୍ଷେତ୍ର ମୋହନ ମାଝୀ, ଜିପିଡିଓ ସୁଷମା ନାଏକ, ଦଶପୁର ଜୋନ୍ ଜିଲା ପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ଆଗାମୀ ଆର୍ଥିକବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ନିମନ୍ତେ ପାଣ୍ଠି ବଣ୍ଟନ ଉପରେ ଆଲୋଚନା ହୋଇଥିଲା। ଆରମ୍ଭରେ ଅଧିକାରୀମାନେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନକରି ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଉପରେ ଆଲୋକପାତ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ମହାନନ୍ଦ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିବା ସହ ଜନସାଧାରଣଙ୍କ ସମସ୍ୟା ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ବଜେଟର ସୁବିନିଯୋଗ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଉପସ୍ଥିତ ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ନିଜ ଅଞ୍ଚଳର ଆବଶ୍ୟକତା ସମ୍ବନ୍ଧରେ ମତାମତ ଦେଇଥିଲେ ଏବଂ ବଜେଟରେ ସେଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟକୁ ଅନୁମୋଦନ କରାଯାଇଥିଲା, ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ପାନୀୟଜଳ ଭଳି ମୌଳିକ ସେବାର ଉନ୍ନତି ପାଇଁ ବ୍ୟବହୃତ ହେବ।

## ନାମଲେଖା ପାଇଁ ସଚେତନତା ସଭା

ଜୁନାଗଡ଼,୯।୪(ଅଂଶୁମାନ ଯୋଶୀ)

ଜୁନାଗଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଗୁରୁବାର ସ୍ଥାନୀୟ ତାଳବନ୍ଧ ପଡ଼ାରେ ନାମଲେଖା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉତ୍ତମ ଥିବାରୁ ଏଠାରେ ନାମ ଲେଖାଇବା ଉଚିତ ଓ ଏଥିପ୍ରତି ସମସ୍ତଙ୍କ ଦାୟିତ୍ୱ ଅଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ହିମାଦ୍ରୀ ନାଏକ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇ ସରକାରୀ ସ୍କୁଲରେ ନାମ ଲେଖାଇବା ଉପରେ ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରୁପକ୍ଷ ନାଏକ, ସଭ୍ୟା ହିମାଦ୍ରୀ ସିନ୍ଦୂର, ସଭ୍ୟ ଚନ୍ଦ୍ରହାସ୍ୟ ଗୁରୁ, ବାଲାଜୀ ଯାଦବ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କ୍ଷୀରୋଦ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ‘ମୁଇଁ ଇସ୍କୁଲକେ ଯିମି’ ପଥପ୍ରାନ୍ତ ନାଟକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମଳୟ କୁମାର ମୁଣ୍ଡ ସଂଯୋଜନା କରିଥିବା ବେଳେ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

## ଚାକିରି ଆଶାୟୀଙ୍କ ପାଇଁ ନିଃଶୁଳ୍କ କୋଚିଂ ଆରମ୍ଭ



ଅଧିକାରୀଙ୍କ ଗହଣରେ ଚାକିରି ଆଶାୟୀ।

ନୂଆପଡ଼ା,୯।୪ (ମକାରୁ ବେମାଲ)

ଶିକ୍ଷିତ ଯୁବତୀ ଯୁବକଙ୍କୁ ସଶକ୍ତକରି ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ୟୁପିଏସ୍‌ସି ଓ ଓପିଏସ୍‌ସି ଭଳି ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀଙ୍କ ପାଇଁ ମାଗଣା କୋଚିଂ ଶୁଭାରମ୍ଭ କରାଯାଇଛି। ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥାକୁ ଜିଲାପାଳ ମଧୁସୂଦନ ଦାଶ ଶୁଭାରମ୍ଭ କରିଛନ୍ତି। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଚାକିରି ଆଶାୟୀ ଯୋଗଦେଇଥିଲେ। ସିଭିଲ ସର୍ଭିସ୍ ପାଇଁ ସୁଚିନ୍ତିତ ତଥା ଯୋଜନାବଦ୍ଧ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ଏସ୍‌ପି ଅମ୍ରିତ ପାଲ ସିଂ ଭାରତୀୟ ପୋଲିସ ସେବାର ଯାତ୍ରା ସମ୍ପର୍କରେ ନିଜର ଅନୁଭବ ବଖାଣିଥିଲେ। ୟୁପିଏସ୍‌ସି ଭଳି କଠିନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ସେ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାର୍ଥୀମାନଙ୍କ ଏକ ଅଭ୍ୟାସ ପରୀକ୍ଷା ଆୟୋଜନ କରାଯାଇଥିଲା। ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ମାଗଣା କୋଚିଂ ଜିଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ନୂଆପଡ଼ା ପକ୍ଷରୁ ପ୍ରଦାନ କରାଯାଉଛି। ବିଭାଗୀୟ ଅଧିକାରୀ ବିନୋଦ ପ୍ରକାଶ ଲାକ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶେଷରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ନାଟ୍ୟ ମହୋତ୍ସବରେ ଜ୍ଞାନୋଦୟର ସଫଳତା

ବୋଡ଼େନ,୯।୪(ଟିକେଶ୍ୱର ନାଗ)

ଯାଜପୁରର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ସର୍ବଭାରତୀୟ ଆହ୍ୱାନ ରଙ୍ଗ ମହୋତ୍ସବ ଗତ ୬ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅନ୍ୟ ରାଜ୍ୟ ସହ ଓଡ଼ିଶାର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍‌ର ‘ଜ୍ଞାନୋଦୟ’ କେରାପଦରର ନାଟକ ‘କିଞ୍ଚିତ ଭୋଗମ’ ଶ୍ରେଷ୍ଠ ନାଟକ ପୁରସ୍କାର ଲାଭ କରିଛି। ଏହାର ନିର୍ଦ୍ଦେଶକ ରବିରଞ୍ଜନ ପ୍ରଧାନ ଶ୍ରେଷ୍ଠ ନିର୍ଦ୍ଦେଶକ, କେଶରଞ୍ଜନ ପ୍ରଧାନ ଶ୍ରେଷ୍ଠ ନାଟ୍ୟକାର ଓ ଲଛମନ ମହାନନ୍ଦ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ବିବେଚିତ ହୋଇଛନ୍ତି। ନାଟକରେ ଅଭିନୟ କରିଥିବା ହିମାଦ୍ରୀ ମାଝି ଶ୍ରେଷ୍ଠ ଅଭିନେତ୍ରୀ, ରଶ୍ମିତା ଜଗତ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଲୁପ୍ତାଞ୍ଜଳି ମାଝି ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ, ପୀତାମ୍ବର ଦୀପ ଶ୍ରେଷ୍ଠ ଖଳନାୟକ, ବିଭୂତି ଭୂଷଣ ବିଶି ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଓ କିଶୋର ସେଠୀ ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ପୁରସ୍କାର ପାଇଛନ୍ତି। ସୂଚନାଯୋଗ୍ୟ, ଏହି ନାଟକ ରାଉରକେଲାର ଇସ୍ପାତ ରଙ୍ଗ ମହୋତ୍ସବରେ ସର୍ବାଧିକ ୧୧ଟି ପୁରସ୍କାର ପାଇବା ସହ ସର୍ବଶ୍ରେଷ୍ଠ ନାଟକ ବିବେଚିତ ହୋଇଥିଲା। ଏହି ସଫଳତା ପାଇଁ ଜ୍ଞାନୋଦୟର ସଭାପତି ଅଶୋକ କୁମାର ବେହେରା, ସମ୍ପାଦକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଓଁକାର ନାଏକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ମୁଖ୍ୟମନ୍ତ୍ରୀ ମକା ମିଶନ ସଚେତନତା ରଥ ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ନୂଆପଡ଼ା,୯।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ କୃଷି କାର୍ଯ୍ୟାଳୟଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମକା ମିଶନ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟା ଓ ରାନିମହାସ ମିଶନ ଶକ୍ତି ମହିଳା ମକା ପ୍ରଡ୍ୟୁସର କମ୍ପାନୀ ଲିଃଙ୍କ ତତ୍ତ୍ୱାବଧାନରେ ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଉପ କୃଷି ଅଧିକାରୀ ସଙ୍ଗୀତା ମେହେର, ସୌଦାମିନୀ ରାୟ, ସିପିଏସ୍‌ଡବ୍ଲ୍ୟୁ ମୁଖ୍ୟ କାର୍ଯ୍ୟନିର୍ବାହୀ ବିରଞ୍ଚି ନାରାୟଣ ମହାପାତ୍ର, ରାନିମହାସ ମିଶନ ଶକ୍ତି ମକା ପ୍ରଡ୍ୟୁସର କମ୍ପାନୀ ଲିଃର ସଦସ୍ୟା ଉପସ୍ଥିତ ଥିଲେ। ବ୍ଲକ୍‌ର ସମସ୍ତ ପଞ୍ଚାୟତକୁ ରଥ ବୁଲି ଏହି ଯୋଜନାରେ ମକାଚାଷ କଲେ ଓଡ଼ିଶା ସରକାରଙ୍କ ତରଫରୁ କେଉଁସବୁ ସୁବିଧା ରହିଛି ସଚେତନ କରିବ। ସେହିପରି ବ୍ଲକ୍‌ର ବିଭିନ୍ନ ଗାଁରେ ପଥପ୍ରାନ୍ତ ନାଟକ ବା ପାଲା ମାଧ୍ୟମରେ ମକାଚାଷର ଉପକାରିତା ଓ ମକା ଚାଷ ପ୍ରଣାଳୀ ବିଷୟରେ ଚାଷୀଙ୍କୁ ସଚେତନ କରାଯାଉଛି। ମୁଖ୍ୟମନ୍ତ୍ରୀ ମକା ମିଶନ ବ୍ଲକ ସଂଯୋଜକ ଅକ୍ଷୟ କୁମାର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳାକାରଙ୍କ ସ୍ମୃତିଚାରଣ ସଭା

କେସିଙ୍ଗା,୯।୪(ଡୁମେଶ୍ୱର ସାହୁ): କେସିଙ୍ଗା ବ୍ଲକ୍ ପଥର୍ଲା ଗ୍ରାମର ବିଶିଷ୍ଟ କଳାକାର ମୁକୁନ୍ଦ ସାହୁଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଗୁରୁବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା ସଭାପତି ନୀଳମଣି ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ତାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପରେ ଜିଲା ଯୁଗ୍ମ ସମ୍ପାଦକ ଅଶ୍ୱିନୀ ସାହୁ ଓ କାର୍ଜି କିଶନ ସାହୁ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ ପଠନ କରିଥିଲେ। ସ୍ୱର୍ଗତ ସାହୁ ଏକାଧାରାରେ ଜଣେ ଗାଳ୍ପିକ, ଗୀତିକାର, ହାସ୍ୟ କଳାକାର, ସମାଜସେବକ ଥିଲେ। ୧୯୨୬ ମସିହାରେ ତାଙ୍କର ଜନ୍ମ ହୋଇଥିବାବେଳେ ଗତ ମାର୍ଚ୍ଚ ୨୯ରେ ଦେହାନ୍ତ ହୋଇଥିଲା। ଜିଲା ସଭାପତି ସାହୁ ତାଙ୍କ ସ୍ମୃତିଚାରଣକରି ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ତାଙ୍କ ଜ୍ୱାଇଁ ଟୁକୁରାମ ସାହୁଙ୍କ ସମେତ ଜିଲା ଉପସଭାପତି ଶୂଳପାଣି ସାହୁ, ଯୁବରାଜ ସାହୁ, ନୃପରାଜ ସାହୁ, ଫକୀର ସାହୁ, ମନୋହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦିଗହରା ମଣିଷକୁ ବାଟ ବତାଏ ପୁସ୍ତକ

### ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ‘ଆସ ବହିଟିଏ କିଣିବା ଅଭିଯାନ’

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ‘ଆସ ବହିଟିଏ କିଣିବା ଅଭିଯାନ’ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କଳାହାଣ୍ଡି ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ପୱନ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଜିଲାପାଳ ପାୱାର ସଚିନ ପ୍ରକାଶ ଫିତା କାଟି ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ। ପୁସ୍ତକ ମଣିଷର ପ୍ରକୃତ ବନ୍ଧୁ। ମଣିଷ ଯେତେବେଳେ ଦିଗହରା ହୋଇଯାଏ, ସେତେବେଳେ ପୁସ୍ତକ ତାକୁ ବାଟ ଦେଖାଏ। ଲେଖକ, ପାଠକ ଓ ପୁସ୍ତକ ପରସ୍ପର ପରିପୂରକ। ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ସମୃଦ୍ଧ କରିବାରେ ଓଡ଼ିଆ ପୁସ୍ତକର ଅଗ୍ରଣୀ ଭୂମିକା ରହିଛି ବୋଲି ଜିଲାପାଳ କହିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟରେ ଚାରୋଟି ପୁସ୍ତକ ଦୋକାନ ଖୋଲାଯାଇଥିଲା। ‘ଆସ ବହିଟିଏ କିଣିବା’ ମନ୍ତ୍ରରେ ଦୀକ୍ଷିତ ହୋଇ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଗବେଷକ-ଗବେଷିକା, ଅଧ୍ୟାପକ-ଅଧ୍ୟାପିକା ଏହି ଦିବସରେ ଅନେକଗୁଡ଼ିଏ ପୁସ୍ତକ କ୍ରୟ କରିଥିଲେ। ମୋଟ ୫୫,୬୮୮ ଟଙ୍କାର ପୁସ୍ତକ କ୍ରୟ କରାଯାଇଥିଲା। ଏଥିରୁ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଭଲପାଇବା ସ୍ପଷ୍ଟ ଜଣାପଡେ। ଏହି ଦିବସରେ ପ୍ରାକ୍ତନ କୁଳପତି ଡ. ନିବେଦିତା ନାଥ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, କୁଳସଚିବ ଡ଼. ଗୁଣନିଧି ନାଏକ, ବିତ୍ତ ନିୟନ୍ତ୍ରକ ସୁରେଶ ପିଡିସିକା, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ନୀଳାଞ୍ଚଳ ପଟେଲ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କ୍ରୟକରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

## ଓଡ଼ିଆ ପକ୍ଷରେ ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ

ଖଡ଼ିଆଳ,୯।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ଅବସରରେ ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ +୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଡ. ମହାଦେବ ଭୋଇ ପ୍ରମୁଖ ଯୋଗଦେଇ ବିଭିନ୍ନ ଉପାଦେୟ ବହି କିଣିଥିଲେ। ବହି କ୍ରୟ ଓ ଅଧ୍ୟୟନ ଆଗ୍ରହ ବୃଦ୍ଧି କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଛି।

## ବିଧାୟକଙ୍କୁ ସମସ୍ୟା ଜଣାଇଲେ ଲୋକେ

ଲାଞ୍ଜିଗଡ଼,୯।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ଫୁଲଡୁମେର ଓ କୁନାକାଡୁ ଗାଁକୁ ସ୍ଥାନୀୟ ବିଧାୟକ ପ୍ରଦୀପ ଦିଶାରୀ ବୁଧବାର ଗସ୍ତକରି ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଧାୟକ ପ୍ରଥମେ ଫୁଲଡୁମେର ଗାଁକୁ ଗସ୍ତକରି ସେଠାରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ନୂତନ ଭାବେ ନିର୍ମାଣ ହେଉଥିବା ଆଦିବାସୀଙ୍କ ୧୨ ଘର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିଥିଲେ। ସେଠାରେ ଆଲୋଚନା ସମୟରେ ଗାଁ ଲୋକେ ବିଭିନ୍ନ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ଜଙ୍ଗଲ ଜମି ପଟ୍ଟା ପାଇଥିବା ବେଳେ ଚିହ୍ନଟ କରାଇଦେଲେ ସୁବିଧା ହେବ ବୋଲି ବିଧାୟକଙ୍କୁ କହିଥିଲେ। ସରକାରଙ୍କ ପକ୍ଷରୁ କିଛି ଛେଳି ଯୋଗାଇଦେଲେ ଆର୍ଥିକ ସଙ୍କଟ ଦୂରହେବ ବୋଲି କହିଥିଲେ। ତେବେ ବିଧାୟକ ଶୀଘ୍ର ଏହି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ୨୦୨୪ ଡିସେମ୍ବର ୪ରେ ତ୍ରିଲୋଚନପୁର ପଞ୍ଚାୟତର ନିୟମଗିରି ପାହାଡ଼ ଉପରେ ଥିବା କୁନାକାଡୁ ଗାଁର ୮ଟି ଆଦିବାସୀ ପରିବାରକୁ ୧୨ଶହ ଫୁଟ ତଳେ ଜାଗା ଚିହ୍ନଟକରି ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣାଧୀନ ୮ଟି ଘରର ଅନୁଧ୍ୟାନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ବିଧାୟକଙ୍କ ସହ ବ୍ଲକ୍ ବିଜେଡି ସଭାପତି ହିମାଦ୍ରି ପେସନିଆ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ତ୍ରିଲୋଚନପୁର ନାଏବ ସରପଞ୍ଚ ତାରଣୀସେନ ବାଗ, ଭକ୍ତ ପଲକିଆ, ଜୟନ୍ତ ମହାଖୁଡ, କିଶୋର ହରପାଲ, ତରୁଣ ଦାସଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଗାଁ ଲୋକଙ୍କ ସହ ଆଲୋଚନା ଅବସରରେ ବିଧାୟକ ଓ ଅନ୍ୟମାନେ।

## ଗ୍ରୀଷ୍ମତାତିରୁ ଜଳସ୍ତର ହ୍ରାସ, ଲୋକେ ହଇରାଣ

କେସିଙ୍ଗା,୯।୪ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ଗ୍ରୀଷ୍ମତାତି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତରେ ଥିବା ନଈ, ନାଳ, ପୋଖରୀ, ଚେକ୍‌ଡ୍ୟାମ୍, ନଳକୂପ ଆଦିର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୯ରେ ଏଠାରେ ତାପମାତ୍ରା ୩୯.୮ ଡିଗ୍ରୀ ଥିବାବେଳେ ବର୍ତ୍ତମାନ ୪୦.୨ ରହିଥିବା କେସିଙ୍ଗା ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ତାତି ଯୋଗୁ ଭୂତଳ ଜଳ ହ୍ରାସ ପାଇବାରେ ଲାଗିଛି। ପୁଣି କେତେକ ସ୍ଥାନରେ ନଳକୂଅ ଅଚଳ ଯୋଗୁ ଲୋକେ ପାଣିମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଯାନ ଦ୍ୱାରା ଜଳଯୋଗାଣ ହେଉଥିଲେ ମଧ୍ୟ ତାହା ଆବଶ୍ୟକତା ମେଣ୍ଟାଇପାରୁ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଥିବା ପୋଖରୀ, ନାଳ, ଚେକ୍‌ଡ୍ୟାମ ଶୁଖିବାକୁ ବସିଥିବାରୁ ଗୋରୁ, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପ୍ରାଣୀଙ୍କ ପିଇବା ଓ ଗାଧୋଇବାରେ ସମସ୍ୟା ଦେଖାଯାଉଛି। ଏ ସଂକ୍ରାନ୍ତରେ କେସିଙ୍ଗା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଉପଖଣ୍ଡ ଅଧିକାରୀ ଧର୍ମେନ୍ଦ୍ର ସେଠଙ୍କୁ ପଚାରିବାରୁ ବ୍ଲକ୍‌ର ୨୬ ପଞ୍ଚାୟତରେ ୧୮୧୦ଟି ନଳକୂଅ ସଚଳ ରହିଛି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଗାଡ଼ି ବ୍ୟବସ୍ଥା କରାଯାଇଛି। ଯେଉଁ ଗ୍ରାମରୁ ଫୋନ ଆସୁଛି ସେଠାକୁ ଯାଇ ନଳକୂଅ ଠିକ୍ କରାଯାଉଛି ବୋଲି କହିଥିଲେ।



ରେଙ୍ଗାଲି ଗ୍ରାମର ରୁଗୁଡ଼ିମୁଣ୍ଡା ପୋଖରୀରେ ପାଣି ଶୁଖିଯାଇଛି।

# ଫସଲକ୍ଷତି ଅନୁପାତରେ ମିଳୁନି ବୀମାରାଶି

■ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ବନ୍ଦରୁ ଉତ୍ତେଜନା
■ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ
■ ଅତିରିକ୍ତ ଜିଲାପାଳଙ୍କ ଭ୍ୟାନକୁ ମଧ ଛାଡ଼ିଲେନି

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)


ଅତିରିକ୍ତ ଜିଲାପାଳ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। ବିଭିନ୍ନ ସମୟରେ ଚାଷୀମାନେ ଫସଲକ୍ଷତିର ସମ୍ମୁଖୀନ ହେଉଛନ୍ତି, ଅଥଚ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଠିକ୍‌ଭାବେ ବୀମାରାଶି ପ୍ରଦାନ କରାଯାଉ ନାହିଁ। ଏଥିପାଇଁ ଚାଷୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଁ ଧପଡ଼ କରିବା ସହିତ ରାସ୍ତାରୋକୋଠାରୁ ରେଲରୋକୋ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବାକୁ ପଡୁଛି। ଏହାସତ୍ତ୍ୱେ ବୀମା କ୍ଷତିପୂରଣ ରାଶି ପ୍ରଦାନରେ ଜିଲାରେ ଦେଖାଯାଉଥିବା ସମସ୍ୟା ଅସମାହିତ ରହିଯାଉଛି। ଏହାକୁ ନେଇ ଜିଲାରେ ପୁଣି ଚାଷୀ ଅସନ୍ତୋଷ ଦେଖାଯାଇଛି। ଗୁରୁବାର ଜିଲାର ଭେଡେନ ବ୍ଲକ ଅନ୍ତର୍ଗତ ରେଶମ ପଞ୍ଚାୟତର ଚାଷୀମାନେ ଏଭଳି ଅଭିଯୋଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ତାହା ଗ୍ରହଣ କରିଥିଲେ। ଫସଲକ୍ଷତି ଅନୁପାତରେ ବୀମା କମ୍ପାନୀ ବୀମାରାଶି ପ୍ରଦାନ କରୁ ନଥିବା ଅଭିଯୋଗ କରି ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପାତ୍ରରେ ଜିଲାପାଳଙ୍କୁ ନିବେଦନ କରାଯାଇଛି।

ସୂଚନା ଅନୁଯାୟୀ, ଗତବର୍ଷ ରବି ଫସଲ ସମୟରେ ଅଦିନିଆ ବର୍ଷା ଯୋଗୁ ରେଶମ ପଞ୍ଚାୟତରେ ବ୍ୟାପକ ଧାନ ଫସଲ କ୍ଷତି ହୋଇଥିଲା। ସେତେବେଳେ କୃଷି, ରାଜସ୍ୱ ଏବଂ ବୀମା କର୍ମଚାରୀମାନେ କ୍ରପ୍‌କଟିଂ କରି କ୍ଷୟକ୍ଷତି ଆକଳନ କରିଥିଲେ। କ୍ରପ୍‌କଟିଂ ପରେ ଉକ୍ତ ପଞ୍ଚାୟତରେ ୫୦% ଫସଲକ୍ଷତି ହୋଇଥିବା ନେଇ ସେମାନେ ଆକଳନ କରିବା ସହିତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ଅନୁପାତରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପ୍ରତି ୧୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଲେଖାଏ ବୀମାରାଶି ମିଳିବା କଥା। ମାତ୍ର ଫସଲକ୍ଷତିର ବର୍ଷକ ପରେ ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଉଥିଲେ ସୁଦ୍ଧା ତାହା ଧର୍ମକୁ ଆଖିଠାର ଭଳି ଚାଷୀମାନେ ଅଭିଯୋଗ କରିଛନ୍ତି।

ଗତ ମାର୍ଚ୍ଚ ୨୭ ତାରିଖଠାରୁ ବୀମା କମ୍ପାନୀ ଉକ୍ତ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ବୀମା ରାଶି ପ୍ରଦାନ କରିଛି। ତେବେ ଏକର ପ୍ରତି ୧୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବୀମାରାଶି ମିଳିବା ବଦଳରେ ଏହାକୁ ୫ରୁ ୬ ହଜାର ଟଙ୍କା ମଧ୍ୟରେ ସୀମିତ ରଖାଯାଇଛି ଏବଂ ଏହା ପ୍ରାପ୍ୟ ବୀମାରାଶିର ମାତ୍ର ୧୫ରୁ ୨୦% ମଧ୍ୟରେ ରହିଥିବା ଚାଷୀମାନେ କହିଛନ୍ତି। ଅନ୍ୟପଟେ ବୀମା କମ୍ପାନୀ ଏପର୍ଯ୍ୟନ୍ତ କେତେଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ କରିଛି, ତାହା ସ୍ପଷ୍ଟ କରି ନଥିବାବେଳେ ଏବେ ମଧ୍ୟ ଅନେକ ଚାଷୀ ବୀମାରାଶି ପାଇବାରୁ ବଞ୍ଚିତ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଏଭଳି ଅଭିଯୋଗ ନେଇ ଜିଲାପାଳଙ୍କୁ ଜଣାଇବା ପାଇଁ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ବନ୍ଦ କରି ଦେଇଥିଲା। ଏହାକୁ ନେଇ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ କିଛି ସମୟ ପରେ ଅତିରିକ୍ତ ଜିଲାପାଳ ସାହୁ ନିଜ ଭ୍ୟାନରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ଧାରଣାରତ ଚାଷୀମାନେ ଫାଟକ ସମ୍ମୁଖରୁ ଉଠି ନଥିଲେ ଏବଂ ଚାଷୀମାନେ ଅଭିଯୋଗ କରିବାକୁ ଆସିଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାହିଁକି ପୋଲିସ ତାଲା ମାରୁଛି ବୋଲି ପ୍ରଶ୍ନ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ସାହୁ ଭ୍ୟାନରୁ ଓହ୍ଲାଇ ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ଚାଷୀମାନେ ଧାରଣାରୁ ଉଠିବା ପରେ କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଚାଷୀ ପ୍ରତିନିଧି, ବୀମା କମ୍ପାନୀ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଡାକିବାକୁ ଚାଷୀମାନେ ଆହ୍ୱାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଏହାର ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସୁଦାମ ଚରଣ ପାତ୍ର, ନରେନ୍ଦ୍ର ଭୋଇ, ନରେନ୍ଦ୍ର କୁମାର ବାରିକ, ସନ୍ତୋଷ ପ୍ରଧାନ, ରାହାସ ପ୍ରଧାନ, ଭରତ ପ୍ରଧାନଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ଏଥିରେ ସାମିଲ ଥିଲେ।

## ବରପାଲି ଶୀତଳଷଷ୍ଠୀ ଯାତ୍ରା ପାଇଁ ବୈଠକ

ବରପାଲି, ୯।୪(ଚିତ୍ତରଞ୍ଜନ ସାହୁ)

ବରପାଲିର ୧୪୯ତମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଏକ ସର୍ବସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୁଧବାର ସନ୍ଧ୍ୟାରେ ନୃପଲାଲ କ୍ଲବରେ ଯାତ୍ରା କମିଟିର ସଭାପତି ଆନନ୍ଦ ବାବୁଙ୍କ ଅଧକ୍ଷତାରେ ଏକ ସର୍ବସାଧାରଣ ବୈଠକ ଆୟୋଜିତ ହୋଇଥିଲା। ସଭାର ପ୍ରାରମ୍ଭରେ ଶିବ ବନ୍ଦନା ପରେ ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀ ଗତ ବର୍ଷର ଆୟ ବ୍ୟୟ ଉପସ୍ଥାପନ କରିବା ପରେ ତାହା ଅନୁମୋଦିତ ହୋଇଥିଲା। ଚଳିତବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ସହ ଲୋକକଳା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସଭାପତି ପ୍ରକାଶ କରିବା ସହ ସର୍ବ ସାଧାରଣଙ୍କ ସାହାଯ୍ୟ ସହଯୋଗ ଲୋଡ଼ିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା ଅଭିଯାନ'


ଛାତ୍ରୀଛାତ୍ରମାନେ ପୁସ୍ତକ କିଣୁଛନ୍ତି।

ପଦ୍ମପୁର,୯।୪(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଚାଲିଥିବା 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଆସ ବହିଟିଏ କିଣିବା ଅଭିଯାନ' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଅଧାପକ ଡ. ସରୋଜ କୁମାର ନାଏକ, ନିର୍ମଳ କୁମ୍ଭାର, ବିପିନ ପାଇକ, ଅଧାପିକା ରୀନା ଧର୍ମବିନାୟକ, ନିକିତା ଭୋଇ, ସୁରେଶ୍ୱରୀ ପାଣ୍ଡେ ଓ ମୌସୁମୀ ବାରିକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ସ୍ଥାନୀୟ ବିଶ୍ୱଭାରତୀ ପୁସ୍ତକ ଭଣ୍ଡାର, ସାରସ୍ୱତ ପୁସ୍ତକ ଭଣ୍ଡାର ଓ ବିଦ୍ୟାର୍ଥୀ ଭବନ ପରିଦର୍ଶନ କରି ବିଭିନ୍ନ ରୁଚିର ପୁସ୍ତକ ଚୟନ କରିବା ସହ ସାହିତ୍ୟ ସହ ଯୋଡ଼ି ହେବାର ସୁଯୋଗ ପାଇଥିଲେ।

## ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ପାଇକମାଲ, ୯।୪( ବଡ଼ ଶତପଥୀ):

ପାଇକମାଲ ବ୍ଲକର ଏକମାତ୍ର ବାଳିକା ବିଦ୍ୟାଳୟ, ଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ନିଖୁଣ ଭାବେ ପ୍ରଚେଷ୍ଟା ଜାରି ରଖିଥାଏ। ନୂତନ ଭାବେ ନବମ ଶ୍ରେଣୀରେ ନାମ ଲେଖାଇଥିବା ୬୫ ଜଣ ଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଫୁଲ ଚନ୍ଦନ ଦେଇ ଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଭାପତି ନିରୁପମା ନାଗ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ ମଞ୍ଚାସୀନ ହୋଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡା ବିଦ୍ୟାଳୟରେ ଶୃଙ୍ଖଳାର ସହିତ ଅଧୟନ କରି କିପରି ନିଜର ଲକ୍ଷ୍ୟ ହାସଲ କରିବା ସେ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଉଷା ଦାଶ ପରିଚୟ ପ୍ରଦାନ କରିଥିଲେ।

## ଧାନବିକ୍ରି ଦାବି, ଚାଷୀଙ୍କ ଧାରଣାକୁ ବଢୁଛି ସମର୍ଥନ

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)



ଚାଷୀଙ୍କ ଧାରଣାକୁ ସମର୍ଥନ କରୁଛନ୍ତି।

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବିକ୍ରି ଦାବିରେ ଚାଲିଥିବା ଚାଷୀଙ୍କ ଧାରଣାକୁ ମାସେ ବିତିଯାଇଛି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ଚାଷୀଙ୍କ ଧାରଣାକୁ ସମର୍ଥନ ବଢ଼ିବାରେ ଲାଗିଛି। ବରଗଡ଼ ଗସ୍ତରେ ଥିବା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଉପସଭାପତି କୁନାଲ ବାନାର୍ଜୀ, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭାପତି ସୁଦର୍ଶନ ଦାସଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ପାଣ୍ଡବ କର୍ଣ୍ଣ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଜାଦ ପତି, ଜିଲା ଆରଜିପିଆରଏସ ସଭାପତି ଦିଲୀପ ଦାସ, ଟିଂଲିଗଡ଼ର ବିଜୟ ବାଗ, ବାସମତି ବନ୍‌ଛୋର, ସୁନୀତା ବାଗ, ସୂର୍ଯ୍ୟକାନ୍ତି ବାଗ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ ଏବଂ ଧାରଣାରତ ଚାଷୀମାନଙ୍କୁ ସମର୍ଥନ ଜଣାଇଥିଲେ। ପ୍ରକାଶଥାଉ କି, ବିଭାଗୀୟ ଅବହେଳା ଯୋଗୁ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ି ବରଗଡ଼ ଜିଲା ଭେଡେନ ବ୍ଲକ ସହରାଟିକ୍ରା ମାର୍କେଟ ୟାର୍ଡ ଉପରେ ନିର୍ଭରଶୀଳ ଅନେକ ଚାଷୀ ଏପର୍ଯ୍ୟନ୍ତ ଗତ ଖରିଫରେ ଅମଳ ଧାନ ବିକ୍ରି କରି ପାରିନାହାନ୍ତି। ଏହାର ପ୍ରତିବାଦରେ ଗତ ମାସେ ହେଲା ଧାନବସ୍ତା ଗଦା କରି ଖରା, ବର୍ଷା, ଝଡ଼ତୋଫାନ, କରାମାଡ଼ ସତ୍ତ୍ୱେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ସରକାର, ସରକାରୀ କଳ, ନିର୍ବାଚିତ ପ୍ରତିନିଧି ତାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ତେବେ ଯଦି କୌଣସି ପ୍ରକାର ଅଘଟଣ ଘଟେ କିମ୍ବା ସରକାର ତୁରନ୍ତ ଧାନ ନ କିଣିଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।

## ଝାରବନ୍ଧରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ଝାରବନ୍ଧ,୯।୪(ଦେବେନ୍ଦ୍ର ସାହୁ)

ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଝାରବନ୍ଧରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କରିବା ପାଇଁ ସରକାରଙ୍କ ତରଫରୁ ଆସିଥିବା ନିର୍ଦ୍ଦେଶ ଅନୁଯାୟୀ, ଏପ୍ରିଲ ୧ ତାରିଖରୁ ୧୪ ତାରିଖ ଯାଏ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ଏପ୍ରିଲ ୯ ତାରିଖକୁ ଆସ ବହିଟିଏ କିଣିବା ଦିବସ ପାଳନ ହୋଇଥିଲା। ଉକ୍ତ ଅବସରରେ କଲେଜ ପାଠାଗାର ତରଫରୁ ଏକ ବହି ଷ୍ଟଲ ଲଗାଯାଇଥିଲା। ଅଧକ୍ଷ ଶ୍ୟାମସୁନ୍ଦର ବେହେରା ଓଡ଼ିଆ ଭାଷାପ୍ରତି ଆଗ୍ରହୀ ହେବା ସହିତ ଓଡ଼ିଆ ବହି କିଣିବା ଏକ ଅଭ୍ୟାସରେ ପରିଣତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।

## ବିକାଶରେ ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଲ ସ୍କୁଲରେ ଗୁରୁବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବି.ଏ. ଏଲ୍‌ଏଲ୍‌ବି ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲ ସ୍କୁଲର ଅଧକ୍ଷ ପ୍ରଫେସର ବିକ୍ରମ କୁମାର ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନର ଗୌରବକୁ ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲିଗାଲ୍ ଆଡ୍‌ଭାଇଜର ପ୍ରସନ୍ନ କୁମାର ଦାଶ ଯୋଗଦେଇ ଅଧାପିକା, ଅଧାପକଙ୍କ ଆଦର୍ଶକୁ ଛାତ୍ରୀଛାତ୍ର ଆଗେଇ ନେବେ ବୋଲି କହିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ କ୍ୟାମ୍ପସ୍‌ର ସମସ୍ତ ଅଧକ୍ଷା, ଅଧକ୍ଷ, ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ), ଲ ସ୍କୁଲର ସମସ୍ତ ଅଧାପିକା, ଅଧାପକ ଉପସ୍ଥିତ ଥିଲେ।

## ଜେଲ ଗଲେ ଝାରବନ୍ଧ ଜୁନିୟର କଲେଜ ଅଧକ୍ଷ

ଝାରବନ୍ଧ,୯।୪(ଦେବେନ୍ଦ୍ର ସାହୁ):

ଜଣେ ଅଧାପିକାଙ୍କୁ ଜାତିଆଣ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଝାରବନ୍ଧ ଜୁନିୟର କଲେଜ ଅଧକ୍ଷ ପ୍ରମୋଦ କୁମାର ସାହୁଙ୍କୁ ସ୍ଥାନୀୟ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସାହୁ, କଲେଜରେ କାର୍ଯ୍ୟରତ ଜଣେ ଅଧାପିକାଙ୍କୁ ଜାତିଆଣ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ଗତ ମାର୍ଚ୍ଚ ୧୫ ତାରିଖରେ ଝାରବନ୍ଧ ଥାନାରେ ଅଭିଯୋଗ ହୋଇଥିଲା। ସେହି ଦିନରୁ ଅଧକ୍ଷ ସାହୁ ଫେରାର ଥିଲେ। ଗୁରୁବାର ଝାରବନ୍ଧ ପୋଲିସ ତାଙ୍କୁ ନୂଆପଡ଼ାରୁ ଧରିଥିଲା। ଏ ନେଇ ନଂ. ୪୧/୨୬ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

## ଚାଷୀଙ୍କୁ କ୍ଷତିପୂରଣ ଦାବିକଲେ ପୂର୍ବତନ ବିଧାୟକ

ବରଗଡ଼,୯।୪ (ପ୍ରେମାନନ୍ଦ ଖମାରୀ)


କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ବତନ ବରଗଡ଼ ବିଧାୟକ ଭେଟୁଛନ୍ତି।

ବରଗଡ଼ ଜିଲାରେ ସୋମବାର କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା, କରାମାଡ଼ ଯୋଗୁ ଜିଲାରେ ଅନେକ ଚାଷୀଙ୍କ ଧାନ, ପରିବା ଫସଲ ଉଜୁଡ଼ି ଯାଇଛି। ଏଥିରେ ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଏଭଳି ସ୍ଥଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ସହାୟତା ଯୋଗାଇ ଦେବା ପାଇଁ ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଦାବି କରିଛନ୍ତି। ବୁଧବାର ନେପାକ ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁ ଅଞ୍ଚଳର ପ୍ରଭାବିତ ଫସଲ ବୁଲି ଦେଖିଥିଲେ। ଏହା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଫସଲକ୍ଷତି ନେଇ ଆଲୋଚନା ସହିତ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ ଦାବି ଜଣାଇଥିଲେ। ସେହିପରି ଖରାବର୍ଷା ସହ୍ୟ କରି ଧାନବିକ୍ରି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଦେଇଥିବା ଧାରଣାକୁ ମାସେ ବିତିଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୂର୍ବତନ ବିଧାୟକ ନେପାକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକ୍ରି ଅପେକ୍ଷାରେ ଜିଲାରେ ରହିଥିବା ସମସ୍ତ ଧାନକୁ ମଧ ତୁରନ୍ତ କିଣିବାକୁ ସେ ଦାବି କରିଛନ୍ତି। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗକୁ ଆନ୍ଦୋଳନ ଭୟାବହ ହେବ ବୋଲି ନେପାକ ଚେତାବନୀ ଦେଇଛନ୍ତି।

## ଲରମ୍ଭା ମହାବିଦ୍ୟାଳୟରେ ଓଡ଼ିଆ ପୁସ୍ତକ ପ୍ରଦର୍ଶନ


ଆସ ବହିଟିଏ କିଣିବା ଦିବସ ପାଳନ ଅବସରରେ ଓଡ଼ିଆ ପୁସ୍ତକ ପ୍ରଦର୍ଶନ କରାଯାଉଛି।

ଅତାବିରା,୯।୪(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକସ୍ଥିତ ଲରମ୍ଭା ମହାବିଦ୍ୟାଳୟଠାରେ ଓଡ଼ିଆ ପକ୍ଷର ନବମ ଦିବସରେ ଗୁରୁବାର ଆସ ବହିଟିଏ କିଣିବା ଦିବସ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାରେ ଲିଖିତ ପୁସ୍ତକଗୁଡ଼ିକୁ ଓଡ଼ିଆ ବିଭାଗ ଦ୍ୱାରା ବିକ୍ରି ନିମନ୍ତେ ଏକ ବହି ପସରାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ମହାନ୍ତି ପସରାର ଶୁଭାରମ୍ଭ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରତିଷ୍ଠାତା କବି ବ୍ରଜମୋହନ ପଣ୍ଡାଙ୍କ ଲିଖିତ ପୁସ୍ତକ ତଥା ଅଞ୍ଚଳର ବହୁ ବରପୁତ୍ରଙ୍କ ଲିଖିତ ପୁସ୍ତକ ସମେତ ଅନୁଷ୍ଠାନରେ କାର୍ଯ୍ୟରତ କର୍ମକର୍ତ୍ତାଙ୍କ ଲିଖିତ ଗଳ୍ପ, ପ୍ରବନ୍ଧ, ଲୋକସାହିତ୍ୟ ଓ ଜୀବନୀ ପୁସ୍ତକ ରହିଥିଲା। ଦିବସଟିକୁ ଓଡ଼ିଆ ଅଧାପକ ଡ. ଅଜିତ କୁମାର ନାଥ ପରିଚାଳନା କରିଥିବା ବେଳେ ଅଧାପକ ଡ. ଅନ୍ତର୍ଯ୍ୟାମୀ ବେହେରା, ଗ୍ରନ୍ଥାଗାରିକ ଶିଭାଶିଷ ପ୍ରଧାନ, ବଡ଼ବାବୁ ପ୍ରମୋଦଚନ୍ଦ୍ର ସେଠ, ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂପ୍ରସାରିତ ସଂରକ୍ଷଣ ବିରୋଧରେ ରାଲି

ବରପାଲି,୯।୪(ଚିତ୍ତରଞ୍ଜନ ସାହୁ)

ରାଜ୍ୟ ସରକାରଙ୍କ ସମ୍ପ୍ରସାରିତ ସଂରକ୍ଷଣକୁ ବିରୋଧ କରି ଗୁରୁବାର ବରପାଲି ସନାତନି ବ୍ରାହ୍ମଣ ସମାଜ ପକ୍ଷରୁ ଏକ ରାଲି କରାଯାଇଥିଲା। ବରପାଲି ସନାତନି ବ୍ରାହ୍ମଣ ସମାଜ ପକ୍ଷରୁ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରୁ ବ୍ରାହ୍ମଣ ସମାଜର ଶତାଧିକ ପୁରୁଷ ଓ ମହିଳା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରତିବାଦ ପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ନୂତନ ସମ୍ପ୍ରସାରିତ ସଂରକ୍ଷଣ ବ୍ୟବସ୍ଥାରେ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ୧୨%ରୁ ୨୨.୫୦%କୁ, ଅନୁସୂଚିତ ଜାତି ପାଇଁ ୮%ରୁ ୧୬.୨୫%କୁ ବୃଦ୍ଧି କରିବା ସହ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୧୧.୨୫% ରଖାଯିବାକୁ ବ୍ରାହ୍ମଣ ସମାଜ ପକ୍ଷରୁ ବିରୋଧ କରାଯିବା ସହ ଏହା ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ମନୋବଳକୁ ଭାଙ୍ଗିବାର ପ୍ରୟାସ ବୋଲି ପ୍ରତିବାଦ ପତ୍ରରେ ଦର୍ଶାଯାଇଛି। ଏହି ରାଲିରେ ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ସମ୍ପାଦକ ଅରୁଣ କୁମାର ପଣ୍ଡା, ପିନାକୀ ଦାଶ, ନରେନ୍ଦ୍ର କୁମାର ହୋତା, ସୁନୀତା ମୁଣ୍ଡଙ୍କ ସମେତ ବହୁ କର୍ମକର୍ତ୍ତା ଓ ଶତାଧିକ ପୁରୁଷ ସହ ମହିଳା ସାମିଲ ହୋଇଥିଲେ।



ସମ୍ପ୍ରସାରିତ ସଂରକ୍ଷଣ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ଶିବିରରେ ୧୫୩ ଜଣଙ୍କ ଚକ୍ଷୁ ପରୀକ୍ଷା

ଅତାବିରା,୯।୪(ଯୁଧିଷ୍ଠିର ମହାପାତ୍ର):

ଅତାବିରା ବ୍ଲକସ୍ଥିତ ଲରମ୍ଭା ମହାବିଦ୍ୟାଳୟଠାରେ ଗୁରୁବାର ଓଡ଼ିଆପକ୍ଷ ପାଳନ ଅବସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଭିଜନ ସେଣ୍ଟର ଅତାବିରା ଓ ମହାନଦୀ ନେତ୍ର ଚିକିତ୍ସାଳୟ, ଲେପ୍ରା ପରିବାର ପଣ୍ଡାପାଲି ବୀରମହାରାଜପୁର ଜିଲା ସୋନପୁର ଦ୍ୱାରା କଲେଜ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଅଶୋକ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୩ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୫୬ ଜଣଙ୍କର ବିଭିନ୍ନ ଦୃଷ୍ଟି ବାଧିତ ସମସ୍ୟା ନିରୂପଣ କରାଯାଇ ଥିଲା।

## ବହିର ମହତ୍ତ୍ୱକୁ ସମ୍ମାନ ପାଇଁ ଆହ୍ୱାନ

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)


ଅତିଥିଙ୍କ ଗହଣରେ ପାଠିକା, ପାଠକବୃନ୍ଦ।

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଓଡ଼ିଆ ପକ୍ଷ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆସ ବହିଟିଏ କିଣିବା' ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ପୁସ୍ତକ ବିକ୍ରେତା ଓ ଭାଷାରେ ଲିଖିତ ବିଭିନ୍ନ ବହି ବିକ୍ରି କରାଯାଇଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉତ୍କଳ ପ୍ରସଙ୍ଗ ପତ୍ରିକା ବିକ୍ରି କରାଯାଇଥିଲା। ସ୍ଥାନୀୟ ଜଣସାଧାରଣ ତଥା ଜିଲା ପାଠାଗାରର ସମସ୍ତ ପାଠିକା, ପାଠକ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁସ୍ତକ କିଣିବା ସହିତ ଜଣେ ସାରଥି ଭାବେ ଅନ୍ୟମାନଙ୍କୁ ଓଡ଼ିଆ ବହି ପଢ଼ିବାକୁ ପ୍ରେରିତ କରିବା ପାଇଁ ଶପଥ ନେଇଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉପସ୍ଥିତ ସମସ୍ତ ପାଠିକା, ପାଠକଙ୍କୁ ଓଡ଼ିଆ ଭାଷାରେ ଲିଖିତ ବିଭିନ୍ନ ବହି ପଢ଼ିବା, ବହିର ଆଦର ଏବଂ ଚାହିଦା ବଢ଼ାଇବା ପାଇଁ ନିଜ ପସନ୍ଦ ଅନୁଯାୟୀ ବହି କିଣିବା, ନିଜ ପସନ୍ଦର ବହି ସାଙ୍ଗସାଥୀଙ୍କୁ ଉପହାର ଭାବେ ପ୍ରଦାନ କରିବା ଏବଂ ଶିକ୍ଷାର ପ୍ରସାର ତଥା ବହିର ମହତ୍ତ୍ୱ ବିଷୟରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କ ସମେତ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଆଶିଷ କୁମାର ସୁନା, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଉପସ୍ଥିତ ରହି ସମସ୍ତେ ଜୀବନରେ ବହିର ମହତ୍ତ୍ୱକୁ ସମ୍ମାନ ଜଣାଇବା, ବହିଟିଏ କିଣିବା, ପଢ଼ିବା ଏବଂ ଉପହାର ଦେବା ପାଇଁ ଅନୁରୋଧ ରଖିଥିଲେ।

**ସଂକ୍ଷେପରେ**

## କୀଟନାଶକ ପିଇ ଯୁବକ ମୃତ

ବାଲିଶଙ୍କରା,୯।୪ (ହୃଦାନନ୍ଦ ବାରିକ)

ତଳସରା ଥାନା ଅନ୍ତର୍ଗତ ରାମପୁର ପଞ୍ଚାୟତ ଖମପୁର ଗ୍ରାମର ଉଧପଡାରେ ବୁଧବାର ରାତିରେ କୌଣସି କାରଣ ବଶତଃ ଯୁବକ ରାଜୁ ମାଝି (୨୧) ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଜୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ହେମଗିର,୯।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଡୁଡୁକା ବାଇପାସ ରାସ୍ତାରେ ଅଜଣା ଟ୍ରେଲର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଡୁରୁବଗାର ସୁନୀଲ ରାଉତ(୩୫)। ମିଳିଥିବା ସୂଚନା ଅନୁସାରେ, କୌଣସି କାମକୁ ନେଇ ଡୁରୁବଗାରୁ ସୁନୀଲ ବାଇକ ନଂ. ଓଡି ୨୩ ଏ ୪୭୧୨ ଯୋଗେ ସୁନ୍ଦରଗଡ଼ ଅଭିମୁଖେ ଯାଉଥିବା ସମୟରେ ଡୁଡୁକା ବାଇପାସ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ଉପଯୁକ୍ତ କ୍ଷତିପୂରଣ ଓ ବାଇପାସ ରାସ୍ତାକୁ ସମ୍ପୂର୍ଣ୍ଣ ନିର୍ମାଣ ଦାବିକୁ ନେଇ ଧାରଣା ଦେଇଛନ୍ତି। ଘଟଣା ସ୍ଥଳରେ ହେମଗିର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ତେବେ ସୁନୀଲଙ୍କ ୨ଟି ଶିଶୁ ପୁତ୍ର ଥିବାର ଜଣାପଡିଛି। ତେବେ ସେ ଏକ ମାତ୍ର ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ, ସଚେତନତା କାର୍ଯ୍ୟକ୍ରମ

ବଡ଼ଗାଁ,୯।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ନର୍ସିଂ କଲେଜରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସମାପିକା ରାଉତ, ଉପାଧ୍ୟକ୍ଷା ବବିତା ପ୍ରଧାନ, ଡ. ପୁଷ୍ପେନ୍ଦ୍ର ପରିଡ଼ା, ଡ.ଅଙ୍କିତା ଗିରି ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ପ୍ରତି କିପରି ସଚେତନ ହେବେ ବୁଝାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁବ୍ରତ ବିଶାଳ ଓ କେଶବ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସାପ କାମୁଡ଼ାରେ ମହିଳା ମୃତ

ଲହୁଣୀପଡା,୯।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଉଲକୁଣ୍ଡି ଗ୍ରାମରେ ଜନୈକ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ରିତା ଲୋହରା (୩୬)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାରୁ ପ୍ରକାଶ ଯେ, ରିତା ବୁଧବାର ରାତିରେ ଘରେ ଶୋଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ଚୋରା ଲୁହା ସ୍କ୍ରାପ ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

କୁଆଁରମୁଣ୍ଡା,୯।୪(ମହେନ୍ଦ୍ର କୁମାର ସାହୁ)

ଚୋରା ଲୁହା ସ୍କ୍ରାପ କାରବାର କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ବଢୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଫାଣ୍ଡି ପୋଲିସ ଏକ ଲୁହା ସ୍କ୍ରାପ ବୋଝେଇ ଟ୍ରାକ୍ଟରକୁ ଚଢ଼ାଉ କରି ଜବତ କରିଛି। ଏଥିରେ ଚାଲାଣ ହେଉଥିବା ୮ ଟନରୁ ଉର୍ଦ୍ଧ୍ୱ ଲୁହା ସ୍କ୍ରାପକୁ ଫାଣ୍ଡି ପୋଲିସ ଜବତ କରିଛି। ଏହାସହ ଟ୍ରାକ୍ଟର ଚାଳକ କୁଆଁରମୁଣ୍ଡା ତେଲିପୋଶ ପୋଡମରା ଅଞ୍ଚଳର ଅନିଲ ମିଞ୍ଜ(୩୫)କୁ ଗିରଫ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଲୁହା ସ୍କ୍ରାପ ବୋଝେଇ ଟ୍ରାକ୍ଟର କାଲୋସିହିରିଆ ପାର୍ଶ୍ୱରୁ କୁଆଁରମୁଣ୍ଡା ଅଞ୍ଚଳକୁ ଚାଲାଣ ହେଉଥିଲା।

# ବହି ପଢ଼ାକୁ ଅଭ୍ୟାସରେ ପରିଣତ କରିବା ଦରକାର

ସୁନ୍ଦରଗଡ଼,୯।୪(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ସୁନ୍ଦରଗଡ଼ଠାରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ମିନି ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଯୋଗଦେଇ ଏହି ମିନି ପୁସ୍ତକ ମେଳାର



ଅତିଥିମାନେ ଆସ ବହିଟିଏ କିଣିବା ଅଭିଯାନକୁ ଉଦ୍‌ଘାଟନ କରି ଖଣ୍ଡିଏ ଲେଖାଏଁ ବହି କିଣୁଛନ୍ତି ।

ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ସମସ୍ତେ ନିୟମିତ ଭାବେ କୌଣସି ନା କୌଣସି ବହି ପଢ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ସମସ୍ତେ ବହି ପଢ଼ାକୁ ଏକ ଅଭ୍ୟାସରେ ପରିଣତ କରିବା ଦରକାର।

### ଆସ ବହିଟିଏ କିଣିବା ଅଭିଯାନ

ଏହା ଦ୍ୱାରା ବ୍ୟକ୍ତିର ସୃଜନଶୀଳତାର ବିକାଶ ଘଟିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତ୍ସ୍ନାରାଣୀ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଜନସାଧାରଣ ଉପସ୍ଥିତ ରହି ବିଭିନ୍ନ ପୁସ୍ତକ କିଣିଥିଲେ।

# ରାବଣଙ୍କୁ ବଧକରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ ଶ୍ରୀରାମ

ବଡ଼ଗାଁ,୯।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଗତମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ରାମଲୀଳା ଯାତ୍ରା ଗୁରୁବାର ସକାଳେ ଶେଷ ହୋଇଛି। ସୀତାଙ୍କୁ ଅପହରଣ କରିନେଲା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ କରି ବାଳିଙ୍କୁ ବଧ କରିଥିଲେ। ଜଟାୟୁଠାରୁ ସୀତାଙ୍କୁ ରାବଣ ଅପହରଣ କରିନେଇଥିବା ଶ୍ରୀରାମଚନ୍ଦ୍ର ଜାଣିପାରିଥିଲେ। ସୁଗ୍ରୀବଙ୍କ ସହିତ ବାନର ସେନା ରଣନୀତି ପ୍ରସ୍ତୁତ କରି ହନୁମାନଙ୍କ ଦ୍ୱାରା ସୀତା ଠାବ ପାଇଁ ଯୋଜନା ପ୍ରସ୍ତୁତ କଲେ। ହନୁମାନ ଲଙ୍କା ଅଭିମୁଖେ ଯାଇ ସୀତାଙ୍କୁ ଠାବ କରିଥିଲେ। ରାବଣ ହନୁମାନଙ୍କୁ ବନ୍ଧନ କରି ଲାଙ୍ଗୁଡରେ ଅଗ୍ନି ସଂଯୋଗ କରିଥିଲେ। ଏହାପରେ ହନୁମାନ ଲଙ୍କାକୁ ଦହନ କରି ରାମଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହନୁମାନଙ୍କ ଦ୍ୱାରା ରାବଣଙ୍କ ପୁତ୍ର ଅକ୍ଷୟ କୁମାରଙ୍କୁ ବଧ ପରେ ରାମଙ୍କ ସହିତ ରାବଣଙ୍କ ଭୀଷଣ ଯୁଦ୍ଧ



ରାଜାଭିଷେକ ପରେ ଗ୍ରାମବାସୀଙ୍କ ସହିତ ଶ୍ରୀରାମଚନ୍ଦ୍ର ଓ ବାନର ସେନା ।

ହୋଇଥିଲା। ଯୁଦ୍ଧରେ ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ଆଦି ଯୋଦ୍ଧାମାନେ ନିହତ ହୋଇଥିଲେ। ଶେଷରେ ଶ୍ରୀରାମଙ୍କ ତୀରରେ ପ୍ରତାପୀ ରାବଣଙ୍କ ମୃତ୍ୟୁ ହୋଇଥିଲା। ଏହି ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇ ରାମଲୀଳା ଯାତ୍ରାର ସମାପନ ହୋଇଥିଲା। ରାମ, ଲକ୍ଷ୍ମଣ, ଭରତ, ରାବଣ, ଶତ୍ରୁଘ୍ନ, ହନୁମାନ, ଜମ୍ବବାନ, ନଳ, ନୀଳ, ସୁଗ୍ରୀବ, ସୁସେଣ, ବିଭୀଷଣ, ଅଙ୍ଗଦ, ଅକ୍ଷୟ କୁମାର, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ତରଣିସେନ ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ବିଟୁ ନାୟକ, ରକୀ ସା, ହେପି ସାହୁ, ଓଁକାର ସା, ବୀର ପଶାୟତ, ରାଜ ପୃଷେଟ, ରାଜେଶ ଚକ୍ରବର୍ତ୍ତୀ, କ୍ରିଷ୍ଣା ସା, ଆଦର୍ଶ ଅଗ୍ରୱାଲ, କୈଳାଶ କର୍ସେଲ, ଚନ୍ଦନ ମିର୍ଶ, ଅବିନାଶ ପଣ୍ଡା, ସୁବାସିଶ ହୋତା ଅଭିନୟ କରିଥିଲେ। ଗୁରୁବାର ସକାଳେ ଶ୍ରୀରାମ, ଲକ୍ଷ୍ମଣ, ଭାରତ, ଶତ୍ରୁଘ୍ନ, ହନୁମାନ, ଜାମ୍ବବାନଙ୍କ ସହିତ ବାନର ସେନା ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ଶ୍ରୀରାମଙ୍କ ରାଜାଭିଷେକ କରାଯାଇଥିଲା। ଏହାପରେ ଶ୍ରୀରାମଙ୍କ ସହିତ ଯୋଦ୍ଧାମାନେ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବଡ଼ଗାଁ ରାମଲୀଳା ଯାତ୍ରାରେ ମଣ୍ଟୁ ପଣ୍ଡା, ଫକିର ପାଣିଗ୍ରାହୀ, ଚକ୍ରଧର ପୃଷେଟ, ଗୌରାଙ୍ଗ ପୃଷେଟ, ପୀତବାସ ପଣ୍ଡା, କେଶବ କେରସେଲ ସକ୍ରିୟ ଭୂମିକା ଗ୍ରହଣ କରିଥିଲାବେଳେ ନେତ୍ରାନନ୍ଦ ସା, ଲଡୁ କର, ଦିବ୍ୟ ସା ପରଭା ପରିଚାଳନା ଓ ସାଜସଜ୍ଜାରେ ଅଶୋକ ରାଉତ, ତୁଳାରାମ ପୃଷେଟ, ସିଦ୍ଧାନ୍ତ ମିଶ୍ର, ଓଁକାର କର, ରାହୁଲ ସା ଦାୟିତ୍ୱ ତୁଲାଉଥିଲେ। ଯାତ୍ରା ସଂସଦ ସଭାପତି ଦିଲୀପ ପୁରୋହିତଙ୍କ ସହିତ କର୍ମକର୍ତ୍ତା ମୁନା ପଣ୍ଡା, ଚିନ୍ତାମଣି ସାହୁ, ଦିବ୍ୟଲୋଚନ ପୃଷେଟ, ଧନପତି ହୋତା, ଆଶୁତୋଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହୋଇଥିଲା।

# ହାତୀ ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର



ହାତୀ ଭାଙ୍ଗିଥିବା ଘର।

ଟେନ୍‌ସା,୯।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବନାଞ୍ଚଳ ଅଧୀନ ତୋଡ଼ା ସେକ୍ସନର କଲତା ବିଟ ଅଞ୍ଚଳରେ ବଣୁଆଁ ହାତୀଙ୍କ ତାଣ୍ଡବ ଦେଖିବାକୁ ମିଳିଛି। ବୁଧବାର ଅପରାହ୍ନ ୪ଟାରେ ୨ଟି ବଣୁଆଁ ହାତୀ ଗାଁରେ ପଶି ଆତଙ୍କ ସୃଷ୍ଟି କରିଥିଲେ। ଭୟଭୀତ ହୋଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇ ଥିଲା। ହାତୀ ୨ଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଖାଦ୍ୟ ଆଶାରେ ପୁଣି ବିଳମ୍ବିତ ରାତିରେ ହାତୀ ୨ଟି ଗ୍ରାମକୁ ପଶି ଅନ୍ଧାରି ନାଏକ, ପ୍ରମୋଦ ନାଏକ ଓ ଗାସିଆଣୀ ନାଏକଙ୍କ ଘର ଭାଙ୍ଗି ଥିଲେ। ସେମାନେ ଜୀବନ ବଞ୍ଚାଇବାକୁ ଘର ଛାଡ଼ି ପଳାଇ ଯାଇଥିଲେ। ହାତୀ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ଆସବାବପତ୍ର ଦଳି ଚକଟି ନଷ୍ଟ କରି ଦେଇଥିଲେ। ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନ ଥିଲା। ପରେ ଗ୍ରାମବାସୀ ଏକତ୍ରିତ ହୋଇ ହାତୀକୁ ଜଙ୍ଗଲକୁ ଘଉଡାଇ ଥିଲେ। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଗର୍ଜନବାହାଲ ରାସ୍ତାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ହେମଗିର,୯।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ହେମଗିର ବ୍ଲକ ଅନ୍ତର୍ଗତ ଗର୍ଜନବାହାଲ କୋଇଲା ଖଣି ପରିସର ଓ ରାସ୍ତା କଡ଼ରେ ଥିବା ହୋଟେଲ, ଢ଼ାବା ତଥା ରାସ୍ତା ପରିସରକୁ କବ୍ଜା କରି ଥିବା ଦୋକାନ ଗୁଡିକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ସମୟରେ ହେମଗିର ପୋଲିସ ଓ ଅତିରିକ୍ତ ତହସିଲଦାର ଅରବିନ୍ଦ କୁସୁମ ଉପସ୍ଥିତ ଥିଲେ। ଗର୍ଜନବାହାଲ କୋଇଲା ଖଣି ପରିବହନରେ ନିୟୋଜିତ ହୋଇଥିବା ସହ ସହ ଟ୍ରକ ରାସ୍ତା ମଝିରେ ଛିଡ଼ା ହେବା ସହ ପ୍ରତ୍ୟେକ ଦିନ ଟ୍ରାଫିକ ଜାମ ଲାଗି ରହୁଛି। ଫଳରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଛି ।

# ଥାନା ଘେରିଲେ, ଏତଲା ଦେଲେ

ବଣାଇଁ,୯।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ବହୁ ପ୍ରତୀକ୍ଷିତ ବିମଳାଗଡ଼- ତାଳଚେର ରେଳ ପ୍ରକଳ୍ପର ପରିକଳ୍ପନାକୁ ଚାରି ଦଶନ୍ଧି ପୂରିଗଲାଣି। ହେଲେ ଏବେ ବି ପୂର୍ଣ୍ଣାଙ୍ଗ ଲାଭ କରିବା ନେଇ ଅନିଶ୍ଚିତତା ଲାଗି ରହିଛି। ଇତି ମଧ୍ୟରେ କାମ ତ୍ୱରାନ୍ୱିତ ହୋଇଛି, ହେଲେ ଜମି କ୍ଷତିଗ୍ରସ୍ତଙ୍କ ସହ ବିନିମୟ ଅଭାବ ଯୋଗୁ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ଗତ କିଛିଦିନ ତଳେ ରେଳ ପ୍ରକଳ୍ପ ପରିଚାଳକ ମନୋଜ କୁମାର ବିର୍ଶି କେତେଜଣ କ୍ଷତିଗ୍ରସ୍ତ ଲୋକ କାମରେ ବାଧା ଉତ୍ପନ୍ନ କରୁଥିବା ନେଇ ଲହୁଣିପଡା ଥାନାରେ ଏକ ଅଭିଯୋଗ କରିଥିଲେ। ଏହି ଘଟଣାରେ ଉତ୍ତ୍ୟକ୍ତ କ୍ଷତିଗ୍ରସ୍ତ ଗୁରୁବାର ଲହୁଣିପଡା ଥାନା ଘେରାଉ କରିବା ସହ ପୋଲିସକୁ ବାସ୍ତବିକତା ନେଇ ଅବଗତ କରାଇଥିବା ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ଉକ୍ତ ପ୍ରକଳ୍ପ ପରିଚାଳକଙ୍କ ନାମରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଚାରି ଦଶନ୍ଧି ଧରି ପରିକଳ୍ପିତ ଏହି ବିମଳାଗଡ଼- ତାଳଚେର ରେଳ ପ୍ରକଳ୍ପର କାର୍ଯ୍ୟ ଏବେ ତ୍ୱରାନ୍ୱିତ ହୋଇଛି । ବଣାଇଁ ଉପଖଣ୍ଡର ୩ ବ୍ଲକ କୋଇଡ଼ା, ଲହୁଣିପଡା ଓ ବଣାଇଁର ୨୯ ଟି ଗ୍ରାମର ଲୋକ ଏହି ପ୍ରକଳ୍ପରେ ଜମି ହରାଉଥିବା ଜଣାପଡିଛି। ଏବେ



ବିମଳାଗଡ଼- ତାଳଚେର ରେଳ ପ୍ରକଳ୍ପ ପ୍ରଭାବିତ ପ୍ରଜା ସଙ୍ଗଠନ କହିବା ମୁତାବକ, ଅନ୍ୟାୟ ଭାବେ ଗରିବ ଆଦିବାସୀ ଓ ମୂଳବାସିନ୍ଦାଙ୍କ ଜମିକୁ ଜବରଦଖଲ କରି ବଳପୂର୍ବକ ନିର୍ମାଣ ଚଳାଇଛନ୍ତି ଓ ଜମି ଲୁଟି ନେବାକୁ ବସିଛନ୍ତି। ସେନେଇ ଥାନାରେ ଅଭିଯୋଗ ହୋଇଛି। କଲେଇପୋଷ ମୌଜା ସ୍ଥିତ ଖାତା ନଂ. ୫୩ /ପ୍ଲଟ ନଂ. ୭୨ ପାଇଁ ପ୍ରକଳ୍ପ ୧୦ ଡିସିମିଲ କ୍ଷତିଗ୍ରସ୍ତ ହେବା ନେଇ ନୋଟିସ ଜାରି କରିଛନ୍ତି। କିନ୍ତୁ ସେହି ପ୍ଲଟରେ ମୋଟ ୩୮ ଡିସିମିଲ ଜମି ରହିଛି। ପ୍ରକଳ୍ପ ଠିକା ସଂସ୍ଥା ସମ୍ପୂର୍ଣ୍ଣ ଜମି ଦଖଲ କରି ନେଇଛନ୍ତି। ଏହିଭଳି କମାରପୋଷ, କେନ୍ଦୁଡ଼ିହି, ଧମଣାଧର, କୁର୍ଡା, ଧୂଡି, ଗଦାପାଲି, କଷ୍ଟା କୁଦର ଆଦି ଗ୍ରାମରେ ଅନେକ ଜମି ବେଆଇନ ଭାବେ ଜବରଦଖଲ କରିନେଇଛନ୍ତି। କମାରପୋଷ ଗ୍ରାମର ଖାତା ନଂ. ୬ରେ ଥିବା ଜମିକୁ ରେଳପଥ ମାଡୁଛି। କିନ୍ତୁ ଜମି ଅଧିଗ୍ରହଣ ପାଇଁ ନାଁ ନୋଟିସ ଜାରି କରିଛନ୍ତି ନାଁ କ୍ଷତିପୂରଣ ଦେଇଛନ୍ତି। ଏହାକୁ ବିରୋଧ କରି ଦାବି କରିବା ନେଇ ପ୍ରକଳ୍ପ ପରିଚାଳକ ସରକାରୀ କାମରେ ବାଧା ସୃଷ୍ଟି ଦର୍ଶାଇ ଏତଲା ଦାଏର କରିଛନ୍ତି। ବିମଳାଗଡ଼ - ତାଳଚେର ପ୍ରକଳ୍ପ ପ୍ରଜା ସଂଗଠନର ସମ୍ପାଦକ ରୋହିଣୀ କାନ୍ତ ମହାନ୍ତ ଏଭଳି ଘଟଣାକୁ ନିନ୍ଦା କରି ବିନା ଗ୍ରାମସଭାରେ ଜମି ଅଧିଗ୍ରହଣ ଓ ଜବରଦଖଲକୁ ବିରୋଧ କରୁଥିବା ଜଣାଇଛନ୍ତି। ଏହି ସମସ୍ୟା ନେଇ ପ୍ରଜା ସଙ୍ଗଠନ ନୂଆଦିଲ୍ଲୀ ଏନସିଏସଟି (ନ୍ୟାସନାଲ କମିସନ ଅଫ ସିଡୁଲ ଟ୍ରାଇବ) କମିସନଙ୍କଠାରେ ଅପିଲ କରିଥିଲେ। ଜାନୁଆରୀ ୨୨ରେ କମିଶନ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲା। ଏଥିରେ କମିଟିର ସଦସ୍ୟ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ସୁନ୍ଦରଗଡ ଜିଲାପାଳଙ୍କୁ ଉପସ୍ଥିତ ପାଇଁ ସମନ ହୋଇଥିଲା। ଫାଇଲ ନଂ. ଏନସିଏସଟି /ଡିଇ ଭି - ୪୪୨୬ /ଏମ ଆର୍ ଏଲୱାଇ /୨/୨୦୨୫ - ଆର୍‌ଓ - ବିଏଚ୍ୟୁଭି /ଆର୍‌ୟୁ - ଆଇଭି ଶୁଣାଣି ପତ୍ରଟି ୧୭ ଫେବୃଆରୀରେ

**■ଜମିହରା କ୍ଷତିଗ୍ରସ୍ତ ରାଜରାସ୍ତାରେ**

**■ବିମଳାଗଡ଼ - ତାଳଚେର ରେଳ ପ୍ରକଳ୍ପ**

ଆଦେଶ ମତେ ପ୍ରଦାନ କରାଯାଇଛି। ଆଦେଶରେ କମିସନ ୩୦ ଦିନ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡ଼ମ୍ବନା ୫୦ ଦିନ ପରେ ବି ରିପୋର୍ଟ ମିଳିନି। ଏ ସଂକ୍ରାନ୍ତରେ ପ୍ରକଳ୍ପ ପରିଚାଳକ ମନୋଜ ବିର୍ଶିଙ୍କୁ ତାଙ୍କ ମୋବାଇଲ ନମ୍ବର ୭୯୭୮୦୧୩୬୬୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ପୋଲିସ ଗୋଟିଏ ମାମଲା ଯାହା ପ୍ରକଳ୍ପ ପରିଚାଳକ ଦେଇଛନ୍ତି ତାକୁ ରୁଜୁ କରି ତଦନ୍ତ କରୁଛି। ଏହି ଏତଲା ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲହୁଣୀପଡା ଥାନା ଅଧିକାରୀ ରମେଶ୍ୱର ସିଂ ପ୍ରକାଶ କରିଛନ୍ତି। ଘେରାଉ ସମୟରେ କ୍ଷତିଗ୍ରସ୍ତ ଜମିହରାଙ୍କ ସମେତ ବିମଳାଗଡ଼ - ତାଳଚେର ପ୍ରକଳ୍ପ ପ୍ରଭାବିତ ପ୍ରଜା ସଙ୍ଗଠନର ରାଜେଶ କୁଲୁ, ସମ୍ବାରୁ ମାଝୀ, ମାର୍ଶାଲ ବାର୍ଲା, ପାତ୍ରାସ ଜେଟେ, ସୋମା ଓରାମ, ଜାବନ୍ତି କାଣ୍ଡୁଲନା, ଆରତି ନାଗ, ବିଷ୍ଣୁ ମହାନ୍ତ, ବିଜୟ ଟାକ୍ସି, ନୃପ କିଷାନ, ଭବାନୀ ମହାନ୍ତ, ହେମେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କମ୍ୟୁନିଟି ସେଣ୍ଟର, କୀର୍ତ୍ତନ ମଣ୍ଡପ ଉଦ୍‌ଘାଟିତ

ସୁନ୍ଦରଗଡ,୯।୪(ଜୟ ନାରାୟଣ ମେଣ୍ଡୁଲି)

ବିଧାୟକ ଯୋଗେଶ କୁମାର ସିଂହ ବୁଧବାର ସୁନ୍ଦରଗଡ ସହରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ କଲ୍ୟାଣମୂଳକ ପ୍ରକଳ୍ପଗୁଡିକ ଲୋକାର୍ପିତ କରିଛନ୍ତି। ପୌରପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୧ସ୍ଥିତ ଶଙ୍କରା ଖେଳ ପଡିଆଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର ଏବଂ ୱାର୍ଡ ନମ୍ବର ୧୩ କେନ୍ଦୁପଡାଠାରେ ୯ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ କୀର୍ତ୍ତନ ମଣ୍ଡପକୁ ବିଧାୟକ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାକୁ ସ୍ଥାୟୀ ଭାବେ ପ୍ରତିବିମ୍ବିତ କରିବା ସହ ଗ୍ରାମକୁ ଏକ ନୂତନ ପରିଚୟ ଦେବା ସହ ଯୁବକ ବନ୍ଧୁଙ୍କୁ ସଂଗଠିତ ହେବା ପାଇଁ ସହାୟକ ହେବ ବୋଲି ବିଧାୟକ ସିଂହ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ (କ) ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ୱାର୍ଡ ନମ୍ବର ୧୨ର କାଉନସିଲର କୈଳାଶ ତନ୍ତୀ, ୱାର୍ଡ ନମ୍ବର ୧୧ର ପୂର୍ବତନ କାଉନସିଲର ସଂଯୁକ୍ତା ନାଏକ, ବରିଷ୍ଠ ନେତା ଲୁଇସ ଅଜିତ କୁଲୁ, ଦିଗନ୍ତ ପଟେଲ, ସୁଶାନ୍ତ ପଟେଲ, ପ୍ରଦୀପ ପଟେଲ, ନରେଶ ପଟେଲ, ରାଜେଶ ସାହୁ ଏବଂ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସରବାହାଲ ସ୍କୁଲରେ ସମ୍ବର୍ଦ୍ଧନା ସଭା



ହେମଗିର,୯।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଲଇକେରା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ସରବାହାଲଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ କରୁଣାସାଗର ପଟେଲ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏବିଇଓ ଡୁଲାମଣି ପଟେଲ ଯୋଗଦେଇ ଆଦର୍ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୬ ଛାତ୍ରୀଛାତ୍ର ଲିପି ଓରାମ, ସୋମ୍ୟାରାଣୀ ଓରାମ, ମୀରା ଭୋଇ, ଧନେଶ୍ୱର ଓରାମ, ନୋଦିତ ଓରାମ ଓ ଅର୍ଚ୍ଚିତା ଖଡିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ମହାନନ୍ଦିଆ, ସତ୍ୟନାରାୟଣ କୁମ୍ଭାର, ଛାତ୍ରୀଛାତ୍ରଙ୍କ ଅଭିଭାବକ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକଙ୍କୁ ମଧ୍ୟ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ମାନିତ କରିଥିଲେ।

## ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସ୍ୱାଗତ



କୁତ୍ରା,୯।୪ (ଦେବାଶିଷ ସାହୁ)

ରଘୁନାଥପାଲି ବିଧାୟକ ଦୁର୍ଗା ମାଧବ ତନ୍ତି ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଯୋଗଦେଇଥିବା ପରେ ଗୁରୁବାର କୁତ୍ରାରେ ତାଙ୍କୁ ଫୁଲମାଳା ଓ ପୁଷ୍ପଗୁଚ୍ଛ ଦେଇ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। କୁତ୍ରା ବସଷ୍ଟାଣ୍ଡ ଅଞ୍ଚଳରେ ଆୟୋଜିତ ଏହି ସ୍ୱାଗତ ସଭାରେ ଦଳର ଅନେକ ସ୍ଥାନୀୟ ନେତା ଓ କର୍ମୀ ବିପୁଳ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜେଶ ଲାକଡା, ରାମେଶ୍ୱର ସିଂ, ସଞ୍ଜୀବ ମହାନନ୍ଦିଆ, ଦେବେନ୍ଦ୍ର ସିଂ, ଜୁନାସ ଲୁଗୁନ, ରାଜେନ କେର୍କେଟା, କରୁଣାକର ଜୟପୁରିଆ, ପ୍ରକାଶ କେରକେଟା, ଦୀପକ ମହାନନ୍ଦିଆ, ରଜନିକାନ୍ତ ହୋତା, ପ୍ରଫୁଲ୍ଲ ସିଂ, ପୁନମ ଟପ୍ପୋ, ରାଧିକା ଜୟପୁରିଆ, ମଞ୍ଜୁ ଲାକଡା, ଫ୍ରାନ୍ସିସ ମିଞ୍ଜ, ବ୍ରହ୍ମା ହେସ, କାହ୍ନୁ ଚରଣ ସାହୁଙ୍କ ସହିତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ରହି ଦୁର୍ଗା ମାଧବ ତନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ଉପସ୍ଥିତ ନେତାମାନେ ତାଙ୍କର ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିବା ସହିତ ଜିଲାର ଉନ୍ନତି ପାଇଁ ତାଙ୍କ ନେତୃତ୍ୱରେ ଅଧିକ ଆଗକୁ ଯିବ ବୋଲି ଆଶା ପ୍ରକାଶ କରିଥିଲେ।

## ବ୍ଲକସ୍ତରୀୟ ଏମଜିଏନଆରଇଜିଏସ ଜନ ଶୁଣାଣି




ଲହୁଣୀପଡା,୯।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ଗୁରୁବାର ଲହୁଣୀପଡା ବ୍ଲକ ସ୍ତରୀୟ ଏମଜିଏନଆରଇଜିଏସ ଯୋଜନାର ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲା ପରିଷଦ) ଯୋଗେଶ୍ୱର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଲାକ୍ରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ବିଏସଓ ଦୋଳାନନ୍ଦ ମାହାନ୍ତ, ଏପିଓ ବିଷ୍ଣୁ ମୋହନ ନାଏକ ଉପସ୍ଥିତ ଥିଲେ। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଏମଜିଏନଆରଇଜିଏସ ୨୦୨୫/୨୬ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସ୍ତରରେ ହୋଇଥିବା ଏମଜିଏନଆରଇଜିଏସ କାମ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ସେଥିରୁ ଜଣାପଡିଥିଲା ଯେ, ପ୍ରତେକ ପଞ୍ଚାୟତ ର ବିଭିନ୍ନ ଗ୍ରାମରେ ଏମଜିଏନଆରଇଜିଏସ କାର୍ଯ୍ୟ କରାଯାଇଥିବା ପ୍ରାୟ ସ୍ଥାନରେ ସୂଚନା ଫଳକ ଲାଗି ନ ଥିବା ବେଳେ କେତେକ ସ୍ଥାନରେ କାମ କରି ମଧ୍ୟ ଶ୍ରମିକ ମାନେ ପାରିଶ୍ରମିକ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଥିଲା। ଆସିଥିବା ଅଭିଯୋଗ ଗୁଡିକର ବିଚାର କରି ଲାଗି ନ ଥିବା ସୂଚନା ଫଳକ ସ୍ଥାନରେ ୭ଦିନ ମଧ୍ୟରେ ସୂଚନା ଫଳକ ଫଟୋ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପାରିଶ୍ରମିକ ପାଇ ନ ଥିବା ଶ୍ରମିକଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହି ଜନ ଶୁଣାଣୀରେ ଡିଆରଡି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିବା ବେଳେ ବ୍ଲକର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଦିଶା ଯୋଜନାରେ ନୂଆ ଜୀବନ ପାଇଲେ ୨ଯୁବକ**

ସମ୍ବଲପୁର,(ପ୍ରମୋଦ ବହିଦାର): ନିଶା କବଳରୁ ମୁକ୍ତ ହୋଇ ସମ୍ବଲପୁର ଜିଲାର ୨ଜଣ ଯୁବକ ସ୍ୱାଭାବିକ ଜୀବନକୁ ଫେରିଛନ୍ତି। ଦିଶା ଯୋଜନା ଜରିଆରେ ସେମାନଙ୍କର ସଫଳ ପୁନର୍ବାସ ହୋଇଛି। ହୀରାକୁଦ ଏବଂ ଝାଡୁଆପଡାର ଅଞ୍ଚଳର ଏହି ଯୁବକମାନେ ନିଶାର ଶିକାର ହୋଇ ପରିବାର ଓ ସମାଜଠାରୁ ଦୂରେଇ ଯାଇଥିଲେ। ସେମାନଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଥିବା ସର୍ଲାକାନିସ୍ଥିତ ନମଃ ଫାଉଣ୍ଡେଶନ ଆବାସିକ ନିଶାମୁକ୍ତ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ଦିନର ଚିକିତ୍ସା, କାଉନସେଲିଂ ଏବଂ ଇଚ୍ଛାଶକ୍ତି ବଳରେ ଯୁବକଦ୍ୱୟ ଏବେ ସୁସ୍ଥ ହୋଇ ପରିବାରକୁ ଫେରିଛନ୍ତି। ଏଥି ପାଇଁ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଗୁରୁବାର ଉଭୟଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

## ସମ୍ବଲପୁରର ବିକାଶ କାର୍ଯ୍ୟର କଲେ ସମୀକ୍ଷା

# ବସ୍ତିମୁକ୍ତ ସହର ଗଠନକୁ ଗୁରୁତ୍ୱ

### ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର, ୯।୪(ପ୍ରମୋଦ ବହିଦାର)


ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ମୁଦିପଡା ପୁଷ୍କରିଣୀର ଉନ୍ନୟନ ନେଇ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ଗୁରୁବାର ସମ୍ବଲପୁର ଗସ୍ତ କରି ସହରର ବିଭିନ୍ନ ଜନକଲ୍ୟାଣକାରୀ ତଥା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ଗସ୍ତ କାଳରେ ସେ କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ସହରର ପରିମଳ ବ୍ୟବସ୍ଥା, ଷ୍ଟ୍ରିଟ୍‌ଲାଇଟ, ରାଜସ୍ୱ ସଂଗ୍ରହ, ବର୍ଷା ଜଳ ନିଷ୍କାସନ ଓ ଆଇଟି କର୍ମଯୋଗୀ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ସ୍ୱେରେଜ ବୋର୍ଡ଼ ଓ ୱାଟକୋ ଦ୍ୱାରା ଚାଲିଥିବା କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଅତିରିକ୍ତ ମୁଖ୍ୟଶାସନ ସଚିବ ପାଢ଼ୀ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ସେ କହିଥିଲେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହରକୁ ବସ୍ତିମୁକ୍ତ କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ବସ୍ତି ବାସିନ୍ଦାଙ୍କୁ ଉପଯୁକ୍ତ ବାସଗୃହ ଯୋଗାଇ ଦେବା ସହ ନୂଆ ବସ୍ତି ଯେପରି ସୃଷ୍ଟି ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଏଥିପାଇଁ ସରକାର ବିଭିନ୍ନ ସ୍ଥାନରେ ସୁଲଭ ମୂଲ୍ୟରେ ବାସଗୃହ ଓ ଭଡ଼ାସୂତ୍ରରେ ରହିବା ପାଇଁ ଘର ନିର୍ମାଣ କରାଯିବ। ସହରରେ ବିନା ଅନୁମୋଦନରେ ହେଉଥିବା ଗୃହ ନିର୍ମାଣକୁ ରୋକିବା ପାଇଁ କଡ଼ା ନିୟମ ପ୍ରଣୟନ କରାଯାଇଛି। ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମତି ପାଇବା ପ୍ରକ୍ରିୟାକୁ ସରଳ କରାଯାଇଛି। ଯାହାଫଳରେ ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ସହଜରେ ପ୍ଲାନ ପାସ୍ କରିପାରିବେ। ଯଦ୍ୱାରା ସମ୍ବଲପୁର ସହରର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହାବ୍ୟତୀତ ସମ୍ବଲପୁର ବିକାଶ ପ୍ରାଧିକରଣ(ଏସ୍‌ଡିଏ)ରେ କର୍ମଚାରୀ ଅଭାବକୁ ଦୂର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ଏମ୍‌ସି ଆୟୁକ୍ତ ରେହାନ ଖତ୍ରୀ, ୱାଟକୋ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଇଂ. ଦେବବ୍ରତ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହା ପୂର୍ବରୁ ଗୁରୁବାର ସେ ସମ୍ବଲପୁର ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ୪୫୧.୨୪ କୋଟି ଟଙ୍କାର ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ସକାଶେ ୱାଟକୋ ପକ୍ଷରୁ ନିର୍ମିତ ଜମାଦାରପାଲି ଇନଟେକ ପଏଣ୍ଟ ଏବଂ ଟିପୁପଡ଼ା ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରି ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହାପରେ ସେ ସମ୍ବଲପୁର ମହାନଗର ନିଗମ ଦ୍ୱାରା ହାତକୁ ନିଆଯାଇଥିବା ମୁଦିପଡ଼ା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରି ଜଳାଶୟର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଠେଲକୋପଡ଼ାଠାରେ ନିର୍ମାଣାଧୀନ ସୁଲଭ ବାସଗୃହ ପ୍ରକଳ୍ପ ସ୍ଥଳରେ ସେ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଗରିବ ଶ୍ରେଣୀର ଲୋକଙ୍କୁ ଯଥାଶୀଘ୍ର ବାସଗୃହ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ସକାଳେ ପ୍ରଥମେ ସେ ବୁର୍ଲା ସ୍ଥିତ ଅଟଳ ଉଦ୍ୟାନ ପରିଦର୍ଶନ କରି ସେଠାକାର ଇଞ୍ଜିନିୟରିଂ ଟିମ୍ ସହ ପ୍ରକଳ୍ପର ଭବିଷ୍ୟତ ଯୋଜନା ବାବଦରେ ଆଲୋଚନା କରିଥିଲେ। ବରେଇପାଲି ପାଞ୍ଚଗଛିଆସ୍ଥିତ ଇଡକୋ ଶିଳ୍ପାଞ୍ଚଳରେ ପହଞ୍ଚି ସେଠାରେ ଥିବା ଏମ୍‌ଏସ୍‌ଏମ୍‌ଇ ଶିଳ୍ପଗୁଡ଼ିକର ସ୍ଥିତି ପରଖିବା ସହ ବନ୍ଦ ହୋଇ ପଡ଼ିଥିବା କାରଖାନାଗୁଡ଼ିକର ପୁନରୁଦ୍ଧାର ଓ ଆଧୁନିକୀକରଣ ଉପରେ ଜୋର ଦେଇଥିଲେ।

## ଓଡ଼ିଆ ପକ୍ଷରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ


ଅତିଥିଙ୍କ ସହ ପ୍ରମାଣପତ୍ର ସହ ରକ୍ତଦାତାମାନେ।

ନାକଟିଦେଉଳ,୯।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ରେଢ଼ାଖୋଲ ଓ ସମ୍ବଲପୁର ବ୍ଲଡ଼ବ୍ୟାଙ୍କ ସହାୟତାରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୭ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ରକ୍ତଦାନ ସମ୍ପର୍କିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲା ଯୋଜନା କମିଟିର ସହଯୋଗୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେଓ, ସମ୍ମାନୀତ ଅତିଥିଭାବେ ନାକଟିଦେଉଳ ବିଡିଓ ଆକାଶ ରଞ୍ଜନ ସାହୁ, ରେଢ଼ାଖୋଲ ବ୍ଲଡ଼ବ୍ୟାଙ୍କ ଅଧିକାରୀ ଡାକ୍ତର ଅଭିଶେକ ଦାଶ, ଟେକ୍ନିସିଆନ ନୃସିଂହ ଚରଣ ବିଶ୍ୱାଳ ଯୋଗଦେଇ ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର ଆୟୋଜନର ଯଥାର୍ଥତା, ଆବଶ୍ୟକତା ଏବଂ ରକ୍ତ ବର୍ଗୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ମନୋରମା ଧଳ, ଜାହ୍ନବୀ ଧଳ, କାମଦେବ ପଟେଲ, ଗଣେଶରାମ ସେଠ ଓ ଡ଼ି. ସେଠୀ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ମହାବିଦ୍ୟାଳୟ ୟୁଥ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶାଳ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ଼. ପୁଷ୍ପାଞ୍ଜଳି ରବଣାଙ୍କ ସଂଯୋଜନାକ୍ରମେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶବାଳା ନାୟକ, ସମରେନ୍ଦ୍ର ମାଝୀ, ଭବାନୀ ସାହୁ, ଲୋପାମୁଦ୍ରା ଗଡ଼ତିଆ, ଅଜୟ ସାହୁ, ଉମାକାନ୍ତ ପ୍ରଧାନ, ଦିଲୀପ ସାହୁ, ସିପୁନ ପ୍ରଧାନ ଓ ଅଶୋକ ଧଳଙ୍କ ସମେତ ୩୭ ଜଣ ରକ୍ତଦାନ କରିଥିଲେ। ଏହି ଅବସରରେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କର


ଆୟୋଜିତ ବକ୍ତୃତାମାଳାରେ ମଞ୍ଚାସୀନ ଅତିଥି ଓ ବକ୍ତା।

### ପରମାଣପୁର ମହାବିଦ୍ୟାଳୟରେ ବକ୍ତୃତାମାଳା

ସମ୍ବଲପୁର,୯।୪(ବି.ଶଙ୍କର)

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୫ତମ ଜୟନ୍ତୀ ଗୁରୁବାର ସମ୍ବଲପୁର ପରାମାଣପୁରସ୍ଥିତ ଝସକେତନ ସାହୁ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପଣ୍ଡାଙ୍କ ପୌରୋହିତ୍ୟରେ ନୈତିକତା ଶୀର୍ଷକ ବକ୍ତୃତାମାଳା ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଆଦିତ୍ୟ ଆଲୁମିନିୟମର ପୂର୍ବତନ ଉପସଭାପତି ଇଞ୍ଜିନିୟର ସୁଶାନ୍ତ ଗୁରୁ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ନୃସିଂହ ଗୁରୁଙ୍କୁ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି କହିଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରାବସ୍ଥାରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସ୍ୱର୍ଗତ ଗୁରୁ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗ କରିଥିଲେ। ଏହାଛଡା ସେ ଅସ୍ପୃଶ୍ୟତା ଓ ନିଶା ନିବାରଣ ଭଳି ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ କରି ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିବା ସହ ପ୍ରଶଂସିତ ହୋଇଥିଲେ। ନୃସିଂହ ଗୁରୁଙ୍କ ଭଳି ସ୍ଥାନୀୟ ବରପୁତ୍ରମାନଙ୍କ ସମ୍ପର୍କରେ ଜାଣି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ପାଇଁ କାର୍ଯ୍ୟ କରିବାକୁ ବକ୍ତାମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ଅମର ମିଶ୍ର ମଧ୍ୟ ଏଥିରେ ଉଦ୍‌ବୋଧନ ଦେଇ ଇତିହାସରେ ସ୍ଥାନୀୟ ବରପୁତ୍ରମାନଙ୍କୁ ଉଚିତ ସ୍ଥାନ ମିଳି ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଶୋଭନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଆକାଶ ଡୁଙ୍ଗଡୁଙ୍ଗ ଓ ଡନୁର ଗୁଗର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅଧ୍ୟାପକ ଅଶ୍ୱିନୀ କୁମାର ବାରିକଙ୍କ ଲିଖିତ ପୁସ୍ତକ ନୃସିଂହ ଗୁରୁ : ଜୀବନ ଓ ବ୍ରତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ସମ୍ବଲପୁରରେ ରୋଟାରିର ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର,୯୪(ପ୍ରମୋଦ ବହିଦାର)

ରୋଟାରୀ ଇଣ୍ଟରନ୍ୟାଶନାଲ ଜିଲା ୩୨୬୧ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ପରିସରରେ ଗୁରୁବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରି ଇଣ୍ଟରନ୍ୟାଶନାଲ ନିର୍ଦ୍ଦେଶକ ପିଡିଜି ବାସୁଦେବ ଗୋଲ୍ୟାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜ ପ୍ରତି ରୋଟାରୀର ନିରନ୍ତର ସେବା ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେବା ମାଧ୍ୟମରେ ମାନବତାକୁ ସୁଦୃଢ଼ କରାଯାଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଚଳିତ ବର୍ଷର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅମିତ ଜୟସ୍ୱାଲ ଯୋଗଦେଇ ପିଡିଜି ଗୋଲ୍ୟାନଙ୍କ ନେତୃତ୍ୱ ଓ ସେବା ମନୋଭାବର ପ୍ରଶଂସା କରିଥିଲେ। ଏହି ଉତ୍ସବରେ ସମ୍ବଲପୁରର ପୂର୍ବତନ ଗଭର୍ଣ୍ଣର ହରଜିତ ସିଂହ ହୁରା, ସହାୟକ ଗଭର୍ଣ୍ଣର ରଞ୍ଜିତ ସିଂହ ହୁରା, ଶିବ ପ୍ରସାଦ ପାଢ଼ୀ, ଅରୁଣ କୁମାର ତିବ୍ରେୱାଲ, ପ୍ରମୋଦ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଦସ୍ୟମାନଙ୍କୁ ଏହିଅବସରରେ ସମ୍ମାନୀତ କରାଯାଇଥିଲା। ସୀମାନ୍ତିକା ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସହରର ବିଭିନ୍ନ ରୋଟାରୀ କ୍ଲବର ସଭାପତି, ସମ୍ପାଦକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ଜମନକିରା,୯।୪(ରବୀନ୍ଦ୍ର ପ୍ରସାଦ ଦାନୀ)


ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ସମ୍ବଲପୁର ଜିଲା ଜମନକିରା ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହିମା ସାହୁ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଭୋଇ, ବିପିସି. ଓମପ୍ରକାଶ ସାହୁ, ବିଏସଏ ସପନ ଭୋଇ, ଜିଆର୍‌ଏସ୍, ସମସ୍ତ ଏଡିଇଓ, ସମସ୍ତ ପିଇଓ, ବ୍ଲକ ସାମାଜିକ ସମୀକ୍ଷକ, ଜବକାର୍ଡଧାରୀ ଉପସ୍ଥିତଥିଲେ। ଜିଲା ସାମାଜିକ ସମୀକ୍ଷକ ଶତପଥୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆସିଥିବା ଅଭିଯୋଗଗୁଡିକର ଶୁଣାଣି କରିବା ସହିତ ଆଶୁ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ଗ୍ରାମ ପଞ୍ଚାୟତର ୫୫, ଜଙ୍ଗଲ ବିଭାଗର ୪ଟି, ମୃତ୍ତିକା ସରକ୍ଷଣ ବିଭାଗର ୫ ଓ ଓଟିଇଏଲପି ବିଭାଗର ୨ଟି ଥିଲା। ଏମ୍‌ଜିଏନ୍‌ଆର୍‌ଜିଏସ୍ ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ଅଗ୍ରଗତି ରିପୋର୍ଟ ପଠନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଭିଯୋଗଗୁଡିକ ମଧ୍ୟ ଶୁଣାଣି ହୋଇଥିଲା। ଖିଲାପି ଅଧିକାରୀମାନଙ୍କଠାରୁ ଅର୍ଥ ଭରଣା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



ଜିଏମୟୁରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତା।

ସମ୍ବଲପୁର,୯।୪(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଓଡ଼ିଆ ପକ୍ଷ ଉପଲକ୍ଷେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ଡ.ଜ୍ଞାନରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ପୁସ୍ତକ ପଠନ ଅଭ୍ୟାସ ପାଇଁ ପ୍ରେରିତ କରିଥିଲେ। ଓଡ଼ିଆ ପକ୍ଷ ପାଳନର ସଂଯୋଜକ ଡ.ରଞ୍ଜନ ସେଠୀ, ଗ୍ରନ୍ଥାଳୟ ପ୍ରଭାରୀ ଡ. ରୋଜାଲିନ ରାଉତ ଓ ପୂର୍ବତନ ଗ୍ରନ୍ଥାଗାରିକା ପୁଷ୍ପାଙ୍ଗିନି ପଟ୍ଟନାୟକଙ୍କ ପ୍ରୟାସରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଓଡ଼ିଆ ପୁସ୍ତକ ସହ ଏକ ବହି ଷ୍ଟଲର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଏକ ସାର୍ଥକ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଜିଏମ୍‌ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

**ସମ୍ବଲପୁର,୯।୪(ବି.ଶଙ୍କର):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୭୦ତମ ସଂଖ୍ୟା ଗୁରୁବାର ଲୋକାର୍ପିତ ହୋଇଛି। ଶବ୍ଦଗଙ୍ଗାର ମୁଖ୍ୟ ସମ୍ପାଦକ ଡ. ଲକ୍ଷ୍ମୀପ୍ରିୟା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଅତିଥି କବି ଭାବେ କୌଶଲ୍ୟା ପ୍ରଧାନ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା ଆବୃତ୍ତି କରିବା ସହ ଯୁବପିଢି ପାଇଁ ପତ୍ର ପତ୍ରିକା ଓ ଭାଷା ସାହିତ୍ୟର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଶବ୍ଦଗଙ୍ଗାର ସହଯୋଗୀ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସ୍ୱାଗତ ଭାଷଣ, ଛାତ୍ର ସମ୍ପାଦିକା ଲିପ୍ସା ମେହେର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ । ଯୁବ ପ୍ରତିଭା ପ୍ରଣତି ବୁଡେକ ଶବ୍ଦଗଙ୍ଗା ସମ୍ପର୍କରେ ତାଙ୍କର ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୯।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଟାଙ୍ଗରମୁଣ୍ଡା ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ବେଲାପଡ଼ା ରେଳ ଫାଟକ ନିକଟରେ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବିହାର ରାଜ୍ୟ ବୈଶାଳୀ ଜିଲା ଖୁର୍ଦସାହାପୁରର ରଣଧୀର ସାହାଣୀ(୩୦)। ଏନେଇ ରେଳବାଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ରେଳବାଇ ବିଭାଗ ବାମରା ଫାଣ୍ଡି ଅଧିକାରୀ ଅରୁଣ ଭଇଁସାଲ କହିଛନ୍ତି। ମୃତକ ସାହାଣୀ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳରେ ରହି ଡ୍ରାଇଭର କାମ କରୁଥିଲେ। ବୁଧବାର ସେ ସାଉଥ ବିହାର ଏକ୍ସପ୍ରେସ ଟ୍ରେନ୍‌ରେ ଝାରସୁଗୁଡ଼ାରୁ ଘରକୁ ଫେରୁଥିଲେ। ହେଲେ କୌଣସି କାରଣରୁ ଟାଙ୍ଗରମୁଣ୍ଡା ନିକଟବର୍ତ୍ତୀ ଲୋପଡା ରେଳ ଫାଟକ ନିକଟରେ ଚଳନ୍ତା ଟ୍ରେନରୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ରେଳବାଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଆଦର୍ଶ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

ନାକଟିଦେଉଳ,୯।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପେଣ୍ଡବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ସହ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ନାକଟିଦେଉଳ ଅଗ୍ନିଶମ ବିଭାଗ ଅଧିକାରୀ ବିଶିକେଶନ ସାହୁ ଯୋଗଦେଇ ଅଗ୍ନିକାଣ୍ଡର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଗ୍ୟାସ, ତେଲ, ଧାତୁଜନିତ ଏବଂ ବିଦ୍ୟୁତ୍ ଶର୍ଟସର୍କିଟରୁ ଘଟୁଥିବା ଅଗ୍ନିକାଣ୍ଡ ସମୟରେ କିପରି ସଚେତନ ହୋଇ ଧନ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ପାଣିରେ ବୁଡି ଯାଉଥିବା ବ୍ୟକ୍ତିଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ନେଇ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗ ଅଧିକାରୀ ଏବଂ ଯୋଗଦେଇଥିବା ଅନ୍ୟ ଅଗ୍ନିକମାନେ ବିଭିନ୍ନ ପ୍ରାକୃତିକ ଓ କୃତ୍ରିମ ଅଗ୍ନିକାଣ୍ଡ ବେଳେ ନିଆଁକୁ କିପରି ଆୟତ୍ତ କରାଯିବ ସେ ସମ୍ପର୍କରେ ମକ୍‌ଡ୍ରିଲ କରି ଏହାର ଡେମୋ ଦେଖାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।



ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାର ଡେମୋ ଦେଖାଉଛନ୍ତି।

# ଛାତ୍ରୀଛାତ୍ର ନିଜ ଲକ୍ଷ୍ୟ ହାସଲ ପ୍ରତି ଧ୍ୟାନ ଦିଅନ୍ତୁ

### ବିଦ୍ୟା ବିକାଶ ଗ୍ରୁପ୍‌ର ପ୍ରତିଷ୍ଠା ଦିବସ ଅଙ୍କୁର

ସମ୍ବଲପୁର, ୯।୪(ବି.ଶଙ୍କର)


ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ବିଦ୍ୟା ବିକାଶ ଗ୍ରୁପର ୧୭ତମ ପ୍ରତିଷ୍ଠା ସମ୍ବଲପୁର ଜିଲା ଶାସନସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟା ବିକାଶର ବିକାଶ ଯାତ୍ରା ଉପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମ୍ବଲପୁର ଶିକ୍ଷା ବିଭାଗ ପୂର୍ବତନ ସର୍କଲ ଇନ୍ସପେକ୍ଟର ଡ. ଗିରିଧାରୀ ହୋତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଜ ଲକ୍ଷ୍ୟ ହାସଲ ପ୍ରତି ଧ୍ୟାନ ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ସମ୍ବଲପୁରୀ ଲୋକଗୀତ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଯୋଗଦେଇ ଅଞ୍ଚଳର ସମୃଦ୍ଧ ପରମ୍ପରା ଉପରେ ଉଲ୍ଲେଖ କରି ସମ୍ବଲପୁରୀ ଗୀତ ଗାନ କରିଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ବିଭିନ୍ନ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବିଦ୍ୟା ବିକାଶ ଗ୍ରୁପ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଯୋଗଦେଇ ବିକାଶ ସ୍କୁଲର ଶିକ୍ଷାପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକୃଷ୍ଣ, ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ବିଦ୍ୟା ବିକାଶ ଗ୍ରୁପ ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟଷ୍ଟେପ ସ୍କୁଲ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଇଶ୍ୱର ନାଗ, ବିକାଶ ବିକାଶ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ, ବିଦ୍ୟା ବିକାଶ ଗ୍ରୁପର ଅନ୍ୟ ଅନୁଷ୍ଠାନଗୁଡିକର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଅଣଶିକ୍ଷକ କର୍ମଚାରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ବିକାଶ ହାୟର ସେକଣ୍ଡାରୀ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସିରିଜ ଦୁର୍ଘଟଣା: ନାବାଳିକା ମୃତ

**୩ ରୁ ଅଧିକ ଆହତ**

**ରାଉରକେଲା, ୯।୪(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ୧୪୩ନଂ. ଏନ୍ଏଚ୍(ଜାତୀୟ ରାଜପଥ)ର ରୁପୁଟୋଲା ନିକଟରେ ଗୁରୁବାର ସନ୍ଧ୍ୟା ୬ଟାରେ ସଡ଼କ ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁଘଟିଛି। ୩ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ମୃତ ନାବାଳିକା ହେଉଛନ୍ତି ରୁପୁଟୋଲାର ସବିନା ସୁରୀନ(୧୬)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପାନପୋଷ ନୂଆ ବ୍ରିଜରୁ ଦେଓଗାଁ ଆଡକୁ ଆସୁଥିବା କାର (ନଂ. ଜେଏଚ ୦୧ ବିକ୍ୟୁ ୬୧୬୩)ରେ ଚାଳକ ସମେତ ୩ ଜଣ ଥିଲେ। ପ୍ରଥମେ ଉକ୍ତ କାର ଏକ ଠେଲାକୁ ଧକ୍କା ଦେବା ପରେ ବାରକୋଟ ପାଇଁ ବସ୍‌କୁ ଅପେକ୍ଷା କରିଥିବା ସବିନା ଓ ଅନ୍ୟ ୨ଯୁବତୀଙ୍କୁ ଧକ୍କା ଦେଇଥିଲା। ୩ ଜଣ ଆହତ ହୋଇଥିଲେ। ୩ଜଣଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସବିନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦ୍ରୁତ ଗତିରେ ଥିବା ଉକ୍ତ କାର ପରେ ଏକ ଡମ୍ପରକୁ ଧକ୍କାଦେଇ ଭାରସାମ୍ୟ ହରାଇ ସଡ଼କ ତଳକୁ ଖସିପଡ଼ିଥିଲା। ସେଥିରେ କାରର ଚାଳକ ଓ ଅନ୍ୟମାନେ ବାହାରେ ଛିଟିକି ପଡ଼ି ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା କରାଯାଉଛି। ନାବାଳିକାଙ୍କ ମୃତଦେହ ଆରଜିଏଚ୍‌ରେ ରଖାଯାଇଛି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୋଲିସ ପହଞ୍ଚି ବୁଝାସୁଝା କରିଥିଲା। ଘଟଣାର ତଦନ୍ତ କରାଯାଇ ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରାଯାଉଥିବା ଥାନା ଅଧିକାରୀ ସୁରଜ ଝାଙ୍କର କହିଛନ୍ତି।

### ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

**ରାଉରକେଲା,୯।୪(ବିପ୍ଲବ ରଞ୍ଜନ ଦାଶ):** ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ସେକ୍ଟର ୪ସ୍ଥିତ ରାଉରକେଲା କଲେଜ, ରାଉରକେଲା ଓ ହମିରପୁର ସ୍ଥିତ କଲ୍ୟାଣୀରାୟ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ରାଉରକେଲା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସତ୍ୟାନନ୍ଦ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତ, କରୁଣାକର ପାଟ୍ଟଶାଣୀ, ଭାରତୀ ବରୁଆ, ବନ୍ଦନା ସୋରେନ, ବୈଜୟନ୍ତୀ ବାରିକ, ମନୋଜ କୁମାର ଦଳେଇ, ଦୀପାଳୀ ପ୍ରଧାନ, ଏଲିଜା ଲୁଗୁନ, ରଞ୍ଜିତ ପ୍ରଧାନ, ତରଣୀ ନାଏକ, ଅଙ୍କିତା ପାଇକରାୟ, ଅନୁପ ଏକ୍କା, କଲ୍ୟାଣୀ ରାୟ ମହାବିଦ୍ୟାଳୟର ପ୍ରଫେସର ଅଭିରାମ ସାଗରିଆ, ସୌମ୍ୟରଞ୍ଜନ ଦାସ ଓ ଯୁବ ରେଡକ୍ରସ୍ ତରଫରୁ ଦେବସ୍ମିତା,ଆରୁଷୀ,ଅଜୟ,କାହ୍ନା, ଅନ୍ୱେଷା, ସିଦ୍ଧାର୍ଥ, ସ୍ୱପ୍ନା, ଚାନ୍ଦିନୀ ପ୍ରମୁଖ ଓ ଆରଜିଏଚର ଡା. ମାଏସା ସୋରେନ ଓ ତାଙ୍କ ଗ୍ରୁପର ସଦସ୍ୟ ସହଯୋଗ କରିଥିଲେ। ସେହିପରି ରାଉରକେଲା କଲେଜ ପରିସରରେ ବହୁ ପ୍ରତିକ୍ଷିତ ଡିଜିଟାଲ ଘଡି ଉଦଘାଟନ କରାଯାଇଥିଲା।

# ଆର୍‌ଡିଏ ଅଧ୍ୟକ୍ଷ ପଦବୀ ପାଇଁ ଦୌଡ଼ ଆରମ୍ଭ

**ରାଉରକେଲା, ୯।୪(ସଙ୍ଗୀତା ଜେନା)**




ସହରର ଆବାସ, ମାର୍କେଟ କମ୍ପ୍ଲେକ୍ସ ଓ ଯୋଜନାବଦ୍ଧ ଉନ୍ନତି ପାଇଁ ଗଠିତ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ)ଏକ ସରକାରୀ ସଂସ୍ଥା। ଏହା ଆବାସ ଓ ସହରୀ ବିକାଶକରଣ ବିଭାଗ ଅଧୀନରେ କାର୍ଯ୍ୟ କରିଥାଏ। ରାଉରକେଲା ଓ ଏହାର ଆଖାପାଖ ଅଞ୍ଚଳର ବିକାଶ ପାଇଁ ୧୯୯୫ରେ ଆର୍‌ଡିଏ ଗଠନ କରାଯାଇଥିଲା। ସହରୀ ଯୋଜନାରେ ମାଷ୍ଟର ପ୍ଲାନ୍, ନୂତନ ବାସଗୃହ ଓ ବାଣିଜ୍ୟ ଭିତ୍ତିକ ଅଞ୍ଚଳ ଉନ୍ନତିକରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ବ୍ୟତୀତ ବିଲ୍ଡିଂ ପ୍ଲାନିଂ, ଅବୈଧ ନିର୍ମାଣ ଉପରେ ନିୟନ୍ତ୍ରଣ ଏହାର କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ ରହିଥାଏ। ଉକ୍ତ ଆରଡିଏକୁ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧ୍ୟକ୍ଷ ପରିଚାଳନା କରିଥାନ୍ତି। ହେଲେ ଏହାର ଅଧକ୍ଷ ପଦବୀ ଖାଲି ପଡ଼ିଛି। ବିଜେଡି ଶାସନ କାଳରେ ଏହି ପଦବୀ ପୂରଣ ହୋଇଥିଲା। ହେଲେ ୨୦୨୪ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏଥିରେ ଏବେ ପର୍ଯ୍ୟନ୍ତ କେହି ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇନାହାନ୍ତି। ଏହାକୁ ଜଣେ ସମ୍ପାଦକ ପଦବୀରେ ପରିଚାଳନା କରାଯାଉଛି। ହେଲେ ସମ୍ପ୍ରତି ବୀରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମ ଏବଂ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ ଓ ଅନ୍ୟ କେତେଜଣ ଭାଜପା ପୁରୁଣା କର୍ମକର୍ତ୍ତା ଉକ୍ତ ପଦବୀ ଦୌଡରେ ଥିବା ଚର୍ଚ୍ଚା ହେଉଛି। ଉକ୍ତ ପଦବୀ ପୂରଣ ହେଉ ନ ଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ଶୀକାର ହେଉଛନ୍ତି। ସହରରେ କୋଏଲନଗର, ବାସନ୍ତୀ କଲୋନୀ, ଛେଣ୍ଡ ପରେ ନୂତନ ବାସଗୃହ ପ୍ରକଳ୍ପ ଆସିନାହିଁ। କୌଣସି ଠୋସ୍ ବାସଗୃହ ପ୍ରକଳ୍ପ ଏବେ ଆସିବାର ଯୋଜନା ନ ଥିବା ଆରଡିଏ ପକ୍ଷରୁ କୁହା ମଧ୍ୟ ହେଉଛି। ଫଳରେ ଜନଅସନ୍ତୋଷ ଦେଖାଯାଇଛି। ୨୦୨୦ରେ ରାଉରକେଲାର ବିଧାୟକ ସାରଦା ନାୟକ ଏଥିରେ ଅବସ୍ଥାପିତ ଥିଲେ। ନାୟକ ପଦବୀରୁ ଓହରି ଯିବା ପରେ ଆଜି ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିରହିଛି। ଉକ୍ତ କାର୍ଯ୍ୟାଳୟରେ ୧୯୯୫ରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୩୦ ସମ୍ପାଦକ ଅବସ୍ଥାପିତ ହୋଇଛନ୍ତି। ସେଥିରେ ଅଧିକାଂଶ ଆଇଏଏସ୍ ଓ ଓଏଏସ୍‌ଙ୍କୁ ଆରଡିଏର ଅତିରିକ୍ତ ଭାର ପ୍ରଦାନ କରାଯାଇଆସୁଛି। ପାନପୋଷ, ରାଉରକେଲା, ଛେଣ୍ଡ, କୋଏଲନଗର ଭଳି ଅଞ୍ଚଳରେ ମାର୍କେଟ କମ୍ପ୍ଲେକ୍ସଗୁଡ଼ିକ ଉନ୍ନତିକରଣରେ ବାଧାପ୍ରାପ୍ତ ହେଉଛି। ଅଧିକାଂଶ ମାର୍କେଟ ବହୁ ଦିନ ପୂର୍ବେ ନିର୍ମାଣ ହୋଇଥିବାବେଳେ ଏହାକୁ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ହୋଇପାରୁନାହିଁ। ସହରର ଆଖାପାଖ ଅଞ୍ଚଳରେ ନୂତନ ଜମି ଚିହ୍ନଟ କରି ବାସଗୃହ ପ୍ରକଳ୍ପ ନିର୍ମାଣ ଦିଗରେ ମଧ୍ୟ ଆରଡିଏ ସ୍ଥାଣୁତା ଦେଖାଉଛି। ରାଜ୍ୟରେ ଭାଜପାର ଶାସନକାଳ ୨ ବର୍ଷ ପୂରିବାକୁ ବସିଛି। ଏହା ମଧ୍ୟରେ ଆରଡିଏ ଅଧ୍ୟକ୍ଷ ପଦ ପୂରଣ ନ ହେବାକୁ ନେଇ ଲୋକେ ଆଲୋଚନା କରୁଛନ୍ତି। ଅପରପକ୍ଷରେ ନିକଟରେ ଜିଲା ଯୋଜନା ବୋର୍ଡ, ମହିଳା ଓ ଶିଶୁ କଲ୍ୟାଣ ବୋର୍ଡରେ ନୂତନ କମିଟି ଗଠନ ଓ ଭାଜପାର ନେତାମାନଙ୍କୁ ଥଇଥାନ କରାଯାଇଛି। ତେବେ ଶଙ୍କର, କୁସୁମଙ୍କ ଭଳି ନେତାଙ୍କୁ ଦଳ ପକ୍ଷରୁ ନୂତନ ପ୍ରସ୍ତାବ ଆସିବ ବୋଲି ସମର୍ଥକମାନେ କହୁଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କୁ ପଚରାଯିବାରୁ ସେ କହିଲେ, କୌଣସି ପଦବୀ ପାଇଁ ଆଶାବାଦୀ ନାହାନ୍ତି। ନିକଟରେ କିଛି କମିଟି ଗଠନ କରାଯାଇଛି। ହେଲେ ସେଥିରେ ଦାୟିତ୍ୱ ମିଳିନାହିଁ। ତେବେ ଶୀର୍ଷ ନେତୃତ୍ୱ ଯାହା ବିଚାର କରିବେ, ତାହା ଗ୍ରହଣ କରିବେ ବୋଲି ଟେଟେ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ଶଙ୍କର ଓରାମ ମଧ୍ୟ ସମାନ ମତାମତ ହେଇଛନ୍ତି। କୌଣସି ପଦବୀ ବ୍ୟତୀତ ସେ ସମ୍ପ୍ରତି ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ଆଦି ଅଞ୍ଚଳରେ ଲୋକଙ୍କ ସମସ୍ୟା ବୁଝାଶୁଝା କରୁଛନ୍ତି ବୋଲି କହିଛନ୍ତି।



ଆନ୍ତଃ ବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବରେ ମଞ୍ଚସ୍ଥ ନାଟକର ଦୃଶ୍ୟ।

# ନାଟକ 'ବାନର ସେନା', 'ମୋତେ ବଞ୍ଚିବାକୁ ଦିଅ' ମଞ୍ଚସ୍ଥ

**ରାଉରକେଲା, ୯।୪(ବିପ୍ଲବ ରଞ୍ଜନ ଦାଶ)**

**ଆନ୍ତଃ ବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବ**

କଳିଙ୍ଗ କଳା ସାଂସ୍କୃତିକ ପରିଷଦ, ରାଉରକେଲା ସୌଜନ୍ୟରେ ଗୁରୁବାର ସିଭିକ ସେଣ୍ଟର ପ୍ରେକ୍ଷାଳୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ନାଟ୍ୟ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ପରିଷଦର ସଭାପତି ପି. କେ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟା ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା ଯୋଗଦେଇ ନାଟକ ମାନବୀୟ ମୂଲ୍ୟବୋଧର ଅସଲ ଦାୟିତ୍ୱ ନିର୍ବାହ କରିବାକୁ ପ୍ରେରଣା ଦିଏ। ନାଟକ ଆମକୁ ସଚେତନ ଏବଂ ଠିକ ମାର୍ଗରେ ଆଗକୁ ବଢ଼ିବାକୁ ପ୍ରେରଣା ଦେବା ସହିତ ଭଲମନ୍ଦ ବିଚାର କରିବାରେ ମାର୍ଗଦର୍ଶନ ଦେଖାଏ। ଏଣୁ ପିଲାମାନେ ପାଠ ସହିତ ଖାଲି ସମୟରେ ନାଟକ ପ୍ରତି ରୁଚି ରଖିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାସ୍କର ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ଦେଇଥିଲେ ଡ. ଶକ୍ତିପ୍ରସାଦ ସାମନ୍ତରାୟ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ କଳିଙ୍ଗ କଳା ପରିଷଦର ଉପସଭାପତି ଅର୍ଚ୍ଚନା ଶତପଥି। ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲା ସେକ୍ଟର-୧୮ ଦୀପିକା ଶିକ୍ଷା ସଦନର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ବାନର ସେନା ମଞ୍ଚସ୍ଥ ହୋଇଥିଲା। ନାଟକଟି ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ସ୍କୁଲ କଲେଜର ପିଲାମାନେ ନିଜର ପରିବାର ଛାଡି, ନିଜକୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରି ବଡବଡ଼ ନେତାଙ୍କ ଆହ୍ୱାନରେ ଆନ୍ଦୋଳନ କରିଥିଲେ। ବ୍ରିଟିଶମାନଙ୍କର ଅକଥନୀୟ ଅତ୍ୟାଚାର ସହିଥିଲେ। ଦେଶ ସ୍ୱାଧୀନ ହେଲାପରେ ସେମାନଙ୍କ ଅବସ୍ଥା ବହୁତ ଖରାପ ହେଲା। ବଞ୍ଚିବାର କିଛି ପନ୍ଥା ନ ଥିଲା। ଶେଷରେ ସେମାନେ ଭିକ୍ଷାବୃତ୍ତି ଅବଲମ୍ବନ କରି ଜରାଜୀର୍ଣ୍ଣ ଅବସ୍ଥାରେ ସମାଜରେ ପଡି ରହିଥିଲେ ତାହା ଥିଲା ନାଟକର ସାରାଂଶ। ଏହାପରେ ରାଉରକେଲା ସେକ୍ଟର-୭ସ୍ଥିତ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ମୋତେ ବଞ୍ଚିବାକୁ ଦିଅ ମଞ୍ଚସ୍ଥ ହୋଇଥିଲା। ନାଟକଟି ଏକବିଂଶ ଶତାବ୍ଦୀରେ ମାନବ ସଭ୍ୟତା ପାଦ ଥାପି ସାରିଛି। ସବୁ ଦୃଷ୍ଟି କୋଣରୁ ଉନ୍ନତି ପଥରେ ଆଗେଇ ଚାଲିଛି, ତଥାପି ଆମ ସମାଜ ଅଜ୍ଞାନତା ଅନ୍ଧ ବିଶ୍ୱାସର ବଶବର୍ତ୍ତୀ। ଏହା ମଧ୍ୟରେ ସବୁଠାରୁ ଶିଶୁ କନ୍ୟାକୁ ଜନ୍ମ ଦେବା ପୂର୍ବରୁ ତାକୁ ହତ୍ୟା କରିବା ଏହା ଏକ ମାନବ ବିରୋଧୀ କାର୍ଯ୍ୟ ଯାହା ସମତା ଓ ମାନବ ଅଧିକାରକୁ ଗୁରୁତର ଭାବେ ଅପମାନ କରୁଛି। ଏହି ଅପରାଧର ମୂଳ କାରଣ ହେଉଛି ଅଜ୍ଞାନତା, ଲିଙ୍ଗ ବିଷମତା। ଅନେକ ଲୋକ ଭାବନ୍ତି , ପୁରୁଷ ସନ୍ତାନ ବଂଶ ପରମ୍ପରାକୁ ଆଗକୁ ନେବ। ମାତ୍ର କନ୍ୟା ସନ୍ତାନକୁ ଅହେତୁକ ବୋଝ ସଦୃଶ ବିବେଚନା କରନ୍ତି। ଏହି ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ବେସରକାରୀ ସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଧାନମନ୍ତ୍ରୀ ମଧ 'ବେଟି ବଚାଓ, ନାରୀ ସୁରକ୍ଷା ଭିତ୍ତିକ ଯୋଜନା ପ୍ରଚଳନ କରି ସମାଜକୁ ସଚେତନ କରେଇବାର ପ୍ରୟାସ କରୁଛନ୍ତି। ନାରୀ ହେଉଛି ସୃଷ୍ଟିର ମୂଳ,ସେ ହେଉଛି ଜାୟା, ଜନନୀ, ଭଗିନୀ ଏହି ବିଷୟ ବସ୍ତୁକୁ ନେଇ ଗତିଶୀଳ ହୋଇଥିଲା ଲଘୁ ନାଟକ 'ମୋତେ ବଞ୍ଚିବାକୁ ଦିଅ'। ସୁମିତ୍ରା ସାହୁ ଏବଂ ଅଭୟ କୁମାର ବିଶ୍ୱାଳଙ୍କ ଦ୍ୱାରା ଏହି ନାଟକଟି ନିର୍ଦ୍ଦେଶିତ ଥିଲା।

### ୬୦ ଅନାଥ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ

**ରାଉରକେଲା,୯।୪(ଦିନେଶ ମିଶ୍ର):** ସେକ୍ଟର-୮ସ୍ଥିତ 'ଆଶାର ଆଲୋକ' ଆଶ୍ରୟ କେନ୍ଦ୍ରରେ ବସବାସ କରୁଥିବା ଅନାଥ ଶିଶୁ ଓ ନିରାଶ୍ରୟ ବୃଦ୍ଧଜନଙ୍କ ପାଇଁ ଫଳ ଓ ନାସ୍ତା ବିତରଣ କରାଯାଇଛି। ମାନବ ଉତ୍ଥାନ ସେବା ସମିତି ଓ ଶ୍ରୀସଚ୍ଚିଦାନନ୍ଦ ଆଶ୍ରମ, ଶକ୍ତିନଗର ରାଉରକେଲା ପକ୍ଷରୁ ଏହି କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଥିଲା। ଏଥିରେ ଆଶ୍ରମର ପ୍ରଭାରୀ ଅଜପାନନ୍ଦଜୀଙ୍କ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାଖା ପ୍ରଧାନ ଗୋବର୍ଦ୍ଧନ ସମାସୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରାୟ ୬୦ ଅନାଥ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ଫଳ ଓ ନାସ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ପ୍ରଧାନ ଯୋଗେନ୍ଦ୍ରନାଥ ମହାନ୍ତ, ବଳରାମ ପ୍ରଭୁ ସିଂ, ଶୁକ୍ରା ଓରାମ, ହୃଷୀକେଶ ମହନ୍ତ, କୃଷ୍ଣ ମହାନ୍ତ, ଗୋବିନ୍ଦ ଚନ୍ଦ୍ର କେରକେଟ୍ଟା ଉପସ୍ଥିତ ଥିଲେ। ଶେଷରେ ବଳରାମ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

**ରାଉରକେଲା ୯।୪(ବିପ୍ଲବ ରଞ୍ଜନ ଦାଶ):** ସୁନ୍ଦରଗଡ ଆରଏଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଅମିତ ଟୁଡୁଙ୍କ ମା' ଉର୍ମିଳା (୬୯)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲାଠାରେ ମୃତ୍ୟୁବରଣ କରିଛନ୍ତି।



ମୃତ୍ୟୁ ସମୟରେ ତାଙ୍କର ୨ପୁଅ, ୩ଝିଅ ଉପସ୍ଥିତ ଥିଲେ। ୨ ଦିନ ପୂର୍ବରୁ ସ୍ୱର୍ଗତଃ ଉର୍ମିଳାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିବାର ସଦସ୍ୟ କୋରାପୁଟ ଓ ବାରିପଦାରୁ ଆସିବା ପରେ ଶୁକ୍ରବାର ୩ଟାରେ ସ୍ୱର୍ଗତଃ ଟୁଡୁଙ୍କ ଅନ୍ତିମ ସତ୍କାର କରାଯିବ।

### ସ୍ୱାଟ୍ ପେଣ୍ଟିଂ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଅଗ୍ନିଶମ ସେବା ସପ୍ତାହ ପାଳନ ପାଇଁ ସେଲ୍, ଆର୍‌ଏସ୍‌ପି ଦ୍ୱାରା ଆୟୋଜିତ**



ସ୍ୱାଟ୍ ପେଣ୍ଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ରାଉରକେଲା,୯।୪(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ୬ ଓ ୭ରେ ସେକ୍ଟର-୨୦ ସ୍ଥିତ ଏସ୍‌ଏସ୍‌ଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଗ୍ନି ସେବା ସପ୍ତାହ ପାଳନ ପାଇଁ ଏକ ସ୍ୱାଟ୍ ପେଣ୍ଟିଂ ପ୍ରତିଯୋଗିତା ଆୟୋଜନ କରିଥିଲା। ଦ୍ୱିତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ୨ଟି ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଅଗ୍ନି ନିରାପତ୍ତା'। ଗ୍ରୁପ୍ 'କ'ରେ, ଅଷ୍ଟମ ରୁ ଦଶମ ଶ୍ରେଣୀର ପ୍ରାୟ ୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରଙ୍ଗୀନ ଏବଂ ଅର୍ଥପୂର୍ଣ୍ଣ ଚିତ୍ର ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ସଚେତନତା ପ୍ରଦର୍ଶନ କରିଥିଲେ। ଗ୍ରୁପ୍ 'ଖ'ରେ ଦ୍ୱିତୀୟରୁ ସପ୍ତମ ଶ୍ରେଣୀର ୧୭୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କର ଚିତ୍ର ମାଧ୍ୟମରେ ସମାଜରେ ଅଗ୍ନିଶମ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ସେବା କର୍ମଚାରୀଙ୍କ ସହାୟତାରେ ଆସିଷ୍ଟାଣ୍ଟ ମ୍ୟାନେଜର (ଅଗ୍ନିଶମ ସେବା) ମୋହିତ ସିଂହ ସଂଯୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ପିଲାମାନଙ୍କ ମଧରେ ଅଗ୍ନି ନିରାପତ୍ତା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସୃଜନଶୀଳ ଉପାୟରେ ଅଗ୍ନିଶମ ସେବା କର୍ମଚାରୀଙ୍କ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀ ଏବଂ ସମ୍ମାନ ପ୍ରକାଶ କରିବାକୁ ପ୍ରେରଣା ଦେବା। ଏହି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧରେ ଅଗ୍ନି ଦୁର୍ଘଟଣା ନିବାରଣ ଏବଂ ଜରୁରୀକାଳୀନ ପ୍ରତିକ୍ରିୟାର ଗୁରୁତ୍ୱ ଉପରେ ସଚେତନ କରାଇଥିଲା।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

### ଆବାସିକ କୋଠାରେ ଅନଧିକୃତ ଡାକ୍ତରଖାନା ପରିଚାଳନା: ପ୍ରଶାସନ ପକ୍ଷରୁ ନୋଟିସ

**ରାଉରକେଲା,୯।୪(ଦିନେଶ ମିଶ୍ର)**

ଛେଣ୍ଡ କଲୋନୀ ବିଏସ୍‌ନାଲ ଛକ ନିକଟରେ ଥିବା ଏକ ଆବାସିକ କୋଠାରେ ଅନଧିକୃତ ଭାବେ ହସ୍ପିଟାଲ ପରିଚାଳନା ଉପରେ ରାଉରକେଲା ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ରାଉରକେଲା ଛେଣ୍ଡ ଅଞ୍ଚଳର ବିଏସ୍‌ଏନ୍‌ଏଲ ଛକ ଓ ହନୁମାନ ମନ୍ଦିର ଛକ ମଧ୍ୟବର୍ତ୍ତୀ ମୁଖ୍ୟ ରାସ୍ତା କଡରେ ଥିବା ଆବାସିକ କୋଠାରେ ଏକ ଘରୋଇ ହସ୍ପିଟାଲ ଚାଲିଥିଲା। ଯାହା ସରକାରୀ ଭୂମିର ବ୍ୟବହାର ଓ କୋଠା ମାନଦଣ୍ଡ ସମ୍ବନ୍ଧୀୟ କଥିତ ଉଲ୍ଲଂଘନ କରାଯାଇଥିଲା। ସରକାରୀ ନିୟମ ଅନୁଯାୟୀ ସମ୍ପୃକ୍ତ କୋଠାଟି ମୂଳତଃ କେବଳ ଆବାସିକ ଉଦ୍ଦେଶ୍ୟରେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ପ୍ରଶାସନ ଏହାକୁ ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଛି ବୋଲି ଜାଣି ଏହା ଉପରେ ଗୁରୁବାର ଚଢ଼ାଉ କରିଥିଲା। ବିଶେଷକରି ଏକ ହସ୍ପିଟାଲ ପରିଚାଳନା ପାଇଁ ଯାହା ରାଉରକେଲା ମ୍ୟୁନସିପାଲ କର୍ପୋରେସନ(ଆରଏମ୍‌ସି) ଦ୍ୱାରା ଅନୁମୋଦିତ କୋଠା ଯୋଜନାରୁ ବଞ୍ଚିତ ଥିବା ଜଣାପଡିଥିଲା। ଏହି ବିଷୟରେ ଆରଏମ୍‌ସି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଅନିୟମିତତା ବିଷୟରେ ଜନସାଧାରଣ ତଥା ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଜଣାଇବା ପାଇଁ ନୋଟିସ ଜାରି କରିଛନ୍ତି। ଅନୁମୋଦିତ କୋଠା ଯୋଜନାରେ ଅନଧିକୃତ ବାଣିଜ୍ୟିକ ବ୍ୟବହାରକୁ ରୋକିବା ପାଇଁ ଏହି ପଦକ୍ଷେପ ପ୍ରୟାସର ଏକ ଅଂଶ । ପ୍ରଯୁଜ୍ୟ ନିୟମ ଓ ନିୟମାବଳୀ ଅନୁଯାୟୀ ନାଗରିକ ସଂସ୍ଥା ଦ୍ୱାରା ପରବର୍ତ୍ତୀ କାର୍ଯ୍ୟନୁଷ୍ଠାନ ଆରମ୍ଭ କରାଯାଇ ପାରେ ବୋଲି ଜଣାପଡିଛି।

### ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

**ରାଉରକେଲା,୯।୪(ବିପ୍ଲବ ରଞ୍ଜନ ଦାଶ)**

ଦୀପିକା ଇସ୍ପାତ ଶିକ୍ଷା ସଦନ (ଡ଼ିଆଇଏସ୍‌ଏସ୍)ରେ ସମୁଦାୟିକ କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ଶିକ୍ଷାବର୍ଷ ଆରମ୍ଭ ଅବସରରେ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କ ପାଇଁ ଏକ ଖଡିଛୁଆଁ ଏବଂ ପ୍ରବେଶ ଉତ୍ସବ ଆୟୋଜିତ ହୋଇଥିଲା। ଇସ୍ପାତ ସହରର ଅବହେଳିତ ପିଲାଙ୍କ ପାଇଁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସପି) ଦ୍ୱାରା ପ୍ରତିଷ୍ଠିତ ଏହି ଦେୟମୁକ୍ତ ବିଦ୍ୟାଳୟ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଡ଼ିଏମଏସର ଅଧକ୍ଷା ନମ୍ରତା ବର୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ଡ଼ିଏମ୍‌ଏସ୍‌ର ଉପାଧକ୍ଷା ପ୍ରଭାତି ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଏବଂ ନବନୀତା ପାଲ ଚୌଧୁରୀ, ସିଏସ୍‌ଆର ବିଭାଗର ଡିଜିଏମ୍ ଆର.ଏସ୍. ବାରା, ଡ଼ିଏମଏସର ସଚିବ ସାରିକା କୁମାର, ପରିଚାଳନା ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟ, ଆରଏସପି-ସିଏସ୍‌ଆର ବିଭାଗର ଅଧିକାରୀମାନଙ୍କ ସହ ଡ଼ିଆଇଏସ୍‌ଏସ୍‌ର ପ୍ରିନ୍ସିପାଲ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ନମ୍ରତା ବର୍ମା ଶିଶୁ ବାଟିକା ପିଲାଙ୍କ ପାଇଁ ନୂତନ ଭାବେ ବିକଶିତ ଏକ ଖେଳଗୃହ ମଧ ଉଦଘାଟନ କରିଥିଲେ। ଶୈଶବ ଶିକ୍ଷା ପାଇଁ ଏକ ଆନନ୍ଦଦାୟକ ଏବଂ ଆକର୍ଷଣୀୟ ପରିବେଶ ପ୍ରଦାନ କରିବା ଏହି ଖେଳ ଗୃହର ଲକ୍ଷ୍ୟ ରହିଛି।



ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

### କୁମ୍ଭକାରଙ୍କୁ ରୋଜଗାର ଦେଉଛି ଲସିହାଣ୍ଡି, ମାଟି ଗ୍ଲାସ୍

**ରାଉରକେଲା,୯।୪(ଦିନେଶ ମିଶ୍ର)**



ଜଣେ କୁମ୍ଭକାର ମାଟି ଗ୍ଲାସ୍ ତିଆରି କରୁଛନ୍ତି।

ଖରାଦିନରେ ବିଶେଷ କରି କୁମ୍ଭାରମାନଙ୍କୁ ରୋଜଗାର ଦେଉଛି ଲସିହାଣ୍ଡି ଓ ମାଟିଗ୍ଲାସ। ଏନେଇ ରାଉରକେଲା ସହରରେ ଥିବା ପାନପୋଷ, ବନ୍ଧମୁଣ୍ଡା, ବାସନ୍ତୀ କଲୋନୀ ସ୍ଥିତ କୁମ୍ଭାରପଡା ଭଳି ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା କୁମ୍ଭାରମାନେ ଅଧିକ ରୋଜଗାର କରିବା ଆଶାରେ ଲାଗି ପଡିଛନ୍ତି ଏହି ଲସିହାଣ୍ଡି ଓ ମାଟିଗ୍ଲାସ ନିର୍ମାଣ କାର୍ଯ୍ୟରେ। ସହରରେ ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବକୁ ଦୃଷ୍ଟିରେ ରଖି ଉଦିତନଗର, ପାନପୋଷ, ଆମ୍ବାଗାନ, ଡେଲିମାର୍କେଟ, ଛେଣ୍ଡ ଭଳି ବିଭିନ୍ନ ଅଞ୍ଚଳରେ ଲସି ଦୋକାନମାନ ଖୋଲିବାରେ ଲାଗିଛି। ଖରାଦିନେ ବିଭିନ୍ନ ବାଟୋଇ ଓ ସହରବାସୀଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଲସି ଦୋକାନୀମାନେ ବିଶେଷକରି ମାଟିହାଣ୍ଡି ଓ ମାଟି ଗ୍ଲାସରେ ଦହି, ରାବଡି ଲସି, କାଜୁଶେଖ୍ ଲସି ଭଳି ବିଭିନ୍ନ କିସମର ଲସି ପରସି ଦେଉଛନ୍ତି। ଏହି ମାଟିହାଣ୍ଡି ଓ ମାଟିଗ୍ଲାସ୍‌ରେ ବ୍ୟବସାୟୀମାନଙ୍କ ଲସି ପରସାକୁ ସହରବାସୀମାନେ ବେଶ୍ ପସନ୍ଦ କରୁଥିବାରୁ ଏହାର ଚାହିଦା ଦିନକୁ ଦିନ ବଢୁଛି। ଫଳରେ ସହରରେ ପ୍ରାୟ ବିଭିନ୍ନ ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ଲସି ବ୍ୟବସାୟୀ ଏହି ଲସିହାଣ୍ଡି ଓ ମାଟି ଗ୍ଲାସ କୁମ୍ଭାରଶାଳରୁ କିଣିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଲସି ହାଣ୍ଡି ଓ ଗ୍ଲାସ ନିର୍ମାଣ କରୁଥିବା ବନ୍ଧମୁଣ୍ଡା କୋଇଲାଗେଟ୍ ସ୍ଥିତ କୁମ୍ଭାରବସ୍ତିରେ ବାସ କରୁଥିବା ଜିତେନ୍ଦ୍ର ପ୍ରଜାପତି କହନ୍ତି, ଖରାଦିନରେ ବିଶେଷ କରି ଲସିହାଣ୍ଡି ଓ ମାଟିଗ୍ଲାସର ଅଧିକ ଚାହିଦା ରହୁଛି। ପ୍ରତିଦିନ ୧୨ ଶହ ଲସିହାଣ୍ଡି ଓ ୨ ହଜାର ମାଟି ଗ୍ଲାସ ନିର୍ମାଣ କରୁଥିବା ସେ କହିଥିଲେ। ଲସିହାଣ୍ଡି ଏକ ଡର୍ଜନକୁ ୨୫ରୁ ୩୦ ଟଙ୍କା ରହିଥିବାବେଳେ ମାଟିଗ୍ଲାସର ମୂଲ୍ୟ ଡ୍ରଜନକୁ ୪୦ ଟଙ୍କା ରହିଛି। ଖରାଦିନ ବିଶେଷକରି ଏପ୍ରିଲରୁ ଜୁନ୍ ଶେଷ ପର୍ଯ୍ୟନ୍ତ ମାସକୁ ଖାଲି ଗ୍ଲାସ ଓ ଲସିହାଣ୍ଡି ବିକ୍ରି କରି ୨୫ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ମାଟିକାରିଗର ପ୍ରଜାପତି କହିଥିଲେ। ସେହିଭଳି ଉଦିତନଗରସ୍ଥିତ ଲସି ବ୍ୟବସାୟୀ ନିଶିକାନ୍ତ ସ୍ୱାଇଁ କହନ୍ତି, ଖରାଦିନ ଲସିର ଚାହିଦା ସହରରେ ପ୍ରତ୍ୟେକ ବର୍ଷ ରହିଛି। ଏଥିରେ ଭଲ ଦୁଇ ପଇସା ରୋଜଗାର କରିଥାଉ। ବିଶେଷ କରି ମାଟିହାଣ୍ଡି ଓ ମାଟି ଗ୍ଲାସରେ ସହରବାସୀ ଲସି ପିଇବାକୁ ଭଲ ପାଆନ୍ତି। ତେଣୁ ପ୍ରତ୍ୟେକ ଦିନ ଦୋକାନରେ ୧୦ରୁ ୨୦ ଡର୍ଜନ ମାଟିହାଣ୍ଡି ଓ ମାଟିଗ୍ଲାସ ବ୍ୟବହୃତ ହୋଇଥାଏ। ବାସନ୍ତୀ କଲୋନୀ ଓ ବେଦବ୍ୟାସ ସ୍ଥିତ କୁମ୍ଭାରପଡାରୁ ଏହି ମାଟିପତ୍ର ଗୁଡିକ ଆଣିଥାଉ ବୋଲି କହିଛନ୍ତି।

### ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୯।୪ (ସଙ୍ଗୀତା ଜେନା)**

ଭାରତୀୟ ନ୍ୟାୟ ସଂହିତା ଭଳି ନୂତନ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ସକାଳ ୯ଟା ୩୦ରେ ଉଦିତନଗର ଥାନା ପକ୍ଷରୁ ଉଦିତନଗର ସରକାରୀ ହାଇସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସାହୁ ପୌରହିତ୍ୟ କରିଥିଲେ। ସ୍କୁଲର ଭାରପ୍ରାପ୍ତ ଅଧକ୍ଷା ବିଜୟଲକ୍ଷ୍ମୀ ନାୟକଙ୍କ ସହଯୋଗରେ ସଚେତନତା ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ପରେ ଉକ୍ତ ଆଇନ ସମ୍ପର୍କୀତ ବିତର୍କ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅରୁଣ ବରିହା, ସ୍ମୃତିରଞ୍ଜନ ନାୟକ, ଡି. ମୁଣ୍ଡାଙ୍କ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ।



ଉଦିତନଗର ସ୍କୁଲରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ପୋଲିସର ଶାନ୍ତି ବୈଠକ

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଆସନ୍ତା ୧୪ତାରିଖ ଦିନ ହନୁମାନ ଜୟନ୍ତୀ ତଥା ଆମ୍ବେଦକର ଜୟନ୍ତୀ ଶାନ୍ତିଶୃଙ୍ଖଳାର ସହ ପାଳନ ନେଇ କଣ୍ଟାବାଞ୍ଜି ପୋଲିସ ସମିତି ଦ୍ୱାରା ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। କଣ୍ଟାବାଞ୍ଜି ପୋଲିସ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ଅଧକ୍ଷତାରେ ପୋଲିସ ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ତହସିଲଦାର ତଥା ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟ ବିଶ୍ୱନାଥ ଖାଲକୋ, ଆଇଆଇସି ଗୋପାଳ କର୍ଣ୍ଣ ମଞ୍ଚାସୀନ ଥିଲେ। ବୈଠକରେ ହନୁମାନ ଜୟନ୍ତୀ ପାଳନ କମିଟି, ଆମ୍ବେଦକର ଜୟନ୍ତୀ ପାଳନ କମିଟି ସହ ସହରର ବିଭିନ୍ନ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଭୟ ଜୟନ୍ତୀ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ପୋଲିସ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସଂକ୍ଷେପରେ

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଦେଓଗାଁ,୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ଘୁଟିପାଲି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୁଲୁଟାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲା ଗାଁର ଶୁଭ୍ରାଂଶୁ ସେଠ। ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇବା ସହ ଦୂର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୭୭/୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ସୁରେଶ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମୁଣ୍ଡପଲା ଗାଁର ଶୁଭ୍ରାଂଶୁ ସେଠ ଏକ ବାଇକ୍ (ନଂ ଓଡି୦୩ଏଚ ୫୫୫୧)ରେ ବଲାଙ୍ଗୀରକୁ ଯାଉଥିବା ବେଳେ ଘୁଟିପାଲି ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚାଉଳ ଚୋରି ଅଭିଯୋଗ



ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଅଞ୍ଚଳରେ ଏକ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ (ନଂଓଡି୧୭ଏ ଜି ୧୪୨୪)ରୁ ଚାଉଳ ଚୋରି ଘଟଣା ସାମନାକୁ ଆସିଛି। ସୂଚନା ଅନୁସାରେ, ବୁଧବାର ଅପରାହ୍ନରେ ଭ୍ୟାନ୍‌ଟି କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହେବା ପରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲା । ଏହି ସମୟରେ କେହି ଦୁର୍ବୃତ୍ତ ଏଥିରୁ ପ୍ରାୟ ୭୦ଟି ଚାଉଳ ପ୍ୟାକେଟ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଗାଡି ମାଲିକଙ୍କ ପକ୍ଷରୁ ଏନେଇ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଚୋରିରେ ଜଡିତ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଲାଇଛି । ସୂଚନାଯୋଗ୍ୟ, ଉକ୍ତ ଚାଉଳ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ବଲାଙ୍ଗୀରରୁ ଲୋଇସିଂହା ଅଭିମୁଖେ ଆସୁଥିଲା। ଏଥିରେ ଦାମୀ ଚାଉଳ ପ୍ୟାକେଟ ରହିଥିଲା ବୋଲି ଜଣାଯାଇଛି ।

## ପରୀକ୍ଷାରେ ୨ ଛାତ୍ରୀଛାତ୍ରଙ୍କ ସଫଳତା

### ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି



ବିପୁଲ ମାଝି



ସ୍ମୃତିପ୍ରଜ୍ଞା ଭଇଁଷାଲ

ଲାଠୋର,୯।୪(ଭୁବନେଶ୍ୱର ବାରିକ)

ଗତ ୨୦୨୪-୨୫ ଶିକ୍ଷାବର୍ଷରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷାର ଆୟୋଜନ ହୋଇଥିଲା। ଏହି କ୍ରମରେ ଲାଠୋର ଅଞ୍ଚଳର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପିଲାଙ୍କ ପରୀକ୍ଷା ଫଳ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ନଂ ୩୦୨୯ ତା ୨୬।୩।୨୦୨୬ରୁ ଜଣା ପଡ଼ିଛି। ବ୍ଲକ ଅଧୀନ ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟରୁ ୬ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଲାଠୋର ଅଞ୍ଚଳର ସରେଇବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ସୁଧାଂଶୁ ଶେଖର ମାଝିଙ୍କ ପୁଅ ବିପୁଲ ମାଝି ଏବଂ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପୂର୍ଣ୍ଣଚନ୍ଦ୍ର ଭଇଁଷାଲଙ୍କ ଝିଅ ସ୍ମୃତିପ୍ରଜ୍ଞା ଭଇଁଷାଲ ଗଣିତ ମେଧା ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ସଫଳତା ପାଇଁ ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# କରକାପାତ କ୍ଷୟକ୍ଷତି ଆକଳନ ହୋଇନି



କଂଶାପଲା ଗାଁର ନାରଦ ସୁନାଙ୍କ ଘର କରାମାଡ଼ରେ ଭାଙ୍ଗି ଯାଇଛି।



କଂଶାପଲା ଗାଁରେ ଉଜୁଡି ଯାଇଥିବା ପରିବା କ୍ଷେତ।

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ପାଟଣାଗଡ, ବେଲପଡା ଏବଂ ଖପ୍ରାଖୋଲ ଅଞ୍ଚଳରେ ଗତ ୬ ତାରିଖ ଦିନ କରକାପାତ ସାଙ୍ଗକୁ ବର୍ଷା ହୋଇଥିଲା। ଏଥିଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କରକାପାତ ହେବାର ପ୍ରାୟ ତିନି ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ସର୍ବନିମ୍ନ ସହାୟତା ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଏପରି କି ପ୍ରଶାସନିକ ନିର୍ଦ୍ଦେଶକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇ ପାରୁନାହିଁ। ବିଶେଷକରି ବେଲପଡା ବ୍ଲକ ଅନ୍ତର୍ଗତ ଗମ୍ଭାରୀ ଗ୍ରାମ ପଞ୍ଚାୟତ କଂଶାପଲା ଗାଁର ଚିତ୍ର ବ୍ୟଥିତ କରିଛି। ପ୍ରବଳ କରାମାଡରେ ଅଧିକାଂଶ ଲୋକଙ୍କ ଘର ଛପର ନଷ୍ଟ ହୋଇଯାଇଛି। ଅନେକ ଲୋକଙ୍କ ଘର ଛପର ନାମକୁ ମାତ୍ର ରହିଛି। ଫଳରେ କ୍ଷତିଗ୍ରସ୍ତ ପରିବାର ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗାଁର ବଳଭଦ୍ର ପୁଟେଲଙ୍କ ଅବସ୍ଥା ନ କହିବା ଭଲ। ତାଙ୍କ ଘର ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଗରିବ ଶ୍ରେଣୀର ହୋଇଥିଲେ ମଧ୍ୟ ତାଙ୍କୁ ଏଯାଏ ଆବାସ ଯୋଜନାରେ ଘର ମିଳିନାହିଁ। ଝାଟିମାଟିର କୁଡିଆ ଘରେ ସେ ଦିନ କାଟୁଥିଲେ। ଏବେ

### ୩ ଦିନ ବିତିଲା

କରାମାଡ ଯୋଗୁ ଘର ଭାଙ୍ଗି ଯିବାରୁ ତାଙ୍କ ଅବସ୍ଥା ଦୟନୀୟ ହୋଇପଡିଛି। ସେହିପରି ନାରଦ ସୁନାଙ୍କ ଘର ଛପର କରାମାଡରେ ନଷ୍ଟ ହୋଇଯାଇଛି । ଦୀପ ପୁଟେଲ କହିଛନ୍ତି, ସେ ଯାହା ଚାଷ କରିଥିଲେ ସବୁ କିଛି ଉଜୁଡି ଯାଇଛି। ପରମେଶ୍ୱର ନାଗ କରିଥିବା ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଶେଷ କରି ଚାଷୀମାନେ କରିଥିବା ପୋଟଳ, କୋବି, କଲରା, ଝୁଡଙ୍ଗ, ବାଇଗଣ ଫସଲ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ କେବଳ ପଲିଥିନ ଦିଆଯାଇଛି। ତାହା ମଧ୍ୟ ଛାଉଣି କରିବା ଲାଗି ପର୍ଯ୍ୟାପ୍ତ ନୁହେଁ ବୋଲି ଅନେକ କହୁଛନ୍ତି। ଘରଦ୍ୱାର ଭାଙ୍ଗି ଯାଇଥିବା ଏବଂ ଫସଲ ଉଜୁଡି ଯାଇଥିବାରୁ ଆଗକୁ କିଭଳି ଦିନ କାଟିବେ ସେହି ଚିନ୍ତାରେ କ୍ଷତିଗ୍ରସ୍ତ ପରିବାର ଅଛନ୍ତି। ପ୍ରଶାସନ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ମହାଯଜ୍ଞ ଅବସରରେ ଯୋଗ ଦେଇଥିବା ମହିଳା ।

ଲାଠୋର,୯।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ ଗାୟତ୍ରୀ ମହାଯଜ୍ଞ କମିଟି ସଭାପତି ନବୀନ ଅଗ୍ରୱାଲଙ୍କ ନେତୃତ୍ୱରେ ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା ସହ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ସୂଚନା ଅନୁସାରେ, ଶତାଧିକ ମହିଳା ଏକତ୍ରିତ ହୋଇ ଗ୍ରାମରେ ଥିବା ରଜା କଟାରୁ(ପୋଖରୀ) କଳସ ଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ମହାଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ଏହାପରେ ହରିଦ୍ୱାରରୁ ଆସିଥିବା ପୂଜକ ମଙ୍ଗଳ ସିଂ, ଶେଷଦେବ ବଡେଇ, ସୌମିତ୍ରୀ ଥନାପତି, ରବିନ୍ଦ୍ର ଗଉଡ଼, ସରୋଜ ପ୍ରଧାନ, ସୁବାସ ଚୌହାନ ଏବଂ ନିତ୍ୟାନନ୍ଦ ହାତୀ ପ୍ରମୁଖ କଳସ ପୂଜନ କରିଥିଲେ। ପରେ କର୍ତ୍ତି କର୍ତ୍ତା ଦାୟିତ୍ୱ ବହନ କରିଥିବା ମନୁ ଅଗ୍ରୱାଲ ଏବଂ କୌଶଲ ଅଗ୍ରୱାଲ ଦମ୍ପତି ମହାଆଳତି ଅର୍ପଣ କରିଥିଲେ। ଏହାପରେ ମଣ୍ଡପରେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। ଏହି ଅବସରରେ କମିଟି ସମ୍ପାଦକ ସଚ୍ଚିକାନ୍ତ ଦାସଙ୍କ ସହ ନରସିଂହ ମେହେର, ଦଶରଥ ପାଣିଗ୍ରାହୀ, ରମାକାନ୍ତ ମହାନ୍ତି, ଦୁର୍ଗା ବେହେରା, ମୁରଲି ମେହେର, ସୀତାରାମ ମେହେର, ଅମର ବେହେରା, ଅନିରୁଦ୍ଧ ମେହେର, ଦିନେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପତ୍ରାପାଲିରେ ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

### କିଡ୍‌ନୀ ପ୍ରଭାବିତ ଗାଁ

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ ଅଧୀନ ପତ୍ରାପାଲି ଗାଁରେ କିଡ୍‌ନୀ ରୋଗର ପ୍ରାଦୁର୍ଭାବ ଦେଖା ଦେବା ସହିତ ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଛି । ଏନେଇ ଗତ ୧ ତାରିଖରେ 'କିଡ୍‌ନୀରେ ୨୦ ଜଣଙ୍କ ଜୀବନ ଗଲାଣି, ୧୨ ଆକ୍ରାନ୍ତ ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହାପରେ ୨ ତାରିଖ ଦିନ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସେହିଦିନ ଗ୍ରାମର ୨୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୬ ଜଣ କିଡ୍‌ନୀ ରୋଗୀ ଥିବା ଜଣାପଡିଥିଲା। ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପରୀକ୍ଷଣ ପାଇଁ ପଠାଯାଇଥିଲା। ରକ୍ତ ପରୀକ୍ଷଣ ରିପୋର୍ଟ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହସ୍ତଗତ ହୋଇଛି । ତେବେ ଏହି ରିପୋର୍ଟରେ ଅଧିକ ବ୍ୟକ୍ତି କିଡ୍‌ନୀରେ ଆକ୍ରାନ୍ତ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ମଧ୍ୟରେ ଆହୁରି ସଚେତନତା ସୃଷ୍ଟି ଲାଗି ଦିନେ ଦୁଇ ଦିନ ମଧ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୩ କିମି ଦୂରରେ ପତ୍ରପାଲି ଗାଁ । ଗାଁର ନଳକୂପରୁ ଫ୍ଲୋରାଇଡ ମିଶ୍ରିତ ପାଣି ବାହାରୁଛି । ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ୨ ବର୍ଷ ହେବ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଏହି ପ୍ରକଳ୍ପ କାମ ଘୁଞ୍ଚି ଘୁଞ୍ଚି ଯାଉଛି। ଏହାଛଡା ୱାଟର ଫିଲଟର ସଂଯୋଗ ଥିବା ଗ୍ରାମର ସୋଲାର ପ୍ରକଳ୍ପ ଅଚଳ ହୋଇ ପଡିଥିଲା । ଏଣୁ ଗ୍ରାମବାସୀ ବିକଳ୍ପ ନ ଥିବାରୁ ନଳକୂପ ପାଣି ବ୍ୟବହାର କରୁଛନ୍ତି । ଗ୍ରାମର ବିବିଧ ସମସ୍ୟା ନେଇ ଗତ ୩୦ ତାରିଖରେ ବ୍ଲକ ପରିସରରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ ଗ୍ରାମର ମହିଳା । ତାପରଦିନ ମହିଳାମାନେ ଗ୍ରାମରେ ବୈଠକରେ ବସି ଗ୍ରାମର ସମସ୍ୟା ପ୍ରତି ଜିଲା ପ୍ରଶାସନର ଉଦାସୀନତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଧରିତ୍ରୀରେ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଅପରପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଚଳ ସୋଲାର ପ୍ରକଳ୍ପକୁ ସଜଡା ଯାଇଥିବା ଜଣାପଡିଛି । ଗତ କିଛିଦିନ ହେଲା ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଲୋଇସିଂହା ଗସ୍ତରେ ଅଛନ୍ତି। ସେ କିଡ୍‌ନୀ ପ୍ରଭାବିତ ଗାଁ ପରିଦର୍ଶନ କରିବାକୁ ସାଧାରଣରେ ଦାବି ହେଉଛି ।

## କଳସ ଶୋଭାଯାତ୍ରା

ଖପ୍ରାଖୋଲ,୯।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ଗାଁରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗାଁ ପୋଖରୀରୁ ମହିଳାମାନେ ପାଣି ନେଇ କଳସ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚି ଥିଲେ। ପୂଜା କର୍ତ୍ତା ବିକାଶ ଦାଶ, ପ୍ରକାଶ ଦାଶ ସପତ୍ନୀକ କଳସ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ପାଞ୍ଚ ଦିନ ଧରି ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଜଟିଳ ପ୍ୟାନ୍‌କ୍ରିଆଜ୍ ଅସ୍ତ୍ରୋପଚାର ସଫଳ ହେଲା

### ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଟିଳ ପ୍ୟାନ୍‌କ୍ରିଆଜ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ସଫଳତା ରୋଗୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ସୂଚନାଯୋଗ୍ୟ, କନ୍ଧମାଳ ଜିଲାର ଜଣେ ରୋଗୀ ଦୀର୍ଘ ଦିନ ଧରି କଷ୍ଟକର ପେଟ ଯନ୍ତ୍ରଣାରେ ପୀଡିତ ଥିଲେ। ସେ ପୂର୍ବରୁ ବହୁ ସର୍ଜନଙ୍କ ସହ ପରାମର୍ଶ କରିଥିଲେ ମଧ୍ୟ ସୁସ୍ଥ ହେଉ ନଥିଲେ। ଏହାପରେ ସେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିଥିଲେ। ଏହି ଜଟିଳ ଅସ୍ତ୍ରୋପଚାରକୁ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଅସିସୋ କୁମାର ପ୍ରଧାନଙ୍କ ନେତୃତ୍ୱ, ପରାମର୍ଶ ଓ ନିରୀକ୍ଷଣରେ କରାଯାଇଥିଲା। ଏହି ସର୍ଜିକାଲ ଟିମ୍‌ରେ ଡା. ଅସିସୋ କୁମାର, ଡା. ରାକେଶ ସ୍ୱାଇଁ, ଡା. ସଞ୍ଜନା ପାଣିଗ୍ରାହୀ ଏବଂ ଡା. ଲଳିତ ତାଣ୍ଡି ରହି ଦାୟିତ୍ୱର ସହ ଅସ୍ତ୍ରୋପଚାର କରିଥିଲେ। ଅପରେଶନ ସମୟରେ ନିଶ୍ଚେତନ ବିଭାଗର ଡା. ଗିରିଜା ପାତ୍ର ଏବଂ ଡା. ନେହା ପାଢୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସଫଳତାର ସହ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଥିବାରୁ ଡାକ୍ତରୀ ଟିମ୍‌କୁ ପ୍ରଶଂସା କରାଯାଇଛି।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ରକ୍ତଦାନ ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ




ବେଲପଡା କଲେଜରେ ଅନୁଷ୍ଠିତ ରକ୍ତଦାନ ଶିବିର ।

ବେଲପଡା,୯।୪(ମନୋଜ କୁମାର ମିଶ୍ର)

ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ମେହେର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିଗଣ ରକ୍ତଦାନର ମହନୀୟତା ଉପରେ ଉଦ୍‌ବୋଧନ ଦେଇଥିଲେ। ଶିବିରରେ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ନୋଡାଲ ଅଫିସର ମନୋଜ କୁମାର ମହାଖୁଡ଼ ଓ ସୁଦାମ ଚନ୍ଦ୍ର ମହାପାତ୍ର ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରିଥିଲେ। ଏହି ଶିବିରରେ ପ୍ରାୟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ଟେକ୍‌ନିସିଆନ ବୁଲା ସାମଲ ଓ ରୁଦ୍ରମଣି ଭୋଇ, ସନ୍ତୋଷ ରାହା, ସୁରେଶ ତାଣ୍ଡି, କିଶୋର ମହାପାତ୍ର ଆସି ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



ନାମଯଜ୍ଞ ପାଇଁ ଅନୁଷ୍ଠିତ କଳସ ଶୋଭାଯାତ୍ରା ।

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ରବିବାର ଅପରାହ୍ନରେ ଗ୍ରାମର ମହିଳା ଓ ପୁରୁଷ ସ୍ଥାନୀୟ ପୋଖରୀରୁ କଳସରେ ପାଣି ଆଣି ପ୍ରହରୀ ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ଠାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ନାମଯଜ୍ଞରେ ପୂଜକ ମନୋଜ ଦାଶ ପୂଜାର୍ଚ୍ଚନା କରିଥିଲେ। ଯଜ୍ଞରେ ସୂର୍ଯ୍ୟଭାନୁ ସାହୁ ଓ ପଦ୍ମିନୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ଆଖପାଖ ଅଞ୍ଚଳର ୧୬ ଗୋଟି ସଂକୀର୍ତ୍ତନ୍ୟ ଦଳ ଯୋଗ ଦେଇଥିଲେ। ୨ ପ୍ରହର ନାମ ସଂକୀର୍ତ୍ତନ୍ୟ କରିଥିଲେ। ଉଦ୍‌ଯାପନୀ ଦିବସରେ ସର୍ଗିଲ, ଦେଉଲି,ବଡମାଳ ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ବୈଠକୀ କୀର୍ତ୍ତନ୍ୟ କରାଯାଇଥିଲା। ନାମଯଜ୍ଞ ଦେଖିବା ପାଇଁ ଆଖପାଖ ଗ୍ରାମ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଭିଡ ଜମିଥିଲା।

# ପତିତ ଜମି ପରିଚାଳନା ଉପରେ କ୍ଷେତ୍ର ଦିବସ

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ଧାନ ଅମଳର ପରବର୍ତ୍ତୀ ସମୟରେ ପଡିଆ ଓ ପତିତ ଜମିର ସଠିକ ପରିଚାଳନାକୁ ନେଇ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ବୁର୍ଡା ଗ୍ରାମର ମଧ୍ୟମପଡ଼ା ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁ ଅଧକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର କେଭିକେର ବୈଜ୍ଞାନିକ ସତ୍ୟମୟ ଶତପଥୀ, ଏଡିଓ ପ୍ରମୋଦ କୁମାର ବଡପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ସହଦେବ ସା ମଧ୍ୟ ମଞ୍ଚାସୀନ ଥିଲେ। କୃଷି ବୈଜ୍ଞାନିକ ଓ ଅଧିକାରୀ ଚାଷୀମାନଙ୍କୁ ଧାନ କଟା ପରେ ପଡିଆ ଜମିର ଉପଯୋଗ ,ଡାଲି ଓ ତୈଳବୀଜ ଚାଷର ସମ୍ଭାବନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ପାଇଁ ଆଧୁନିକ କୃଷି ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେମାନେ କହିଥିଲେ ପତିତ ଜମିକୁ ସଠିକ ଭାବରେ ବ୍ୟବହାର କଲେ ଚାଷୀମାନଙ୍କ ଆୟ ବୃଦ୍ଧି ସହିତ ମୃତ୍ତିକାର ଉର୍ବରତା ମଧ୍ୟ ବଢିବ। ଚାଷୀମାନେ ପାରମ୍ପରିକ ଚାଷ ଓ ପ୍ରଦର୍ଶିତ ବିହନକୁ ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ତାର ଫରକ ଜଣାପଡିବ ବୋଲି ଏଡିଓ ବଡପଣ୍ଡା କହିଥିଲେ। ଏହାଛଡା ସରକାରୀ ଯୋଜନା ଓ ସହାୟତା ବିଷୟରେ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଲୋୟର ସୁକ୍‌ତେଲ ଡ୍ୟାମ୍ ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକତେଲ ଡ୍ୟାମ ସାଇଟ୍ ତଳେ ଆୟୋଜିତ ଦ୍ୱିତୀୟ ବନଦୁର୍ଗା ମହୋତ୍ସବକୁ ଏହାର ଅଧକ୍ଷ ତଥା ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ଏହି ଡ୍ୟାମ୍ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବ ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଏହାସହିତ ଏହି ଡ୍ୟାମ୍ ଜରିଆରେ ଏହି ଅଞ୍ଚଳରେ ଅର୍ଥନୈତିକ ବିକାଶ ସମ୍ଭବ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଆହୁରି କହିଥିଲେ, ବିଗତ ସରକାର ସମୟରେ ଏହି ଡ୍ୟାମ୍ ସାଇଟ୍‌ରେ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଆସିଥିଲା। କାହିଁକି କେଜାଣି ସେ ସମୟରେ ଅନୁଦାନକୁ ଫେରାଇ ନିଆଗଲା। ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଏଠି ଏକ ମିନି ଷ୍ଟାଡିୟମ ନିର୍ମାଣ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଏକ ସୁନ୍ଦର ପାର୍କ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିରେ ରାଜି ହୋଇଥିବା ବେଳେ ତୁରନ୍ତ ଏହାର ସର୍ଭେ ପାଇଁ ଅଧିକାରୀ ପଠାଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଅସମ୍ପୂର୍ଣ୍ଣ ସୁକତେଲ ପ୍ରକଳ୍ପକୁ ଉଦ୍‌ଘାଟନ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୁଡି ଅଞ୍ଚଳ ଲୋକଙ୍କ ସମସ୍ୟାକୁ ବଢାଇ ଦେଇଛନ୍ତି। ତେବେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଓ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ୍ୟାମର ପୂର୍ବତନ ମୁଖ୍ୟଯନ୍ତ୍ରୀ ବେଲାର ସିଂ ଭୋଇ, ତ୍ରିଲୋଚନ ମହାପାତ୍ର, ଶାନ୍ତନୁ ସିଂ ଯୋଗ ଦେଇଥିଲେ। ସରପଞ୍ଚ ସଞ୍ଜୟ ଗଡତ୍ୟା ସଭାପତିତ୍ୱ କରିଥିଲେ। ବିକାଶ ରଞ୍ଜନ ରଥ ସଭା ସଂଯୋଜନା କରିଥିଲେ । ସଭା ପରେ ସାନନ୍ଦ ସିକା ଓ ସାଥୀଗଣ ଲୋକନୃତ୍ୟ ପରିବେଷଣ କରିଥିଲେ। ପରେ ତହକ ପରିବାର ପକ୍ଷରୁ କୋଶଲି କବିତା ଆସର, ଅନିଲ ନାଏକ ସାଥୀଙ୍କ ଦ୍ୱାରା କଂସ ଦରବାର ଆୟୋଜନ କରାଯାଇଥିଲା ।



ମହୋତ୍ସବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

### ବନଦୁର୍ଗା ମହୋତ୍ସବ ଉଦ୍‌ଘାଟିତ

# ସୁବର୍ଣ୍ଣପୁରରେ ୪୫.୮୪% ବହି ଅଭାବ

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**

୨୦୨୫-୨୬ ଶିକ୍ଷା ବର୍ଷରୁ ପର୍ଯ୍ୟାୟକ୍ରମେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ୨୦୨୦ ଲାଗୁ ହୋଇଛି। ଏଥିପାଇଁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟଗୁଡିକର ସମସ୍ତ ପାଠ୍ୟପୁସ୍ତକ ଏନ୍‌ସିଇଆରଟି ଢାଞ୍ଚାରେ ପ୍ରସ୍ତୁତ ହୋଇଛି। ଏନେଇ ପୂର୍ବରୁ ଶିକ୍ଷକମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। କିନ୍ତୁ ଶିକ୍ଷାବର୍ଷ ଆରମ୍ଭ ହେବାର ଏକ ସପ୍ତାହ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ସଂଖ୍ୟକ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡିକରେ ପହଞ୍ଚାଯିବା ସମ୍ଭବ ହୋଇପାରିନାହିଁ। ସୁବର୍ଣ୍ଣପୁର ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩,୭୮,୬୦୦ ଖଣ୍ଡ ବହିର ଆବଶ୍ୟକତା ଥିବା ବେଳେ ଏ ପର୍ଯ୍ୟନ୍ତ ପହଞ୍ଚିଛି ମାତ୍ର ୫୪.୧୬% ଅର୍ଥାତ ୨ଲକ୍ଷ ୫ହଜାର ୫୦ଖଣ୍ଡ। ଅବଶିଷ୍ଟ୧,୭୩,୫୫୦ଖଣ୍ଡ ଅର୍ଥାତ୍ ୪୫.୮୪% କେବେସୁଦ୍ଧା ପହଞ୍ଚିବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଶିକ୍ଷକମାନେ ବିଭିନ୍ନ ବିଷୟ ପିଡିଏଫ ଫାଇଲ କିମ୍ବା ୟୁଟ୍ୟୁବ୍ ଦେଖି କାମଚଳା ଭାବେ ପାଠପଢା ଆରମ୍ଭ କରିଥିଲେ ସୁଦ୍ଧା ଛାତ୍ରୀଛାତ୍ରମାନେ ଘରେ ପଢିବା କଷ୍ଟକର ହେଉଛି। ଅଭିଭାବକମାନେ ମଧ୍ୟ ବହି ଅଭାବରୁ ପିଲାଙ୍କୁ ପାଠ ପଢାଇବାରେ ବିଶେଷ ସହଯୋଗ କରିପାରୁନାହାନ୍ତି।

## ନୂଆ ଶିକ୍ଷାନୀତି ଲାଗୁ ପରେ ବଦଳିଛି ସବୁ ପାଠ୍ୟପୁସ୍ତକ


ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

ଏ ପରିସ୍ଥିତିରେ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ସଂଖ୍ୟକ ବହି ଯୋଗାଇବାକୁ ଅଭିଭାବକ ମହଲରେ ଦାବି ହେଉଛି।

ସୂଚନା ମୁତାବକ, ଚଳିତ ବର୍ଷଠାରୁ ପ୍ରଥମ ଶ୍ରେଣୀରେ ଓଡ଼ିଆ(ଝୁଲଣ ୧) ଓ ଗଣିତ ଖେଳ ପଢାଯିବ। ସେହିପରି ଦ୍ୱିତୀୟ ଶ୍ରେଣୀ ପିଲାମାନେ ଓଡିଆ(ଝୁଲଣ ୨) ଓ ମଜାମଜାରେ ଗଣିତ ପଢିବେ। ତୃତୀୟ ଶ୍ରେଣୀ ପିଲା ଓଡିଆ (ଭାଷା ମହକ ୧), ଗଣିତ ମେଳା, ଇଂଲିଶ(ପଲ୍ଲବୀ), ଇଭିଏସ୍(ବିଚିତ୍ର ଆମ ପୃଥିବୀ) ଆର୍ଟ ଏଜୁକେଶନ(ଇନ୍ଦ୍ରଧନୁ), ଫିଜିକାଲ ଏଜୁକେଶନ(ଖେଳ ଓ ଯୋଗ), ଚତୁର୍ଥ ଓଡିଆ(ଭାଷା ମହକ ୨), ଗଣିତ ମେଳା, ଇଂଲିଶ(ପଲ୍ଲବୀ), ଇଭିଏସ୍(ଆମ ବିଚିତ୍ର ବିଶ୍ୱ), ଆର୍ଟ ଏଜୁକେଶନ(ନବରସ), ଫିଜିକାଲ ଏଜୁକେଶନ(ଖେଳ ଓ ଯୋଗ) ପାଠ୍ୟପୁସ୍ତକ ପଢିବେ। ଅନୁରୂପ ଭାବେ ଷଷ୍ଠ ଶ୍ରେଣୀରେ ଓଡିଆ(ସାହିତ୍ୟ ସୁଧା), ଗଣିତ ପ୍ରକାଶ, ଇଂଲିଶ(ଯଶମାନ), ବିଜ୍ଞାନ(ଜିଜ୍ଞାସା), ସୋସିଆଲ ସାଇନ୍ସ(ସାମାଜିକ ବିଜ୍ଞାନ ଅଧ୍ୟୟନ ଭାରତ ଓ ଆମ ପୃଥିବୀ), ହିନ୍ଦୀ କଳିକା, ସଂସ୍କୃତ କଳିକା ଭାଗ ୧, ଭୋକେଶନାଲ ଏଜୁକେଶନ(କୌଶଳ ବୋଧ), ଫିଜିକାଲ ଏଜୁକେଶନ(ଖେଳ ଶିକ୍ଷା), ଆର୍ଟ ଏଜୁକେଶନ ଓ ଉର୍ଦ୍ଧ୍ୱ(ତଲାଶ) ପାଠ୍ୟପୁସ୍ତକ ଛପାଯାଇଛି। ସେଥିମଧ୍ୟରୁ ବିଦ୍ୟାର୍ଥୀ ହିନ୍ଦି ଅବା ସଂସ୍କୃତ ଭିତରୁ ଯେ କୌଣସି ଗୋଟିଏ ବିଷୟ ପଢିବା ପାଇଁ ଚୟନ କରିପାରିବେ। ଉର୍ଦ୍ଧ୍ୱ ମଧ୍ୟ ବାଧ୍ୟତାମୂଳକ ନୁହେଁ। ଅନୁରୂପ ଭାବେ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଓଡିଆ(ସାହିତ୍ୟ ସୁମନ), ଗଣିତ ପ୍ରକାଶ, ଇଂଲିଶ(ଯଶମାନ), ବିଜ୍ଞାନ(ଜିଜ୍ଞାସା), ସୋସିଆଲ ସାଇନ୍ସ(ସାମାଜିକ ବିଜ୍ଞାନ ଅଧ୍ୟୟନ ଭାରତ ଓ ଆମ ପୃଥିବୀ), ହିନ୍ଦୀ କଳିକା, ସଂସ୍କୃତ କଳିକା ଭାଗ ୨, ଭୋକେଶନାଲ ଏଜୁକେଶନ(କୌଶଳ ବୋଧ), ଫିଜିକାଲ ଏଜୁକେଶନ(ଖେଳଶିକ୍ଷା), ଆର୍ଟ ଏଜୁକେଶନ(କଳାକୃତି) ଓ ଉର୍ଦ୍ଧ୍ୱ(ତଲାଶ) ପୁସ୍ତକ ମଧ୍ୟରୁ ବାଧ୍ୟତାମୂଳକ ଓ ଇଚ୍ଛାଧୀନ ବିଷୟ ଚୟନ କରି ଶିକ୍ଷାଲାଭ କରିପାରିବେ।

ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଓଡିଆ(ସାହିତ୍ୟ ସୁରଭି), ଗଣିତ ପ୍ରକାଶ, ଇଂଲିଶ(ଯଶମୀନ), ବିଜ୍ଞାନ(ଜିଜ୍ଞାସା), ସୋସିଆଲ ସାଇନ୍ସ(ସାମାଜିକ ବିଜ୍ଞାନ ଅଧ୍ୟୟନ ଭାରତ ଓ ଆମ ପୃଥିବୀ), ହିନ୍ଦୀ କଳିକା, ସଂସ୍କୃତ କଳିକା ଭାଗ ୩, ଭୋକେଶନାଲ ଏଜୁକେଶନ(କୌଶଳ ବୋଧ), ଫିଜିକାଲ ଏଜୁକେଶନ(ଖେଳ ଶିକ୍ଷା), ଆର୍ଟ ଏଜୁକେଶନ(କଳା କୃତି) ଓ ଉର୍ଦ୍ଧ୍ୱ(ତଲାଶ) ବିଷୟରେ ବହି ଛପାଯାଇଛି। ଜିଲାରେ ଏହି ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧିକାଂଶ ବହି ଆସିନାହିଁ। ଏହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ କଥା ଦେଖିଲେ ଜଣାଯାଏ ଜିଲାରେ ମୋଟ ଉପରେ ୩ଲକ୍ଷ ୭୮ହଜାର ୬ଶହ ଖଣ୍ଡ ବହିର ଆବଶ୍ୟକତା ଥିବା ବେଳେ ଏ ପର୍ଯ୍ୟନ୍ତ ପହଞ୍ଚିଛି ୨ଲକ୍ଷ ୫ହଜାର ୫୦ଖଣ୍ଡ। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଆବଶ୍ୟକ ସଂଖ୍ୟକ ପାଠ୍ୟପୁସ୍ତକ ପହଞ୍ଚି ପାରିନାହିଁ। ସେହିପରି ସିବିଏସ୍‌ଇ ପକ୍ଷରୁ ନବମ ଶ୍ରେଣୀରେ ସମସ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରାଯାଇଛି। ଏବେ କେବଳ ଇଂଲିଶ(କାବେରୀ) ପୁସ୍ତକ ବଜାରରେ ଉପଲବ୍ଧ ଥିବା ବେଳେ ଅନ୍ୟ ବହି ଗୁଡିକ ଅଫଲାଇନ କିମ୍ବା ଅନଲାଇନରେ ମିଳୁନି। ଅପ୍ରେଲ ୨ ତାରିଖରୁ ନୂତନ ଶ୍ରେଣୀ ପାଠପଢା ଆରମ୍ଭ ହୋଇଥିବା ବେଳେ ପାଠ୍ୟପୁସ୍ତକ ଅଭାବକୁ ନେଇ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ଚିନ୍ତାରେ ଅଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଭାବକଙ୍କ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସହ ଯୋଗାଯୋଗ କରିବାରୁ, ଯେତିକି ବହି ଆସିଛି ସେ ସବୁକୁ ସମ୍ପୃକ୍ତ ବ୍ଲକର ବିଦ୍ୟାଳୟ ଗୁଡିକୁ ପଠାଯିବା ବ୍ୟବସ୍ଥା ହୋଇଛି। ଅବଶିଷ୍ଟ ଆସିଲା ପରେ ତୁରନ୍ତ ବିଦ୍ୟାଳୟଗୁଡ଼ିକୁ ପଠାଯିବ ବୋଲି କହିଛନ୍ତି।

**ଚିନ୍ତାରେ ଅଭିଭାବକ, ଛାତ୍ରୀଛାତ୍ର**

## ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



ଶିବିରରେ ରକ୍ତଦାନ କରାଯାଉଛି।

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କଲେଜର ପାଣିନୀ ପ୍ରକୋଷ୍ଠରେ ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ବିଭିନ୍ନ ସେବାମୂଳକ ସଙ୍ଗଠନ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ରକ୍ତଦାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମାନବସେବାରେ ବ୍ରତୀ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ଦେବାଶିଷ ପାଣ୍ଡିଆଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜସେବୀ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଧର୍ମନିରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଦୁର୍ଗା ଚରଣ ସାହୁ, ଅଧ୍ୟାପିକା ରେଣୁକା ହୋତା, ଅଧ୍ୟାପକ ଦୁର୍ବାସା ପ୍ରଧାନ ଓ ଅଧ୍ୟାପିକା ତେଜଶ୍ରୀ ମିଶ୍ର ସମେତ ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଦସ୍ୟମାନଙ୍କର ମିଳିତ ପ୍ରୟାସରେ ଶିବିରଟି ସୂଚାରୁସ୍ୱଭାବେ ପରିଚାଳିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତରୀ ଦଳ ଓ ପ୍ରଶିକ୍ଷିତ ଟେକନିକାଲ ଷ୍ଟାଫଙ୍କ ନିରୀକ୍ଷଣରେ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ମୋଟ ୧୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

**ସଂକ୍ଷେପରେ**

## ପାପକ୍ଷୟ ଘାଟରେ ଶୌଚାଳୟ ଉଦ୍‌ଘାଟନ

**ବିନିକା,୯।୪(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ଗୁରୁବାର ଅପରାହ୍ନରେ ଏକ ଶୌଚାଳୟ ଉଦ୍‌ଘାଟନ ହୋଇଯାଇଛି । ଏହାକୁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନାଥ ଜଗଦଲା ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ନଗରପାଳ ସୁବାସ ଚନ୍ଦ୍ର ଭୁଏ, ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ ଓ କାଉନସିଲରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ପଧାନ, ସାନିଟାରୀ ଏକ୍ସପୋର୍ଟ ସାଗରିକା ପାତ୍ରୋଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

**ବୀରମହାରାଜପୁର,୯।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ଦେଉଳମୁଣ୍ଡା ଗ୍ରାମର ରଞ୍ଜିତା ଚାନ୍ଦଙ୍କ ( ୬୦) ବର୍ଷ



ବୟସରେ ହୃଦଘାତରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପରଲୋକ ହୋଇଛି। ରଞ୍ଜିତା ଜଣେ ଆଧାତ୍ମିକ ମହିଳା ଭାବେ ପରିଚିତ ଥିଲେ। ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସେ ନିଃଶୁଳ୍କ ଭାବେ ଭଜନ ପରିବେଷଣ କରୁଥିଲେ। ତାଙ୍କର ଅନ୍ତିମ ସଂସ୍କାର ଦେଉଳୀ ମହାନଦୀ ଘାଟରେ ଅନୁଷ୍ଠିତ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ପ୍ରଦିପ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ବେଳେ ସ୍ୱାମୀ ଜଗଦୀଶ, କନିଷ୍ଠ ପୁତ୍ର ଦିଲୀପ, ଝିଅ କଳ୍ପନା, ଜ୍ୱାଇଁ, ବିଶିଷ୍ଟ ପୁରାଣ ଗାୟକ ସତ୍ୟ ନାରାୟଣ ଚାନ୍ଦ, କିଶୋର କୁମାର ହୋତା, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ଉର୍ଲେ ରାମଲୀଳା, ବାଳୀ ବଧ

**ବିନିକା, ୭।୪(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେଠାରେ ଚାଲିଥିବା ରାମଲୀଳା ଉତ୍ସବର ଗୁରୁବାର ଚତୁର୍ଦ୍ଦଶ ଦିବସ ଥିଲା। ଏହି ଦିବସରେ ବାଳୀବଧ ନାଟକ ପରିବେଷଣ କରାଯାଇଥିଲା। ଏହି ଲୀଳା ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ ଜମିଥିଲା। ବାଳୀ ଭୂମିକାରେ ସୁଦାମ ଓତା, ସୁଗ୍ରୀବ ମୁନା ମିଶ୍ର, ହନୁମାନ ରଞ୍ଜିତ ପଣ୍ଡାଙ୍କ ଅଭିନୟ ହୃଦୟସ୍ପର୍ଶୀ ହୋଇଥିଲା। ପ୍ରସନ୍ନ ଷଡ଼ଙ୍ଗୀ କଣ୍ଠଦାନ କରିଥିଲେ ।

## ସଂସ୍କୃତି, ପରମ୍ପରା ବଜାୟ ରଖିଛି ଦଣ୍ଡଯାତ୍ରା

**ବୌଦ୍ଧ,୯।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଏକ କୃଷିଭିତ୍ତିକ ଜିଲା। ଜିଲାରେ ବାର ମାସରେ ତେର ଯାତରା ପାଳିତ ହୋଇଆସୁଥିବା ବେଳେ ଦଣ୍ଡ ଯାତ୍ରା ଜିଲାର ଏକ ପ୍ରମୁଖ ଯାତ୍ରା । ଦଣ୍ଡଯାତ୍ରା ମୁଖ୍ୟତଃ କୃଷି ଉପରେ ଆଧାରିତ। ଚୈତ୍ର ମାସର ଟାଣ ଖରାରେ କାହିଁ କେଉଁ କାଳରୁ ଜିଲାରେ ଦଣ୍ଡପର୍ବ ପାଳିତ ହୋଇଆସୁଛି। ସମାଜ ଯେତେ ଆଧୁନିକତା ଆଡକୁ ଗତି କରୁଥିଲେ ସୁଧା କିନ୍ତୁ ବୌଦ୍ଧ ଜିଲାରେ ଆଜି ମଧ୍ୟ ଏହି ପୁରୁଣା ପରମ୍ପରା ଓ ସାଂସ୍କୃତିକ ଦଣ୍ଡଯାତ୍ରାକୁ ବହୁ ଗ୍ରାମ ଓ ସହରରେ ଲୋକେ ଏବେବି ଜୀବିତ ରଖିପାରିଛନ୍ତି। ଜିଲାର କେଉଁ କେଉଁ ଗ୍ରାମରେ ଦଣ୍ଡ ଦଳଗୁଡିକ ଏହି ପର୍ବକୁ ୨୧ ଦିନ ଧରି ପାଳନ କରିଥିବାବେଳେ କେଉଁ କେଉଁ ଗ୍ରାମଗୁଡିକରେ ୧୭ ଦିନ ଧରି ପାଳନ କରିଛନ୍ତି। ଏହି ଯାତ୍ରାରେ ଦଣ୍ଡବ୍ରତ ଧାରୀ ପ୍ରଭୁ ମହାଦେବ ଓ ମା'କାଳୀଙ୍କୁ ଧରି ଗ୍ରାମ ପରିଭ୍ରମଣ କରି ପୂଜା କରିଥିଲେ। ଏହି ଦଣ୍ଡଯାତ୍ରା ପଣା ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି ଦିନ ଶେଷ ହେବ। ତେଣୁ ଏହି ଯାତ୍ରାକୁ ମଧ୍ୟ ମେରୁ ଯାତ୍ରା ବୋଲି କହିଥାନ୍ତି। ଗ୍ରାମ ପରିଭ୍ରମଣ ସମୟରେ ଦଣ୍ଡ ବ୍ରତଧାରି ଭକ୍ତମାନେ ଖାଲି ପାଦରେ ଚାଲିଚାଲି ଯିବା ସହ ହାତରେ ଛତର, ବାନା, ବୈରଖ ଧରି ବାଜା ଓ ଘଣ୍ଟ ବଜାଇ ଯାଇଥିଲେ। ଦଣ୍ଡଯାତ୍ରାର ଭକ୍ତମାନେ ଦିନରେ ଉପାସରେ ରହିବା ସହ ପଣାପାଣି ପିଇବା ସହ କେବଳ ରାତିରେ ଅରୁଆ ଅନ୍ନ ପ୍ରସାଦ ସେବନ କରୁଛନ୍ତି। ଅପରାହ୍ନ ୩ଟାରେ ଭକ୍ତମାନେ ପ୍ରଭୁଙ୍କୁ ଧରି ଗାଁକୁ ଆସି ଧୂଳି ସେବା ବା ପାଣି ସେବା କରୁଛନ୍ତି। ଏହି ଧୂଳି ସେବା ବା ପାଣି ସେବା ସମୟରେ ଭକ୍ତମାନେ ବା ମାନସିକଧାରୀମାନେ ଟାଣ ଖରାକୁ ଖାତିର ନ କରି ବିଭିନ୍ନ ପ୍ରକାରରେ


ପ୍ରଭୁଙ୍କୁ ଧରି ଗ୍ରାମକୁ ଯାଉଛନ୍ତି ବ୍ରତଧାରୀ।

ଦେହକୁ କଷ୍ଟ ଦେଇ ମହାଦେବଙ୍କ ଉଦ୍ଦେଶ୍ୟରେ ସମାଜକୁ ଶୃଙ୍ଖଳିତ ଓ ଚାଷ କାର୍ଯ୍ୟର ବିଧିବିଧାନ ଉପରେ ଭଙ୍ଗୀ ସହ ନାଚ କରି ଲୋକମାନଙ୍କୁ ସୂଚନା ଦେଇଛନ୍ତି। ଧୂଳି ସେବା ପରେ ଭକ୍ତମାନେ ପ୍ରଭୁ ମହାଦେବଙ୍କୁ ନେଇ ସନ୍ଧ୍ୟା ନଇଁ ଆସୁଥିବା ସମୟରେ ଗାଁ ପୋଖରୀ କିମ୍ବା ନାଳ କୂଳକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ମୁଖ୍ୟ ପୂଜକ ପାଟ ଭୁକୁତା ଓ ୧୩ ଭୁକୁତା ସାଙ୍ଗରେ ଆଣିଥିବା ମା' କାଳୀଙ୍କୁ ପୂଜା କରିଥିଲେ। ଏହି ପୂଜାକୁ କାଳୀକା ପୂଜା କୁହାଯାଏ। ପୂଜା ସରିଲା ପରେ ଭକ୍ତମାନେ ପ୍ରସାଦ କରିଥିଲେ। ପ୍ରସାଦ ସେବନ ପରେ ପୁନଶ୍ଚ ମହାଦେବ ଓ କାଳୀଙ୍କୁ ଧରି ଦଣ୍ଡ ନାଚ କରିବା ପାଇଁ ଗ୍ରାମକୁ ଆସିଥିଲେ। ଗାଁ ମୁଣ୍ଡରେ ପହଞ୍ଚିବା କ୍ଷଣି ଦଣ୍ଡଧାରୀ ବିଭିନ୍ନ ବେଶ ଧାରଣ କରି ନାଚିନାଚି ପ୍ରଭୁଙ୍କୁ ଆଣିଥିଲେ। ଗ୍ରାମକୁ ଆସିବା ସମୟରେ ଝୁଣାଖେଳ ହୋଇଥାଏ । ଝୁଣା ବାସ୍ନାରେ ଗାଁରୁ ସହର ମହକି ପଡିଥାଏ। ଏହା ସହ ଦଣ୍ଡୁଆ ମଣି ଡାକରେ ପୁରା ଗ୍ରାମ କମ୍ପିଉଠୁଛି। ଏହା ପରେ ଦଣ୍ଡଧାରିମାନେ ବିଭିନ୍ନ ପ୍ରକାର ନାଚ କରି ସମାଜକୁ ଦିଗଦର୍ଶନ ଦେବା ଭଳିଆ ଓ ସୁଲଭ ସମାଜ ଗଠନ ପାଇଁ ନାଚ ଯାହା ଘାସି, ଘାଶିଆଣୀ, ଶିବ ପାର୍ବତୀ, ଦିଅର ଭାଉଜ, ଶାଳୀ ଭିଣୋଇ, ଚଢେୟା ଚଢାୟାଣୀ, ଶବର, ପତରସଉରା ଓ ବିଣା କାରିଆ ଗୀତ ଓ ନାଚ ମାଧ୍ୟମରେ କିଛି ଶିକ୍ଷଣୀୟ ବାର୍ତ୍ତା ଦେଇଥାଆନ୍ତି। ଦଣ୍ଡ ଯାତ୍ରା ସମାପ୍ତ ଦିନ କେଉଁ କେଉଁ ଦଣ୍ଡ ଯାତ୍ରା କରୁଥିବା ଗ୍ରାମରେ ଝାମୁ ଯାତ୍ରା କରିଥାଆନ୍ତି। ଏହିପରି ଭାବରେ ବୌଦ୍ଧ ଜିଲାରେ ଦଣ୍ଡଯାତ୍ରା କାହିଁ କେଉଁ କାଳରୁ ପାଳିତ ହୋଇଆସୁଛି।

**ଝୁଣା ବାସ୍ନାରେ ମହକୁଛି ଗାଁ ଠୁ ସହର**

## ଗଞ୍ଜେଇ ଚାଲାଣକାରୀଙ୍କୁ ଏସ୍କର୍ଟ, ବୋଲେରୋ ଜବତ

**ଗାଡ଼ିରେ ଯାଉଥିଲେ ୪ ଅବକାରୀ କର୍ମଚାରୀ**

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**

ବୌଦ୍ଧରୁ ବିହାରକୁ ବିପୁଳ ପରିମାଣରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ୧୪ଚକିଆ ଟ୍ରକ୍‌କୁ ଏକ ବୋଲେରୋ ଏସକର୍ଟ କରୁଥିଲା। ଗତ ୩୦ ତାରିଖରେ ସୋନପୁର ଟାଉନ ପୋଲିସ ବୁଢାରଜା ଛକରୁ ଟ୍ରକ୍(ନଂ.ଜେଏଚ୧୦ବିପି-୩୪୫୪) ଓ ୧୦କୁଇଣ୍ଟାଲ ୫୦କିଲୋ ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦କୋଟିରୁ ଉର୍ଦ୍ଧ୍ୱ ଥିଲା। ଏହି ଘଟଣାରେ ବିହାର ବକ୍ସର ଜିଲାର ଲକ୍ଷ୍ମଣ ଯାଦବ(୨୯) ଓ ଲକ୍ଷ୍ମଣ ଯାଦବ(୫୯)ଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଟ୍ରକ୍‌କୁ ଏସକର୍ଟ କରୁଥିବା ବୋଲେରୋ(ନଂ ଓଡି୦୫ସିଇ-୩୨୮୭)କୁ ସୋନପୁର ପୋଲିସ ଉକ୍ତ ଦିନ ଧରି ପାରି ନ ଥିଲା। ଗୁରୁବାର ପୋଲିସ ଉକ୍ତ ବୋଲେରୋକୁ ବିଜୁ ପଟ୍ଟନାୟକ ଛକଠାରେ ଠାବ କରିବା ପରେ ଜବତ କରିଛି। ଡ୍ରାଇଭର ତଥା ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳର ପରାଧୀନ ସାହୁଙ୍କ ନିକଟରୁ ଏହି ବୋଲେରୋ ଜବତ ହୋଇଛି। ତେବେ ଏହି ବୋଲେରୋରେ ଡ୍ରାଇଭରଙ୍କ ସମେତ ବୌଦ୍ଧ ଜିଲା କଣ୍ଟାମାଳ ଅବକାରୀ ବିଭାଗର ୪ ଜଣ କର୍ମଚାରୀ ଥିଲେ। ସେମାନେ ଭଡାରେ ଏହି ପ୍ରାଇଭେଟ୍ ବୋଲେରୋରେ ସମ୍ବଲପୁର ଅଭିମୁଖେ ଯାଉଥିବା କହିବାରୁ ପୋଲିସ ସେମାନଙ୍କୁ ଛାଡି ଦେଇଛି। ଜବତ ବୋଲେରୋ କଣ୍ଟାମାଳ ବ୍ଲକ ଗୁଣ୍ଡିମହୁଲ ଅଞ୍ଚଳର ଆଶିଷ ବଘାରଙ୍କ ନାମରେ ଥିବା ଜଣାପଡିଛି। ଗଞ୍ଜେଇ ଚୋରାଚାଲାଣ ଓ ଏସକର୍ଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେ ଦିଗରେ ଅଧିକ ତଦନ୍ତ ଜାରି ରଖିଥିବା ସୋନପୁର ଆଇଆଇସି ଯାଦବ ବାଗ ସୂଚନା ଦେଇଛନ୍ତି।

## ବାଘ ରେଳ ଷ୍ଟେଶନ ନିର୍ମାଣ ପାଇଁ ରେଳ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବଲାଙ୍ଗୀର ଏମ୍‌ପି


ବାଘ ରେଳ ଷ୍ଟେଶନ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ବଲାଙ୍ଗୀର ଏମ୍‌ପିଙ୍କୁ ଭେଟୁଛନ୍ତି।

**ବାଉଁଶୁଣୀ,୯।୪(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଘ ରେଳ ଷ୍ଟେଶନ ସଂଗ୍ରାମ ସମିତି ପକ୍ଷରୁ ବାଘ ରେଳ ଷ୍ଟେଶନ ନିର୍ମାଣ ପାଇଁ ଦାବି ହେଉଛି। ବୌଦ୍ଧ ଜିଲା ବାଉଁଶୁଣୀ ନିକଟରେ ବାଘ ରେଳ ଷ୍ଟେଶନ ନିର୍ମାଣ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମଧ୍ୟ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ବାଘ ରେଳ ଷ୍ଟେଶନ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ଏ ସମ୍ପର୍କରେ ବଲାଙ୍ଗୀର ଏମ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ପରେ ସିଂଦେଓ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

## ତରଭାକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବିପତ୍ର

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର ଧରିଛି । ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଓ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଡ଼ ନୃପରାଜ ସାହୁଙ୍କ ଜରିଆରେ ଗୁରୁବାର ସନ୍ଧ୍ୟାରେ ପ୍ରଦାନ କରାଯାଇଛି। ତରଭା ବ୍ଲକ ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ସମ୍ପାଦକ ମାନଭଞ୍ଜନ ମିଶ୍ର, ଉପ ସଭାପତି ଅନ୍ତର୍ଯ୍ୟାମୀ ସାହୁ, କୋଷାଧ୍ୟକ୍ଷ କପିଳାସ ସେଠ, ସୁକାନ୍ତ ମିଶ୍ର ଓ ଅନ୍ୟମାନେ ଜିଲାପାଳଙ୍କୁ ତାଙ୍କର କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲାର ତରଭା ଏକ ପୁରାତନ ସହର। ୧୯୬୭ ମସିହାରୁ ଏହା ଏନ୍‌ଏସିର ମାନ୍ୟତା ପାଇଛି। ଏହାକୁ ଏକ ଉପଖଣ୍ଡରେ ପରିଣତ କରିବାକୁ ୧୯୯୨ ମସିହାରୁ ଦାବି ହୋଇଆସୁଛି। ଏହି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ(ଜେଏମ୍‌ଏଫ୍‌ସି) କୋର୍ଟ ଭଳି ଆବଶ୍ୟକ ପ୍ରଶାସନିକ ଭିତ୍ତିଭୂମି ରହିଛି। ଯାହା ଏହାକୁ ଏକ ଉପଖଣ୍ଡ ମୁଖ୍ୟାଳୟ ଭାବେ କାର୍ଯ୍ୟ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ କରିଛି। ଭୌଗଳିକ ଦୃଷ୍ଟିରୁ ତରଭା ଜିଲା ମୁଖ୍ୟାଳୟରୁ ୩୨କିମି ପଶ୍ଚିମରେ ଅବସ୍ଥିତ। ତରଭା ବ୍ଲକ ଅନ୍ତର୍ଗତ ବାଲିଖମାର ପଞ୍ଚାୟତର ଶେଷ ଗ୍ରାମ କର୍ଲାମୁହାଣରୁ ସୁବର୍ଣ୍ଣପୁର ସହର ଦୂରତ୍ୱ ୬୨ କିମି । ସେହିପରି ରାଣୀସର୍ଡା ପଞ୍ଚାୟତର ଶେଷ ଗ୍ରାମ କୁମଣ୍ଡେରୁ ୪୫ କିମି ଦୂରରେ ରହିଛି। ଯାହାକି ସ୍ଥାନୀୟ ଅଧିବାସୀଙ୍କୁ ଉଚ୍ଚସ୍ତରୀୟ ପ୍ରଶାସନିକ ସେବା ପ୍ରାପ୍ତିରେ ଅସୁବିଧା ସୃଷ୍ଟି କରୁଛି। ତରଭା ସାମ୍ବାଦିକ ସଂଘର ଆବାହକ୍ରରେ ଚାଲିଥିବା ତରଭା ଉପଖଣ୍ଡ ଦାବିକୁ ଦଳ ମତ ନିର୍ବିଶେଷରେ ଅଞ୍ଚଳବାସୀ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

## ସୁବର୍ଣ୍ଣପୁରରେ 'ଆସ ବହିଟିଏ କିଣିବା' ଅଭିଯାନ

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**


ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ପୁସ୍ତକ ଷ୍ଟଲ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯାଳୟ ପରିସରରେ ଆସ ବହିଟିଏ କିଣିବା ଦିବସ ଅଭିଯାନ ଶୀର୍ଷକରେ ଏକ ପୁସ୍ତକ ଷ୍ଟଲ ଜିଲା ସଂସ୍କୃତି ଓ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଷ୍ଟଲର ଶୁଭ ଉଦ୍ଘାଟନ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲାପାଳ ସୌମ୍ୟରୂପା ରଥ ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଷ୍ଟଲକୁ ପରିଦର୍ଶନ କରି ବହି କ୍ରୟ କରିଥିଲେ। ଜିଲାର ବିଭିନ୍ନ ଅଧିକାରୀମାନେ ମଧ୍ୟ ଷ୍ଟଲକୁ ଯାଇ ବହି କିଣିଥିଲେ। ଏହା ସହ ଜିଲାର ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ପରିଦର୍ଶନ କରି ବହି କ୍ରୟ କରିଥିଲେ। ଏହି ପୁସ୍ତକ ବିକ୍ରୟ କାର୍ଯକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପରିଚାଳନା କରିଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ରୟ ଚାଲିଥିଲା । ଷ୍ଟଲରେ ଓଡ଼ିଶା ଓ ସୁବର୍ଣ୍ଣପୁରର କଳା, ସଂସ୍କୃତି ଓ ଇତିହାସ ଉପରେ ଆଧାରିତ ଆଞ୍ଚଳିକ କବି, କବୟିତ୍ରୀ, ଲେଖକ ଓ ଲେଖିକାଙ୍କ ପୁସ୍ତକ ଉପଲବ୍ଧ ଥିଲା। ଏହା ମାଧ୍ୟମରେ ଆଞ୍ଚଳିକ ଲେଖକମାନଙ୍କୁ ପ୍ରୋତ୍ସାହନ ମିଳିଥିବା ବେଳେ ସେମାନଙ୍କ ରଚନାର ପ୍ରଚାର ପ୍ରସାର ହୋଇଥିଲା। ଏହି ଅବସରରେ ମୋଟ ୨୦୦ ଖଣ୍ଡ ପୁସ୍ତକ ବିକ୍ରୟ ହୋଇଥିଲା।

### ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଏଚ୍. କଟାପାଲିସ୍ଥିତ ପିକେଏସ୍ଏସ୍ ସ୍ନାତକ କଲେଜରେ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମ୍ପଦ, ସମ୍ମାନିତ ଅତିଥି ଭାବରେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ଯୋଗଦେଇଥିଲେ। ପରିଚାଳନା କମିଟିର ପୂର୍ବତନ ସଭାପତି ଧନୁର୍ଜୟ ସେଠ ରକ୍ତଦାନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏନ୍ଏସ୍ଏସ୍ ସଂଯୋଜକ ଡ. ଶମ୍ଭୁ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମୁ ପ୍ରଧାନ ସହଯୋଗ କରିଥିଲେ। ଏହି ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### ପଲିଥିନ୍ ବ୍ୟବହାର କଟକଣା ପାଲଟିଛି ପ୍ରହସନ

ରିଆମାଳ,୯।୪(ବଦ୍ରିନାରାୟଣ ଅଗ୍ରୱାଲ)

ରାଜ୍ୟରେ ପଲିଥିନ୍ ବ୍ୟବହାର ଉପରେ ସରକାରଙ୍କ ପକ୍ଷରୁ ଅଙ୍କୁଶ ଲଗାଯାଇଛି। ଏପରି କି ପଲିଥିନ୍ ବ୍ୟବହାର ନ କରିବା ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହାସତ୍ତ୍ୱେ ଯେଉଁ ସ୍ଥାନରେ ପଲିଥିନ୍ ବ୍ୟବହାର କରାଯାଉଛି, ସେଠାରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତଥାପି ସମ୍ପୂର୍ଣ୍ଣ ଭାବରେ ଏହାକୁ ରୋକାଯାଇପାରୁ ନାହିଁ। ଦେବଗଡ଼ ଜିଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ପଲିଥିନ୍ ବ୍ୟବହାର ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ହେଲେ ଏହି କଟକଣା ଏବେ ପ୍ରହସନ ପାଲଟିଛି। ବିଶେଷକରି ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ସଦର ମହକୁମାଠାରୁ ଆରମ୍ଭ କରି ତେଲିମୁଣ୍ଡା, ଛତାବର, ଟିଙ୍କବୀର, କୁଣ୍ଢେଇଗୋଳା, ବୁଢ଼ାପାଳ ଆଦି ମୁଖ୍ୟ ଜାଗାଗୁଡିକରେ ବହୁଳ ଭାବରେ ପଲିଥିନ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀ ପଲିଥିନ୍ ମାଧ୍ୟମରେ ଗ୍ରାହକଙ୍କୁ ପ୍ରଦାନ କରୁଛନ୍ତି। ପରେ ଗ୍ରାହକ ଏହି ପଲିଥିନ୍‌କୁ ଏଣେତେଣେ ଫିଙ୍ଗୁଛନ୍ତି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଅପରପକ୍ଷେ ପ୍ରଶାସନ ଅଧିକାରୀ ଛୋଟ ଛୋଟ ଦୋକାନରେ ଚଢ଼ାଉ କରି ପଲିଥିନ୍ ଜବତ କରିବା ସହ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରି ଦାୟିତ୍ୱ ସାରି ଦେଉଛନ୍ତି। ଆଗାମୀ ଦିନରେ ପଲିଥିନ୍ ପ୍ରସ୍ତୁତ କରୁଥିବା କାରଖାନା ଉପରେ ଚଢ଼ାଉ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମାତୃ, ଶିଶୁ ମୃତ୍ୟୁହାର ରୋକିବାକୁ ଗୁରୁତ୍ୱ

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉପରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସମନ୍ୱୟରେ ଜିଲାରେ ଚାଲିଥିବା ମାତୃ ଓ ଶିଶୁମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜିଲାରେ ଫେବୃଆରୀରେ ରିପୋର୍ଟ ହୋଇଥିବା ଜଣେ ମାତୃ ମୃତ୍ୟୁ ଏବଂ ଫେବୃଆରୀ ଓ ମାର୍ଚ୍ଚରେ ରିପୋର୍ଟ ହୋଇଥିବା ୭ ଜଣ ଶିଶୁ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଜିଲାସ୍ତରୀୟ ସମୀକ୍ଷା ବୈଠକ**

କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ମାତୃ ମୃତ୍ୟୁହାରରେ ହ୍ରାସ ପରିଲକ୍ଷିତ ହୋଇଥିବାବେଳେ ଶିଶୁ ମୃତ୍ୟୁହାର ସମାନ ରହିଛି, ଯାହାକୁ ନେଇ ଜିଲାପାଳ ତୃଣମୂଳସ୍ତରରେ କାର୍ଯ୍ୟକୁ ଅଧିକ ଜୋର୍‌ଦାର କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ସେ ସମସ୍ତ ବିପଦପୂର୍ଣ୍ଣ ଗର୍ଭବତୀ ମହିଳାଙ୍କ ଏକ ସଠିକ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିୟମିତ ଟ୍ରାକିଂ କରିବା ସହ ସମସ୍ତ ଗର୍ଭବତୀ ମହିଳା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ଯକ୍ଷ୍ମା ପରୀକ୍ଷା ବାଧ୍ୟତାମୂଳକ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସର୍ଭିକାଲ କ୍ୟାନ୍‌ସର ପ୍ରତିରୋଧ ପାଇଁ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଓ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଚପଡ଼ା ହାଇସ୍କୁଲରେ ପ୍ରବେଶ ଉତ୍ସବ

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ପଞ୍ଚପଡ଼ା ସରକାରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣମିତା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପାନନ୍ଦ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତା ପଟେଲ, ସଦସ୍ୟା ରଞ୍ଜୁ ନେଟି, ଖେଳଣା ମଗର ଯୋଗଦେଇଥିଲେ। ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଯୋଗଦେଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖେଳ ଶିକ୍ଷୟିତ୍ରୀ ପଙ୍କଜିନୀ ପଟେଲ, ଶିକ୍ଷୟିତ୍ରୀ ସୁନନ୍ଦା ଚୌଧୁରୀ, ଜୟନ୍ତୀ ନାଥ, ଶିକ୍ଷକ ଆଲୋକ ଚୌଧୁରୀ, କୁଶ ଭୁଏଁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଆନ୍ତଃଜିଲା ପ୍ରତିଯୋଗିତା ପାଇଁ ହକି ଦଳ ମନୋନୀତ

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ହକି ଆସୋସିଏଶନ ଦ୍ୱାରା ଆସନ୍ତା ୧୬ରୁ ଆନ୍ତଃଜିଲା ବାଳିକା ବାଳକ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗର ଟୁର୍ନାମେଣ୍ଟ ବାଳିକା, ବାଳକ ମଧ୍ୟରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲାରେ ଥିବା ବିଭିନ୍ନ ସ୍କୁଲର ହକି ଖେଳାଳିଙ୍କୁ ଲଇକେରା, ବେଲପାହାଡ଼ ଓ ଝାରସୁଗୁଡ଼ା ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ମନୋନୀତ ଖେଳାଳିମାନେ ନବୋଦୟ ବିଦ୍ୟାଳୟ ଖେଳପଡ଼ିଆରେ ଗୁରୁବାର ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ମନୋନୟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାସାଗର ସା, ସହ ଅଧ୍ୟକ୍ଷା ନଳିନୀ ସିହ୍ନା, ହକି ୫-ଏ ସାଇଡ୍ କମିଟି ସଦସ୍ୟ ମହେନ୍ଦ୍ର କୁମାର କେଡିଆ ଯୋଗଦେଇଥିଲେ। ଓଡ଼ିଶା ହକି ସଂଘ ଉପସଭାପତି ଜୀବନ ମହାନ୍ତି, ଝାରସୁଗୁଡ଼ା ଜିଲା ହକି କମିଟି ସଦସ୍ୟ କ୍ଲେମେଣ୍ଟ ରୋନାଲ୍ଡ, ପ୍ରଜ୍ୱଳ ପଟେଲ, ଜିଲା ସ୍କୁଲ କ୍ରୀଡ଼ା ଅଧିକାରୀ ସୁଶାନ୍ତ ବେହେରା ଓ ନବୋଦୟ ବିଦ୍ୟାଳୟ ଖେଳ ଶିକ୍ଷକ ସୁମନ ସିଂ ଉପସ୍ଥିତ ଥିଲେ। ସଙ୍ଗୀତା ରୋଜ କୁଲ୍ଲୁ, ମଧୁସ୍ମିତା ଖାଲଖୋ, ଜିତେନ୍ଦ୍ର ମହାନ୍ତ, ନାରାୟଣ ତମାଙ୍ଗ, ସକୁନ୍ଦ ନାଏକ,ପ୍ରଫୁଲ୍ଲ କୁଲ୍ଲୁ, ଡିଫୋର ଟେଟେ ଖେଳ ପରିଚାଳନା କରିଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ଆସ ବହିଟିଏ କିଣିବା ଅଭିଯାନ



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଦେଖାଉଛନ୍ତି।

ଦେବଗଡ଼,୯।୪(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଆ ପକ୍ଷ ପାଳନ ଅବସରରେ ଦେବଗଡ଼ ଜିଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆସ ବହିଟିଏ କିଣିବା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଉପଜିଲାପାଳ ପରିକ୍ଷିତ ସାହୁ ଯୋଗଦେଇଥିଲେ। ଏବେ ଡିଜିଟାଲ ଯୁଗରେ ବହିର ଆଦର କମୁଥିବାବେଳେ ବହି ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ଏକ ଅଭିନବ ପ୍ରୟାସ କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ପତ୍ରିକା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀଜଗନ୍ନାଥ ଭଜନ, ପ୍ରଗତି ପ୍ରବାହ, ଓଡ଼ିଶା ଆନୁଆଲ ରେଫରେନ୍ସ ପୁସ୍ତକ ବିକ୍ରି କରାଯାଇଥିଲା। ଏହି ପୁସ୍ତକ ମେଳାରେ ଉପସ୍ଥିତ ଅତିଥି, ବହୁ ସଂଖ୍ୟାରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଜନସାଧାରଣ, ଲେଖିକା, ଲେଖକ ଉପସ୍ଥିତ ରହି ବିଭିନ୍ନ ପୁସ୍ତକ କ୍ରୟ କରୁଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର।

## ଅଙ୍ଗନୱାଡ଼ି କେନ୍ଦ୍ର ତାଲା ଭାଙ୍ଗିଲେ ଦୁର୍ବୃତ୍ତ

ବ୍ରଜରାଜନଗର,୯।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୧୪ନଂ. ୱାର୍ଡ ଇବ୍ ପିଟ୍ ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭଙ୍ଗାଯାଇ ଭିତରେ ଥିବା ବିଭିନ୍ନ ସାମଗ୍ରୀ ନଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି। ଅଙ୍ଗନୱାଡ଼ି ଦିଦି ଭଗବତୀ ରଣା ଗୁରୁବାର ସକାଳେ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିବା ପରେ ଫାଟକ ତାଲା ଭଙ୍ଗାଯାଇ ଭିତରେ ଶିଶୁଙ୍କ ଖାଇବା ପାଇଁ ରଖାଯାଇଥିବା ଅଣ୍ଡା, ଚାଉଳ ଓ ଅନ୍ୟ ସାମଗ୍ରୀ ଦଳିଚକଟି ନଷ୍ଟ କରାଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ପୂର୍ବତନ କାଉନ୍‌ସିଲର ବିଜୟ ସିଂହଙ୍କୁ ଜଣାଇଥିଲେ। ବିଜୟ ଘଟଣାସ୍ଥଳରେ ପହଞ୍ଚି ଦେଖିବା ପରେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ଏଭଳି କାର୍ଯ୍ୟ କିଏ କରିଛି ସେ ସମ୍ପର୍କରେ ଜଣାପଡିନାହିଁ। ଅପରପକ୍ଷେ ସ୍ଥାନୀୟ ଅଭିଭାବକମାନେ କହିଛନ୍ତି, ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ପିଲାଙ୍କୁ ଆମେ ଅଙ୍ଗନୱାଡି କେନ୍ଦ୍ରକୁ ପଠାଇବୁ ନାହିଁ।

## ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ପ୍ରଦାନ ଦାବି

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମଙ୍ଗଳ ବଜାରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରତରେ ଗୋ-ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଗୋମାତାଙ୍କୁ ରାଷ୍ଟ୍ରମାତାର ମାନ୍ୟତା ପ୍ରଦାନ ଦାବିରେ ଏହି ଅଭିଯାନ ପକ୍ଷରୁ ଶଙ୍ଖନାଦ କରାଯାଇଛି। ଗୋମାତାଙ୍କ ସେବା କରିବା ସହ ସୁରକ୍ଷା ଯୋଗାଇଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ବୈଠକରେ ଜିଲା ପ୍ରଚାରକ ରହିତେଶ୍ୱର ପ୍ରଧାନ, ଓଡ଼ିଶା ଦାୟିତ୍ୱରେ ଥିବା ବ୍ରହ୍ମଚାରୀ ଭୂପେନ୍ଦ୍ରଜୀ ଏବଂ ସନ୍ଥ ରାଧାକାନ୍ତ ବାବା ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ବୈଠକ ନିଷ୍ପତ୍ତି ମୁତାବକ ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୧୦ଟାରେ ଭାରତର ପ୍ରତ୍ୟେକ ତହସିଲ ଓ ଜିଲା କାର୍ଯ୍ୟାଳୟରେ ଗୋହତ୍ୟା ବନ୍ଦ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯିବ। ଜିଲାପାଳ, ଉପଜିଲାପାଳ କିମ୍ବା ତହସିଲଦାରଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯିବ। ପ୍ରତ୍ୟେକ ତହସିଲରୁ ଗୋସେବକଙ୍କ ଦସ୍ତଖତ କରି ଏହି ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି କିଶୋର କୁମାର ମହାନ୍ତି, ଉପସଭାପତି ବିନୟ ରଜକ, ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ କାର୍ଯ୍ୟକାରୀ ସଦସ୍ୟ ଅଶୋକ କୁମାର ଶକୁନିଆ, ମାତୃଶକ୍ତିର ମଞ୍ଜୁଳା ବେହେରା, ଧର୍ମରାଜ ପଟ୍ଟନାୟକ, ଜିତେନ୍ଦ୍ର ସାହୁ, ବିଜୟୀଲାଲ ତିୱାରୀ, ଆର୍‌ଏସ୍ଏସ୍ ଗ୍ରାମ ବିକାଶ ପ୍ରମୁଖ ପ୍ରଫୁଲ୍ଲ ନାୟକ ଯୋଗଦେଇଥିଲେ।

# ସେମିରେ ପ୍ରୋଗ୍ରେସିଭ, ଆମ୍ବିସନ କ୍ଲବ୍



କାର୍ଯ୍ୟକ୍ରମରେ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

**ପ୍ରଥମ ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ଝାରସୁଗୁଡ଼ା ଜିଲା ସରବାହାଲ ହାଇସ୍କୁଲ ପଡ଼ିଆଠାରେ ପ୍ରଥମ ପ୍ରୋଗ୍ରେସିଭ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ପ୍ରୋଗ୍ରେସିଭ ଆସୋସିଏଶନ ଏବଂ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଦୁଇଟି ପୃଥକ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଜୟ ହାସଲ କରି ବ୍ରଜରାଜନଗରର ଆମ୍ବିସନ କ୍ଲବ୍ ଏବଂ ଝାରସୁଗୁଡ଼ାର ପ୍ରୋଗ୍ରେସିଭ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଝାରସୁଗୁଡ଼ାର ପ୍ରୋଗ୍ରେସିଭ କ୍ଲବ୍ ଏବଂ ଛତିଶଗଡ଼ର ରାୟଗଡ଼ ଗୁରୁକୁଳ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ୧୩୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରୋଗ୍ରେସିଭ କ୍ଲବ୍ ମାତ୍ର ୨ ଉଇକେଟ ହରାଇ ୧୩୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସନ୍ତୋଷ କୁମାର ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଜ୍ୱଳ ପଟେଲ ଓ ଅନିରୁଦ୍ଧ କେୱାଟ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ୍ ବ୍ରଜରାଜନଗରର ଆମ୍ବିସନ କ୍ଲବ୍ ଏବଂ ରାଉରକେଲାର ୱାଇଆରସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୧୪୫ ରନ୍ ସଂଗ୍ରହ କରିଥିଲା। ଆମ୍ବିସନ କ୍ଲବ୍ ୮ ଉଇକେଟ ହରାଇ ଏହି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସିଦ୍ଧାନ୍ତ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଗଣେଶ ମରେଇ, ବିନୟ ପ୍ରସାଦ ଏବଂ ଏମ୍.ଡି. ନାଶିର ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ଗୁଡ଼ିକର ସଫଳ ପରିଚାଳନା ପାଇଁ ପ୍ରୋଗ୍ରେସିଭ ଆସୋସିଏଶନ ସଭାପତି ଅଶ୍ୱିନୀ କୁମାର ମହାନ୍ତି ଓ ସମ୍ପାଦକ ବାଲାଜୀ ପ୍ରକାଶ ସକ୍ସେନା ଉପସ୍ଥିତ ରହିଥିଲେ।

## ୧୧ରୁ ଉପନିଷଦ ଜ୍ଞାନାମୃତ ପ୍ରବଚନ

ଝାରସୁଗୁଡ଼ା,୯।୪(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ମନମୋହନ ଏମ୍‌ଇ ସ୍କୁଲ ଗ୍ରାଉଣ୍ଡଠାରେ ଆସନ୍ତା ୧୧ରୁ ଉପନିଷଦ ଜ୍ଞାନାମୃତ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜଗଦ୍‌ଗୁରୁ ସ୍ୱାମୀ ଶ୍ରୀ କୃପାଲୁ ଜୀ ମହାରାଜଙ୍କ ପ୍ରମୁଖ ପ୍ରବକ୍ତା ପୂଜନୀୟା ରାସେଶ୍ୱରୀ ଦେବୀ ଜୀ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଦିବ୍ୟ ଜ୍ଞାନ ପ୍ରଦାନ କରିବେ। ଏନେଇ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ଗୁରୁବାର ପୂର୍ବାହ୍ନରେ ବ୍ରଜଗୋପିକା ସଂଘ ତରଫରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ଅନୁରୋଧ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବ୍ରଜଗୋପିକା ସଂଘର ଅନନ୍ୟା ଦିଦି, ପ୍ରତାପ ଭାଇ, ସି.ଏ. ମହେନ୍ଦ୍ର କେଡ଼ିଆ, ସଞ୍ଜୟ ସରାଉଗୀ, ମନୀଷ ଦିଦ୍ୱାନିଆ ଯୋଗଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।

ରିଆମାଳ,୯।୪(ବଦ୍ରିନାରାୟଣ ଅଗ୍ରୱାଲ)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ ମଳେହିପଡ଼ା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୁରୁବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଶୋଭାଯାତ୍ରାରେ ଆଠପଡ଼ା ରାଣୀବନ୍ଧ ନିକଟରେ ପହଞ୍ଚିଥିଲେ। ପୁରୋହିତ ଧ୍ରୁବେଇଧର ନନ୍ଦ, ସଞ୍ଜୟ ଶତପଥୀ ପୂଜାର୍ଚ୍ଚନା କରିବା ପରେ ଯଜ୍ଞର କର୍ତ୍ତା ହୃଦାନନ୍ଦ ସାହୁ ଓ ତାଙ୍କ ଧର୍ମପତ୍ନୀ ସ୍ନେହଲତା ସାହୁ ପ୍ରଥମେ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ ମହିଳାମାନେ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ହୁଳହୁଳି ସାଙ୍ଗକୁ ହରିନାମ ସଂକୀର୍ତ୍ତନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଯଜ୍ଞ କମିଟି ସଭାପତି ବୈକୁଣ୍ଠ ପ୍ରଧାନ ଓ ସମ୍ପାଦକ ହୀରାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ରାଜ୍ୟ ଖାଦ୍ୟ କମିଶନ ସଦସ୍ୟଙ୍କ ଦେବଗଡ଼ ଗସ୍ତ

ଦେବଗଡ଼,୯।୪(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ସଦସ୍ୟ ସତ୍ୟବ୍ରତ ସାମନ୍ତରାୟ ଓ ଅକ୍ଷୟ କୁମାର ବେହେରା ଗୁରୁବାର ଦେବଗଡ଼ ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ସେମାନେ ରିଆମାଳ ବ୍ଲକ୍ ଗସ୍ତକରି ଟାବଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ତଦାରଖ କରିଥିଲେ। ସେହିପରି ଗୁଣ୍ଡିଆପାଲି ଓ ବୁଡିଦ ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ତଦାରଖ କରିବା ସହ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିଥିଲେ। ଏଥିସହ ଦେବଗଡ଼ ମ୍ୟୁନିସିପାଲିଟି, ଭିତିରିଆ ସାହି, ଖପର ସାହି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ, ଭିତିରିଆ ସାହି ଉ.ପ୍ରା. ବିଦ୍ୟାଳୟ, ଧରଣୀଧର ଉ.ପ୍ରା. ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦେଖିଥିଲେ। ପରେ ଏକଲବ୍ୟ ଆଦର୍ଶ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ, କଳାମାଟି ଓ ବଣିଆକିଲିଣ୍ଡାରେ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିବା ସହ ତିଲେଇବଣି ବ୍ଲକ୍‌ରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ରାଜ୍ୟ ଖାଦ୍ୟ କମିଶନଙ୍କ ସଦସ୍ୟ ସମୀକ୍ଷା କରୁଛନ୍ତି।

# ଦୋକାନରେ ଚଢ଼ାଉ, ୨୭,୫୦୦ ଜରିମାନା ଆଦାୟ

- ବାସିଖାଦ୍ୟ ନଷ୍ଟ
- ବେଆଇନ ମାଂସ ଦୋକାନ ଉଚ୍ଛେଦ

ଝାରସୁଗୁଡ଼ା/ବ୍ରଜରାଜନଗର, ୯।୪ (ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ଦୋକାନରେ ବାସି ତଥା ନିମ୍ନମାନର ଖାଦ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ତଦନୁଯାୟୀ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବ୍ରଜରାଜନଗର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଗାନ୍ଧୀ ଛକ ନିକଟସ୍ଥ ବିଭିନ୍ନ ରେଷ୍ଟୁରାଣ୍ଟ, କାଫେ ଏବଂ ମାଂସ ଦୋକାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବିଶେଷକରି ଖାଦ୍ୟର ଗୁଣବତ୍ତା ଏବଂ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାଞ୍ଚବେଳେ ଅନେକ ଦୋକାନରେ ବାସି ଖାଦ୍ୟ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଉକ୍ତ ଖାଦ୍ୟ ନଷ୍ଟ କରାଯିବା ସହ କେତେଜଣ ବ୍ୟବସାୟୀଙ୍କଠାରୁ ୨୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଆଗାମୀ ଦିନରେ ଏଭଳି ନ କରିବାକୁ ସେମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ନିଷେଧ କରାଯାଇଥିବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବା ପଲିଥିନ ବ୍ୟବହାର ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟିମ୍ ପକ୍ଷରୁ ବିଭିନ୍ନ ଦୋକାନରୁ ପ୍ରାୟ ୨୮ କେଜି ପଲିଥିନ ଜବତ କରାଯାଇଛି। ଏଥିସହ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଗଢ଼ିଉଠିଥିବା ଅସ୍ଥାୟୀ ମାଂସ ଦୋକାନଗୁଡ଼ିକୁ ପୌରପାଳିକା ଟିମ୍ ପକ୍ଷରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଜନସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ବେଆଇନ ମାଂସ ଦୋକାନ ଉଚ୍ଛେଦ କରାଯାଉଛି।

# ଭାରତ ଏବେ ବି ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି : ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୯।୪




ରୁଷଆ-ୟୁକ୍ରେନ୍ ଯୁଦ୍ଧ ପରଠାରୁ ବୈଶ୍ୱିକ ଅର୍ଥନୀତି ଅଭିବୃଦ୍ଧି ଧାରା ବ୍ୟାହତ ହେବା ପରେ ୟୁରୋପ ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକର ଆର୍ଥିକ ସ୍ଥିତି ମାନ୍ଦା ଅବସ୍ଥା ଦେଇ ଗତି କରିଥିଲା । ଏହା ପରେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବୈଶ୍ୱିକ ଅର୍ଥନୀତିକୁ ଆହୁରି ଗମ୍ଭୀର କରିଦେଇଛି । ବିଶେଷକରି ତୈଳ ଏବଂ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବା ପରେ ସାମଗ୍ରିକ ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତ ହେବା ସହ ଆଗକୁ ସ୍ଥିତି ଆହୁରି ଖରାପ ହୋଇପାରେ ବୋଲି ଆକଳନ କରାଯାଉଛି । ଏହାସତ୍ତ୍ୱେ ଭାରତର ଅର୍ଥନୀତି ବ୍ୟବସ୍ଥା ସବୁ ଦିଗରୁ ସୁଦୃଢ଼ ରହିଛି ଏବଂ ଆଗାମୀ ଦିନରେ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି । ୨୦୨୫-୨୬ ବର୍ଷରେ ଭାରତର ଅଭିବୃଦ୍ଧି ୭.୬ ପ୍ରତିଶତ ଆକଳନ କରାଯାଇଥିଲା ବେଳେ ୨୦୨୬-୨୭ରେ ଏହା ୬.୬ ପ୍ରତିଶତକୁ ଖସିଆସିବ । ଏହାସତ୍ତ୍ୱେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ହୋଇ ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି ।

ଗୁରୁବାର ବିଶ୍ୱବ୍ୟାଙ୍କ ପକ୍ଷରୁ ଇଣ୍ଡିଆ ଡେଭଲପମେଣ୍ଟ ଅପ୍‌ଡେଟ୍ ରିପୋର୍ଟ ପ୍ରକାଶ କରାଯାଇ ଏଥିରେ କୁହାଯାଇଛି , ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତୈଳ ଦର ବୃଦ୍ଧି ଭାରତର ଅଭିବୃଦ୍ଧି ଧାରା ପାଇଁ ପ୍ରତିବନ୍ଧକ ହେବ । ଏହାବ୍ୟତୀତ ପଶ୍ଚିମ ଏସୀୟ ଦେଶଗୁଡିକ ସହ ଆର୍ଥିକ କାରବାରକୁ ନେଇ ଉପୁଜିଥିବା ସମସ୍ୟା ମଧ୍ୟ ଅନ୍ୟତମ କାରଣ ହେବ । ଉପସାଗରୀୟ ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭାରତୀୟ ରହୁଥିବାବେଳେ ସେଠାରୁ ଭାରତକୁ ଆସୁଥିବା ଅର୍ଥ ରାଶି ହ୍ରାସ ପାଇବ । ସେହିପରି ଏହିସବୁ ଦେଶକୁ ଭାରତରୁ ବିଭିନ୍ନ କ୍ଷେତ୍ରରେ ହେଉଥିବା ରପ୍ତାନି ବାଧାପ୍ରାପ୍ତ ହେବା ଯୋଗୁ ଏହା ଜାତୀୟ ଅର୍ଥନୀତିକୁ ମାତ୍ରାଧିକ ପ୍ରଭାବିତ କରିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି । କୋଭିଡ୍ ପରେ ଭାରତ ଏହାର ବିତ୍ତୀୟ ନିଅଣ୍ଟ ସ୍ଥିତିରେ ଅଧିକ ସୁଧାର ଆଣିପାରିଛି । କିନ୍ତୁ ମଧ୍ୟପ୍ରାଚ୍ୟ ସ୍ଥିତି ଏହି ଧାରାକୁ ବିଗାଡ଼ିପାରେ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

# ନିବେଶକଙ୍କ ୟୁ ଟର୍ନ, ୯୩୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୯।୪

ମାତ୍ର ଦିନକ ମଧ୍ୟରେ ଭାରତୀୟ ଶେୟାର ବଜାରରେ ପୁଣି ଅସ୍ଥିରତା ଦେଖାଯାଇଛି । ଇରାନ୍-ଆମେରିକା ଯୁଦ୍ଧବିରତିକୁ ନେଇ ବୁଧବାର ବିଏସ୍‌ଇ ଏବଂ ଏନ୍‌ଏସଇ କାରବାର ଉତ୍ସାହିତ ରହିବା ସହ ସେନ୍‌ସେକ୍ସରେ ଅନ୍ୟୂନ ୨୯୦୦ ପଏଣ୍ଟ ବୃଦ୍ଧି ଘଟିଥିଲା । କିନ୍ତୁ ଗୁରୁବାର ଏହି ସ୍ଥିତିରେ ପରିବର୍ତ୍ତନ ଘଟିଛି । ଅଧିକାଂଶ କ୍ଷେତ୍ରରୁ ନିବେଶକ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ବିଏସ୍‌ଇ କାରବାର ୧.୨୦ ପ୍ରତିଶତ ହ୍ରାସ ପାଇବା ସହ ସେନ୍‌ସେକ୍ସରେ ୯୩୧ ପଏଣ୍ଟ ହ୍ରାସ ଘଟିଛି । ଗୁରୁବାର କାରବାର ଆରମ୍ଭ ହେବା ପରେ ଅଧିକାଂଶ କ୍ଷେତ୍ରରୁ ନିବେଶକମାନେ ଶେୟାର ବିକ୍ରି କରିଥିଲେ । ଫଳରେ ମଧ୍ୟାହ୍ନ ସୁଦ୍ଧା ସେନ୍‌ସେକ୍ସ ତଳମୁହାଁ ହେବାରେ ଲାଗିଥିଲା । କାରବାର ଶେଷ ସୁଦ୍ଧା ଏହା ୭୬, ୬୩୧ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି । ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ମଧ୍ୟ ୨୨୨ ପଏଣ୍ଟ ହ୍ରାସ ସହିତ କାରବାର ଶେଷ ସୁଦ୍ଧା ୨୩,୭୭୫ ପଏଣ୍ଟରେ ବନ୍ଦ ରହିଛି । ଇରାନ୍ ଯୁଦ୍ଧବିରତିକୁ ନେଇ ଏବେ ମଧ୍ୟ ସ୍ଥିତି ସ୍ପଷ୍ଟ ହୋଇପାରି ନ ଥିବାରୁ ନିବେଶକଙ୍କ ମଧ୍ୟରେ ପୁଣି ଆଶଙ୍କା ସୃଷ୍ଟି ହୋଇଥିବାରୁ ଶେୟାର ବଜାର ପ୍ରଭାବିତ ହୋଇଥିବା ବଜାର ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି । ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ପୁଣି ଅବମୂଲ୍ୟାୟନ ଘଟିଛି । ଗୁରୁବାର ହୋଇଥିବା କାରବାର ଅନୁସାରେ ଡଲାର ତୁଳନାରେ ଟଙ୍କା ୮ ପଇସା ହ୍ରାସ ଘଟି ବିନିମୟ ମୂଲ୍ୟ ୯୨.୬୩ ରହିଛି । ସେହିପରି ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ମୂଲ୍ୟ ୯୯ ଡଲାର ପାଖାପାଖି ରହିଥିବା ଜଣାପଡ଼ିଛି ।



ବିଏସ୍‌ଇ ସେନ୍‌ସେକ୍ସ
୭୬, ୬୩୧ (-୯୩୦)



୧ ଡଲାର = ୯୨.୬୩ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୪.୨୭ ଡଲାର

# ସିଆଇଆଇ ପକ୍ଷରୁ ଅତ୍ୟାଧୁନିକ ଉତ୍ପାଦନ ଭବିଷ୍ୟତକୁ ନେଇ ଆଲୋଚନା

ଭୁବନେଶ୍ୱର,୯।୪

କୋଲକାତାରେ ଆଡଭାନ୍ସଡ୍ ମାନୁଫାକ୍‌ଚରିଂ ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ ଉତ୍ପାଦନ କ୍ଷେତ୍ରର ଭବିଷ୍ୟତକୁ ଉପରେ ଆଲୋଚନା କରାଯାଇଛି । ଭାରତରେ ଉତ୍ପାଦନ କ୍ଷେତ୍ରର ବିସ୍ତାର ସହ ଇଣ୍ଡଷ୍ଟ୍ରି ୪.୦ ଟେକ୍ନୋଲୋଜିର ପ୍ରଚଳନ ଏବଂ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳାରେ ସ୍ଥିତି ସୁଦୃଢ଼ କରାଯିବା ସମ୍ପର୍କରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀରେ ଶିଳ୍ପ କ୍ଷେତ୍ରର ବରିଷ୍ଠ ନେତୃବୃନ୍ଦ ଓ ନୀତି ପ୍ରଣେତା ଏକତ୍ରିତ ହୋଇଥିଲେ । ୨୫ରୁ ଅଧିକ ଚିନ୍ତନକାରୀ ଓ ସିଇଓ ଉପରୋକ୍ତ ବିଷୟବସ୍ତୁ ଏବଂ ଭାରତରେ ଉତ୍ପାଦନ କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ସିଆଇଆଇ ପକ୍ଷରୁ 'ଷ୍ଟ୍ରାଟେଜିକ୍ ଇନ୍‌ସାଇଟ୍ସ ଅନ୍ ଆଡଭାନ୍ସଡ୍ ମାନୁଫାକ୍‌ଚରିଂ - ଏ ସିଆଇଆଇ ଏମ୍‌ଏଫ୍‌ଏସ୍ ରିପୋର୍ଟ' ଶୀର୍ଷକ ରିପୋର୍ଟ ଉନ୍ମୋଚନ କରାଯାଇଥିଲା ।

ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କ ଡବ୍ଲ୍ୟୁଇବିଆଇଏଲ୍‌ର ଅଧ୍ୟକ୍ଷ ସୁତୀର୍ଥ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଏଭଳି ସମ୍ମିଳନୀ ପରିବର୍ତ୍ତିତ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ପାରମ୍ପରିକ ଉତ୍ପାଦନ ପ୍ରକ୍ରିୟା ସହ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକତ୍ରୀକରଣ ଭାରତର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବ । ଏହି ସମ୍ମିଳନୀରେ ସିଆଇଆଇର ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଡିଭିଜନ (ଏମ୍‌ସିଇଡି) ଅଧ୍ୟକ୍ଷ ଏବଂ ଟିକେଆଇଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ବିବେକ ଭାଟିଆ ଭାରତ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ ହେଲେ ଉତ୍ପାଦନ କ୍ଷେତ୍ରକୁ ବିସ୍ତାର କରିବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ । ସିଆଇଆଇ ନ୍ୟାଶନାଲ କମିଟି ଅନ୍ ସ୍ମାର୍ଟ ମାନୁଫାକ୍ଚରିଂର ଅଧ୍ୟକ୍ଷ ଓ ରକ୍‌ୱେଲ ଅଟୋମେଶନ ଇଣ୍ଡିଆର ଏମ୍‌ଡି ଦିଲୀପ ସାହାନି କହିଥିଲେ , ମଧ୍ୟପ୍ରାଚରେ ଯୁଦ୍ଧ ସଙ୍କଟ ଶକ୍ତି କ୍ଷେତ୍ର ଓ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ବେଳେ ଟାରିଫ ଯୋଗୁ ବାଣିଜ୍ୟରେ ବ୍ୟାଘାତ ଜାରି ରହିଛି । ତେବେ ପିଏଲ୍‌ଆଇ ଭଳି ପଦକ୍ଷେପ ଓ ଅନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳା ସହ ଗଭୀର ସମନ୍ୱୟ ମାଧ୍ୟମରେ ଉତ୍ପାଦନ କ୍ଷେତ୍ର ବୃଦ୍ଧି ପାଉଛି ଓ ନିବେଶ ଆକର୍ଷିତ କରୁଛି ।

# ଚନ୍ଦ୍ରଶେଖରପୁରରେ ଚାନ୍ଦିଭଣ୍ଡାରର ନୂଆ ଷ୍ଟୋର




ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ୨୯ତମ ଷ୍ଟୋର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ନିର୍ଦ୍ଦେଶିକା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ଷ୍ଟୋରର ଶୁଭାରମ୍ଭ ତଥା ଅକ୍ଷୟ ତୃତୀୟା ଅଫର ଘୋଷଣା କରିଛନ୍ତି । ଲିପସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ଏହି ଅଫର ଏପ୍ରିଲ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ ତମ ଷ୍ଟୋର ଖୋଲିବାକୁ ଯାଉଛି । ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ପାଉଁଜି ଆଦି ରହିଛି । ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ୍ କିଡ୍‌ସ୍ କଲେକ୍ସନ ରହିଛି । ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା' ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି ।

# ମାଲାବାର ଅନୁଗୋଳ ଷ୍ଟୋର ପକ୍ଷରୁ ଗହଣାର କଳାତ୍ମକ ପ୍ରସ୍ତୁତି




ଅନୁଗୋଳ,୯।୪(ଦିବ୍ୟଶାନ୍ତନୁ ନାଥ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନୁଗୋଳ ଶାଖା ପକ୍ଷରୁ ଏହାର ଗହଣାଗୁଡ଼ିକର ଏକ କଳାତ୍ମକ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ବଣିକ ସଂଘ ଅଧ୍ୟକ୍ଷ ତଥା ଜାତୀୟ ଉପସଭାପତି ରାଜକୁମାର ଶୁକ୍ଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ମାଲାବାର ସୁନା ଓ ହୀରା ଗହଣାର ଶୁଦ୍ଧତା, ଆକର୍ଷଣୀୟ ଅଫର ଯୋଗୁ ଏହା ପ୍ରତି ଗ୍ରାହକଙ୍କ ରୁଚି ବଢ଼ିଥିବା ଶୁକ୍ଳା ପ୍ରକାଶ କରିଥିଲେ । ଏପ୍ରିଲ ୯ରୁ ୧୯ ପର୍ଯ୍ୟନ୍ତ ମାଲାବାର ପକ୍ଷରୁ ଗହଣାର ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଚାଲୁ ରହିଛି । ପ୍ରତିଟି ଗହଣାରେ କଳାର ଉତ୍କର୍ଷ ଦେଖିବାକୁ ମିଳୁଛି, ଯାହାକି ସବୁ ପ୍ରକାର ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ମାଲାବାର ଚେୟାରମ୍ୟାନ ଏମ୍. ପି. ଅହମ୍ମଦ ପ୍ରକାଶ କରିଛନ୍ତି । ଏହି ସମାରୋହରେ ସ୍ଥାନୀୟ କାଉନସିଲର ରଞ୍ଜିତ ମାଣ୍ଡୋଠିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏପ୍ରିଲ ୯ରୁ ୧୯ ତାରିଖ ମଧ୍ୟରେ ମାଲାବାର ସୁନା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଥିବା ପରିଚାଳକ ୟୁନୁସ ପ୍ରକାଶ କରିଛନ୍ତି । ଏହି ପ୍ରଦର୍ଶନୀ ଅବସରରେ ସ୍ଥାନୀୟ ମଡେଲମାନେ ମାଲାବାର ଗହଣା ପିନ୍ଧି କ୍ୟାଟ୍‌ୱାକ୍ କରିଥିଲେ ।

# କିସ୍ ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରବୃତ୍ତି, ନିଯୁକ୍ତି ଘୋଷଣା

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)




ଅନନ୍ତ ଅମ୍ବାନୀଙ୍କ ଜନ୍ମଦିନ ଅବସରରେ ଭୁବନେଶ୍ୱରସ୍ଥିତ କିସ୍ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପାଇଁ ରିଲାଏନ୍ସର ଚାକିରି ସୁଯୋଗ, ଚଳିତ ଶିକ୍ଷାବର୍ଷରେ କିସ୍ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜି ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ବନ୍ୟପ୍ରାଣୀ କେନ୍ଦ୍ର ବନ୍‌ତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରାଯାଇଛି । ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସ୍‌ର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପ୍‌ର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ । ଏହା ଜନଜାତି ଯୁବତୀଯୁବକଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ । ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧିକରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି । ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନାକରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ୍ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରୀଛାତ୍ରମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କିସ୍ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଛାତ୍ରୀଛାତ୍ରମାନେ ବନ୍‌ତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ । ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ବିଦ୍ୟାର୍ଥୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା । ଏହି ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜଭୁତ କରିବ ।

# ଗୁଗଲ ଏଆଇ ପାଇଁ ପତଞ୍ଜଳି ତଥ୍ୟ ମାଗିଲା ଡବ୍ଲ୍ୟୁଏଚ୍‌ଓ



ହରିଦ୍ୱାର,୯।୪

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଡିଜିଟାଲ୍ ଯୁଗର ବୃହତ୍ କମ୍ପାନୀ ଏଆଇ ପାଇଁ ପତଞ୍ଜଳି ଦ୍ୱାରା ସଂଗୃହୀତ ତଥ୍ୟ ଲୋଡ଼ିଛି । ୧୯୯୯ରେ ଡବ୍ଲ୍ୟୁଏଚ୍‌ଓ ବିଶ୍ୱର ସମସ୍ତ ପାରମ୍ପରିକ ଔଷଧୀୟ ଜ୍ଞାନ ଓ ଉଦ୍ଭିଦ ଆଧାରିତ ଚିକିତ୍ସା ପଦ୍ଧତିକୁ ଏକତ୍ରିତକରି ଏକ ବିଶ୍ୱକୋଷ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ଆରମ୍ଭ କରିଥିଲା । ପ୍ରାୟ ୧୧ ବର୍ଷ ପରେ ୨୦୧୦ରେ ଏହି କାର୍ଯ୍ୟକୁ ଅସମ୍ଭବ ବୋଲି କହି କେବଳ ୩ଟି ଭଲ୍ୟୁମ୍ ପ୍ରକାଶ କରି ଛାଡ଼ିଦେଇଥିଲା । ଏହି ସମୟରେ ପତଞ୍ଜଳି ଯୋଗପୀଠ ୨୦୦୩-୦୪ରେ ନିଜସ୍ୱ ଉଦ୍ୟମରେ ଏହି ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲା । ୨ ଦଶକର ଗବେଷଣା ଓ ସଂଗ୍ରହ ପରେ ୨୦୨୨ରେ 'ବିଶ୍ୱ ଭେଷଜ ସଂହିତା'ର ୧୦୯ ଖଣ୍ଡ ପ୍ରସ୍ତୁତ ହୋଇଛି । ଏହି ମହାଗ୍ରନ୍ଥରେ ପ୍ରାୟ ୧.୨୫ ଲକ୍ଷ ପୃଷ୍ଠା ରହିଛି । ଏଥିରେ ୩.୬୦ ଲକ୍ଷ ଚାରାରୁ ୫୦ ହଜାର ଔଷଧୀୟ ଉଦ୍ଭିଦର ପରିଚୟ, ୨୦୦୦ରୁ ଅଧିକ ଜନଜାତିର ପାରମ୍ପରିକ ଜ୍ଞାନର ଦସ୍ତାବିଜୀକରଣ, ୯୬୪ ହିଲିଂ ପ୍ରାକ୍ଟିସ୍, ୯ରୁ ଅଧିକ ଚିକିତ୍ସା ପଦ୍ଧତି ଏବଂ ୧୨ ଲକ୍ଷରୁ ଅଧିକ ସ୍ଥାନୀୟ ନାମର ସଂଗ୍ରହ ରହିଛି । ଡେରାଡୁନ୍‌ର ଡୁନ୍ ପୁସ୍ତକ ମେଳାରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଦ୍ୱାରା ଏହି କାର୍ଯ୍ୟର ବିବରଣୀ ପ୍ରକାଶ ପାଇଛି ।

# ପିଏମ୍‌ଏମ୍‌ୱାଇରେ ୫୭.୭୯ କୋଟି ଋଣ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

୨୦୧୫ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)କୁ ୧୧ ବର୍ଷ ପୂରଣ ହୋଇଛି । ଏହି ଯୋଜନା ଦେଶର ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ପିଏମ୍‌ଏମ୍‌ୱାଇ ଏମ୍‌ଏସ୍‌ଏମ୍‌ଇ ଓ ବ୍ୟକ୍ତିଗତ ଉଦ୍ୟୋଗୀଙ୍କ ପାଇଁ ଋଣ ପରିଦୃଶ୍ୟକୁ ନୂଆ ରୂପ ଦେଇଛି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଛି । ଏହି ଯୋଜନା ଅଣ-କର୍ପୋରେଟ୍ ଓ ଅଣ-କୃଷି କାର୍ଯ୍ୟକଳାପ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ ଋଣ ପ୍ରଦାନ କରେ । ଗତ ୧୧ ବର୍ଷରେ ମୋଟ ୫୭.୭୯ କୋଟି ଋଣ ମାଧ୍ୟମରେ ୪୦.୦୭ ଲକ୍ଷ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ମହିଳା ଉଦ୍ୟୋଗୀଙ୍କୁ ଦୁଇ ତୃତୀୟାଂଶରୁ ଅଧିକ ଋଣ ମିଳିଛି ଏବଂ ୬୭% ହିତାଧିକାରୀ ମହିଳା ଅଛନ୍ତି । ପ୍ରଥମଥର ଉଦ୍ୟୋଗୀଙ୍କୁ ୧୨.୧୫ କୋଟି ଋଣ ଯୋଗାଇ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି । ଏହାସହ ୫୧% ହିତାଧିକାରୀ ଓବିସି ବର୍ଗର ଅଛନ୍ତି । ଯୋଜନା ଅନ୍ତର୍ଗତ ଶିଶୁ, କିଶୋର, ତରୁଣ ଏବଂ ତରୁଣ ପ୍ଲସ୍ ବର୍ଗରେ ଯଥାକ୍ରମେ ୫୦ ହଜାର, ୫ ଲକ୍ଷ, ୧୦ ଲକ୍ଷ ଏବଂ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ ରହିଛି । ଏହି ଯୋଜନା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଓ ଏମ୍‌ଏଫ୍‌ଆଇ ଠାରୁ ସହଜରେ ଋଣ ପାଇବାର ସୁଯୋଗ ଦେଇଛି ।

# ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯିବେ ପ୍ରତିନିଧି ଦଳ

ନୂଆଦିଲ୍ଲୀ,୯।୪

ଭାରତ ଏବଂ ଆମେରିକା ମଧ୍ୟରେ ଗତ ଫେବୃଆରୀରେ ହୋଇଥିବା ଅନ୍ତରୀଣ ଟ୍ରେଡ୍ ଡିଲ୍‌କୁ ନେଇ ଚଳିତ ମାସ ମଧ୍ୟଭାଗରେ ପୁଣି ଆଲୋଚନା ଆରମ୍ଭ ହେବ । ଏଥିପାଇଁ ଭାରତରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଆମେରିକା ଗସ୍ତରେ ଯିବେ ବୋଲି ଗୁରୁବାର ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଆମେରିକା ସୁପ୍ରିମକୋର୍ଟ ରଦ୍ଦ କରିବା ପରେ ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍‌କୁ ନେଇ ହୋଇଥିବା ପୂର୍ବ ବୁଝାମଣା କିଭଳି କାର୍ଯ୍ୟକାରୀ ହେବ ତାହା ଏବେ ଗୁରୁତ୍ୱପୂର୍ଣ୍ଣ ରହିଛି । ତେବେ ମୁଖ୍ୟତଃ ଏହି ପ୍ରସଙ୍ଗରେ ଭାରତୀୟ ପ୍ରତିନିଧି ଦଳ ଆମେରିକୀୟ ପ୍ରତିପକ୍ଷଙ୍କ ସହ ଆଲୋଚନାକରିବା ସହ ଟାରିଫ ବ୍ୟବସ୍ଥାକୁ ନେଇ ନିଷ୍ପତ୍ତି ନେବେ ବୋଲି କୁହାଯାଇଛି । ଟ୍ରେଡ୍ ଡିଲ୍‌କୁ ନେଇ ପ୍ରଥମଥର ଉଭୟ ପକ୍ଷ ବ୍ୟକ୍ତିଗତ ସାକ୍ଷାତକରି ଆଲୋଚନା କରିବେ ।

# ଜୁନ୍ ସୁଦ୍ଧା ୨୫୦୦ ସୌରଚାଳିତ ସିସିଟିଭି ଲଗାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ସୌରଚାଳିତ ସିସିଟିଭି ସ୍ଥାପନ କରାଯାଉଛି । ଏହା ଅଧୀନରେ ସମସ୍ତ ଡିଭିଜନରେ ବର୍ତ୍ତମାନ ସୁଦ୍ଧା ୧୬୬ଟି ସୌରଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିଛି । ଏଥିମଧ୍ୟରେ ୱାଲ୍‌ଟିଅର ଡିଭିଜନରେ ୧୧୩, ସମ୍ବଲପୁର ଡିଭିଜନରେ ୪୭ ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନରେ ୬ଟି ସୌରଚାଳିତ କ୍ୟାମେରା ରହିଛି । ୨୦୨୬ ଜୁନ୍ ସୁଦ୍ଧା ଏହାର କ୍ଷେତ୍ରାଧିକାରରେ ୨,୫୦୦ରୁ ଅଧିକ ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି କ୍ୟାମେରାଗୁଡ଼ିକ ଷ୍ଟେଶନ ପରିସର, ମାର୍ଶାଲିଂ ୟାର୍ଡ, ଲେଭଲ କ୍ରସିଂ ଏବଂ ପୃଥକ୍ ଟ୍ରାକ୍ ସେକ୍ସନ ଭଳି ଉଚ୍ଚ ବିପଦପୂର୍ଣ୍ଣ ଏବଂ ଅଧିକ ଟ୍ରାଫିକ୍ ସ୍ଥାନରେ ରଣନୈତିକ ଭାବରେ ସ୍ଥାପିତ ହୋଇଛି ।

## ସୌର ନିରୀକ୍ଷଣ ଅଭିଯାନ

ସୌର ସିସିଟିଭି କ୍ୟାମେରା ନିୟୋଜନ ଦ୍ୱାରା ନିରୀକ୍ଷଣ କରାଯାଇଥିବା ସେକ୍ସନ ଗୁଡ଼ିକରେ ଆପରାଧିକ ଏବଂ ଅସୁରକ୍ଷିତ କାର୍ଯ୍ୟକଳାପରେ ହ୍ରାସ ପରିଲକ୍ଷିତ ହେଉଛି । ନିରୀକ୍ଷଣ ଅଧୀନ ଅଞ୍ଚଳଗୁଡ଼ିକରେ ଟ୍ରେନ୍ ଉପରେ ପଥର ଫିଙ୍ଗା, କେବୁଲ ଚୋରି, ଅନୁପ୍ରବେଶ ଏବଂ ଟ୍ରାକ୍ ଭାଙ୍ଗିବା ପ୍ରୟାସ ଭଳି ଘଟଣାଗୁଡ଼ିକ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି । କ୍ୟାମେରାର ଦୃଶ୍ୟମାନ ଉପସ୍ଥିତି ଏକ ଦୃଢ଼ ପ୍ରତିରୋଧକ ଭାବରେ କାର୍ଯ୍ୟ କରିଛି, ଯାହା ଅସାମାଜିକ ବ୍ୟକ୍ତିମାନଙ୍କୁ ଏପରି କାର୍ଯ୍ୟକଳାପରେ ଲିପ୍ତହେବାରୁ ନିରୁତ୍ସାହିତ କରିଛି । ଏହା ବ୍ୟତୀତ ରେକର୍ଡ ହୋଇଥିବା ଫୁଟେଜ୍ ଅପରାଧୀମାନଙ୍କର ଶୀଘ୍ର ଚିହ୍ନଟ, ପ୍ରମାଣ ଆଧାରିତ ତଦନ୍ତ ଏବଂ ବିଚାରରେ ଉଚ୍ଚ ସଫଳତାକୁ ସକ୍ଷମ କରି ଆର୍‌ପିଏଫ୍ ଏବଂ ଜିଆର୍‌ପି ଭଳି ସୁରକ୍ଷା ଏଜେନ୍ସିଗୁଡ଼ିକର ଦକ୍ଷତାକୁ ବୃଦ୍ଧି କରିଛି । ସୂଚନା ଥାଉକି, ପୂର୍ବତଟ ରେଳପଥ ଘନ ଜଙ୍ଗଲ ଏବଂ ଦୂରବର୍ତ୍ତୀ ଟ୍ରାକ୍ ଅଂଶ ସମେତ ଦୁର୍ଗମ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ଆକାଶ ମାର୍ଗରେ ନିରୀକ୍ଷଣ ପାଇଁ ୧୦ଟି ଡ୍ରୋନ୍ ନିୟୋଜିତ କରିଛି । ୨୦୨୬ ଶେଷ ସୁଦ୍ଧା ଡ୍ରୋନ୍ ଫ୍ଲିଟ୍ ସଂଖ୍ୟା ୧୫କୁ ବୃଦ୍ଧି କରାଯିବ ଯାହାକି, ବ୍ଲାଇଣ୍ଡ ସ୍ପଟ୍ କମାଇ ମୋଟ ସୁରକ୍ଷା ଆବରଣକୁ ଆହୁରି ସୁଦୃଢ କରିବ । ସମ୍ପୂର୍ଣ୍ଣ ସିସିଟିଭି ନେଟ୍‌ୱର୍କ ସୌର ଶକ୍ତିରେ ଚାଲୁଥିବାରୁ ଏହା ପାରମ୍ପରିକ ବିଦ୍ୟୁତ୍ ଉପରେ ନିର୍ଭରକରେ ନାହିଁ । ଏହି ସିଷ୍ଟମଟି ସର୍ବନିମ୍ନ ପରିଚାଳନା ଖର୍ଚ୍ଚ, ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏହାକୁ ସ୍ଥାୟୀ ଏବଂ ଆର୍ଥିକ ଭାବରେ ଦକ୍ଷ କରିଥାଏ ।

# ଇଣ୍ଡିଆନ ବ୍ୟାଙ୍କର ନୂତନ କ୍ଷେତ୍ର ମହାପ୍ରବନ୍ଧକ

ଭୁବନେଶ୍ୱର,୯।୪

ଇଣ୍ଡିଆନ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟର କ୍ଷେତ୍ର ମହାପ୍ରବନ୍ଧକ ଭାବେ କନକା ଏସ୍ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ ଷ୍ଟାଫ୍ ଟ୍ରେନିଂ କଲେଜ( ଇମେଜ୍) ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରୁଥିଲେ । ୧୯୯୨ରେ ଇଣ୍ଡିଆନ ବ୍ୟାଙ୍କରେ ଯୋଗଦେଇଥିବା କନକା ଦେଶର ବିଭିନ୍ନ ଭାଗରେ ଶାଖା କାର୍ଯ୍ୟାଳୟରେ ୩ ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାଙ୍କିଙ୍ଗ୍



କନକା ଏସ୍

କ୍ଷେତ୍ରରେ ବହୁ ଅଭିଜ୍ଞତା ହାସଲ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ଅଧୀନରେ ଓଡ଼ିଶା ସମେତ ଛତିଶଗଡ଼ର ୫ଟି ଅଞ୍ଚଳ କାର୍ଯ୍ୟାଳୟ ରହିଛି ।

# ଅରୁନ୍ଧତୀ ଜୁଏଲର୍ସକୁ ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ ସମ୍ମାନ



ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ୍ (ଜିଜେସି) ପକ୍ଷରୁ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସକୁ ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬ ସମ୍ମାନ ପ୍ରଦାନ କରାଯାଇଛି । ମୁମ୍ବାଇରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ଅବସରରେ ମେହେର କହିଛନ୍ତି, ଅରୁନ୍ଧତୀ ପ୍ରତି ଥିବା ଓଡ଼ିଶାବାସୀଙ୍କ ସ୍ନେହଶ୍ରଦ୍ଧା, ଭଲ ପାଇବା ଏକ ଅତୁଟ ବିଶ୍ୱାସର ସୁନ୍ଦର ପ୍ରତିଫଳନ, ସେହି ବିଶ୍ୱାସ ଭରସା ହିଁ ଅରୁନ୍ଧତୀ ବିକାଶର ମୂଳଦୁଆ । ଅରୁନ୍ଧତୀ ଜୁଏଲର୍ସ ନିଜର ଶୁଦ୍ଧତା, ସ୍ୱଚ୍ଛତା ଓ ନିରନ୍ତର ସେବାକୁ ବଜାୟ ରଖିବା ସହିତ ଆଗାମୀ ଦିନରେ ଓଡ଼ିଶାର ନାମକୁ ଜାତୀୟସ୍ତରରେ ଆହୁରି ଉଜ୍ଜ୍ୱଳ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ମେହେର କହିଛନ୍ତି । ଉତ୍ସବରେ ଜିଜେସିର ଉପାଧ୍ୟକ୍ଷ ରାଜେଶ ରୋକେଡେ, ଆଇଡିଟିର ପରିଚାଳନା ନିର୍ଦ୍ଦେଶକ ଗୌରବ ଇସାର ଏବଂ ଜିଜେସି ଉପାଧ୍ୟକ୍ଷ ଅବିନାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍

**କଟକ, ୯।୪ (କୁମାରଶ୍ରୀ)**

ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହେବ। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପ୍ରସ୍ତୁତି ଶେଷ ହୋଇଛି। ଖେଳାଳିମାନେ ଅଭ୍ୟାସ୍ ଶେଷ କରିଥିବା ବେଳେ ମ୍ୟାଚ୍‌ର ଡ୍ର ନିର୍ଦ୍ଧାରଣ କରାଯାଇଛି ବୋଲି ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାଶ କହିଛନ୍ତି। ଅଭିନବ ଢ଼ଙ୍ଗରେ ଆୟୋଜିତ ହେଉଥିବା ଏହି ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରାଯିବ ନାହିଁ। ଡଙ୍ଗା ଭଳି ଏକ ମେସିନ୍ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ୍ ୬୦୦ପ୍ରତିଯୋଗୀ ଏଥିରେ ଭାଗ ନେଉଛନ୍ତି।

# ରେଡ୍ ଷ୍ଟାର-ପାରାମାଉଣ୍ଟ ଫାଇନାଲ

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ୧୦୩ ରନରେ ହରାଇ କ୍ଲବ ଦି ରେଡ୍ ଷ୍ଟାର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବା ପାରାମାଉଣ୍ଟ ସ୍ପୋର୍ଟିଂକୁ ଟାଇଟଲ ମୁକାବିଲାରେ ଭେଟିବ ରେଡ୍ ଷ୍ଟାର। ତେବେ କାଳବୈଶାଖୀ ଜନିତ ବର୍ଷା କାରଣରୁ ପଡ଼ିଆ ଓଦା ଥିବାରୁ ଫାଇନାଲ ଶୁକ୍ରବାର ପରିବର୍ତ୍ତେ ଆସନ୍ତା ରବିବାର ଅନୁଷ୍ଠିତ ହେବ ବୋଲି ଆୟୋଜକ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ବର୍ଷା ଜନିତ କାରଣରୁ ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇପାରି ନ ଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ସର୍ବାଧିକ ୫୭, ମିଧାଂଶୁ ଦାସ ୪୬ ରନ ସଂଗ୍ରହ କରିଥିଲେ। ବିପକ୍ଷ ବୋଲର ଅଭିଷେକ ସେନାପତି ୩ ଉଇକେଟ ନେଇଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୨୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ମଲିକ ସର୍ବାଧିକ ୨୪ ରନ କରିଥିଲେ। ବିଜୟୀ ଦଳର ମିଧାଂଶୁ ଦାସ ଓ ମୃତ୍ୟୁଞ୍ଜୟ ଦାସ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମିଧାଂଶୁ ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଅତିଥି ଭାବରେ ରଣଜୀ ଖେଳାଳି ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଏବଂ ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ ଜ୍ୱାଇଁ ତପନ କୁମାର ପାଢ଼ୀ ଯୋଗ ଦେଇଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସୂର୍ଯ୍ୟ ତ୍ରୀପାଠୀ, ବିନୋଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ମିଧାଂଶୁ ଦାସଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# Classified Everyday
**0674-2580101, 9692975378**



## REAL ESTATE
### SALE

Gharabari plot sale CV Raman College and Gudiapokhari location, 7008492511. D-74

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106




Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

## LOST

I, Sunil Kumar Padhi, aged about 29 years, S/o.- Krushna Chandra Padhi, of Village- Dhobadi, Post- Kumbhari, P.S.- Kotinada, Dist. Ganjam, I came to Laxmi Bazar, Aska on dated- 20.03.2024 for my official work and I lost my bag containing the sale deed (Original) vide Khata No.- 452, Plot No.- 323/2135, Ac.0.023dec of Mouza Magura, lodged a written report at Aska Police Station vide case No.- 016, dtd.25.11.2024. D-75

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Idris Shaikh Mohmmed, S/o.- Younus Shaikh Mohmmed, R/o. At- Masjidlane, Ward No.19, Dist.- Jharsuguda, Odisha declare by this affidavit No.1713, Dtd.- 07.04.26 that now onwards I shall be known as SHAIKH MOHMMED IDRIS and my father shall be known as SHAIKH MOHMMED YOUNUS for all future purposes. D-71

By virtue of an Affidavit No.3105 dtd.- 09.04.2026 sworn before Executive Magistrate, Bhadrak, I, Sradhanjali Panda, W/o.- Srikanta Padhi, Vill.- Satasola, P.O.- Manjuriroad, P.S.- Bhandaripokhari, Dist.- Bhadrak, Odisha, PIN- 756121 declare that I have changed my name from Sradhanjali Padhi to Sradhanjali Panda. Henceforth, I shall be known as Sradhanjali Panda for all future purposes. D-76

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ରଶ୍ମିରାୟଙ୍କ Ph.D. ଲାଭ




ରଶ୍ମିରାୟ, କଲେଜ ଅଫ୍ ନର୍ସିଂ, ବ୍ରହ୍ମପୁରର ଅଧ୍ୟାପକ, ବିଜ୍ଞପ୍ତି No. JJT/ Ph.D./ Exam/2655 dtd. 17.03.26 ଦ୍ୱାରା Shri JJTU (Rajasthan) University ଦ୍ୱାରା ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Exploring Depression & Cognitive Coping strategies Among Elders men and women and their quality of life in old age homes"। ରଶ୍ମିରାୟ Prof. Dr. Pradeep V.S.ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡାକ୍ତର ରଶ୍ମିରାୟ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା ଓ ଜ୍ୟେଷ୍ଠ କନ୍ୟା ଅନିଶା ପ୍ରଧାନ ଓ କନିଷ୍ଠ କନ୍ୟା ସାନିଆ ପ୍ରଧାନ, ସମସ୍ତ ପରିବାରବର୍ଗ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଡାକ୍ତର ରଶ୍ମିରାୟ ବ୍ରହ୍ମପୁରସ୍ଥିତ College of Nursingରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଛନ୍ତି। ଧ-୭୮

## LEGAL NOTICE

Letter No.- 588, dtd. 09.04.26

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୪,
ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୨୧୭/୨୦୨୫

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ....ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୪ ରାମଚନ୍ଦ୍ର ନାୟକ, ପିତା- ସ୍ୱର୍ଗତ ମୁଳି ନାୟକ, ଗ୍ରାମ/ପୋଷ୍ଟ- ସିନାପାଦ, ଥାନା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼, ୫ ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬ କୃଷ୍ଣ ଶ୍ରୀଚନ୍ଦନ, ୭ ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୮ ରାମଚନ୍ଦ୍ର ଶ୍ରୀଚନ୍ଦନ
ପ୍ରତିବାଦୀ ନଂ. ୬ ରୁ ୮ଙ୍କ ପିତା ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୯ ହୃଷୀକେଶ ଶ୍ରୀଚନ୍ଦନ, ୧୦ ବିଚିତ୍ରା ଶ୍ରୀଚନ୍ଦନ, ୧୧ ସୁଚିତ୍ରା ଶ୍ରୀଚନ୍ଦନ, ୧୨ ସୁରେଖା ଶ୍ରୀଚନ୍ଦନ
ପ୍ରତିବାଦୀ ନଂ ୯ ରୁ ୧୨ଙ୍କ ପିତା ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୩ ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା ସ୍ୱର୍ଗତ ପୀତବାସ ଶ୍ରୀଚନ୍ଦନ, ୧୪ ରଜନୀ ଶ୍ରୀଚନ୍ଦନ, ୧୫- ସୁବଶ୍ରୀ ଶ୍ରୀଚନ୍ଦନ ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୧୮।୦୫।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ,
ସାବକ ଖାତା ନମ୍ବର ୨୩୦, ପ୍ଲଟ୍ ନମ୍ବର ୮୯୨, ରକବା ଏ୦.୫୬୦ଡେସିମିଲ ରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର ୨୪୪, ପ୍ଲଟ୍ ନମ୍ବର ୩୯୭୬, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୮୦

Letter No.- 587, dtd. 09.04.26

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୨୧୯/୨୦୨୫

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ....ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୪ ହୃଷୀକେଶ ଦାସ, ପିତା- ଅବନୀ କୁମାର ଦାସ, ଗ୍ରାମ/ପୋଷ୍ଟ- ଜାମ୍ବୁ, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୫- ଲକ୍ଷ୍ମୀପ୍ରିୟା ମାଝୀ, ସ୍ୱାମୀ- ଧରଣୀଧର ମାଝୀ, ଗ୍ରାମ/ପୋଷ୍ଟ- ବରକୋଳି ଖାଲା, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୬- ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭- କୃଷ୍ଣ ଶ୍ରୀଚନ୍ଦନ, ୮- ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୯- ରାମଚନ୍ଦ୍ର ଶ୍ରୀଚନ୍ଦନ
ପ୍ରତିବାଦୀ ନଂ. ୭ ରୁ ୯ଙ୍କ ପିତା- ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୧୦- ହୃଷୀକେଶ ଶ୍ରୀଚନ୍ଦନ, ୧୧- ବିଚିତ୍ରା ଶ୍ରୀଚନ୍ଦନ, ୧୨- ସୁଚିତ୍ରା ଶ୍ରୀଚନ୍ଦନ, ୧୩- ସୁରେଖା ଶ୍ରୀଚନ୍ଦନ
ପ୍ରତିବାଦୀ ନଂ ୧୦ ରୁ ୧୩ଙ୍କ ପିତା- ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୪ ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା- ସ୍ୱର୍ଗତ ପୀତବାସ ଶ୍ରୀଚନ୍ଦନ, ୧୫- ରଜନୀ ଶ୍ରୀଚନ୍ଦନ, ୧୬- ସୁବଶ୍ରୀ ଶ୍ରୀଚନ୍ଦନ ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୧୮।୦୫।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ,
ସାବକ ଖାତା ନମ୍ବର ୨୩୦, ପ୍ଲଟ୍ ନମ୍ବର ୮୯୨, ରକବା ଏ୦.୫୬୦ଡେସିମିଲ ରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର ୧୦୨୩, ପ୍ଲଟ୍ ନମ୍ବର ୪୦୩୯, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୭୯

IN THE COURT OF THE HON'BLE DISTRICT JUDGE, BOUDH,
R.F.A. No. 06 of 2024
(From the Judgement and decree dt. 27.01.2024/ 03.02.2024 in C.S 58/2018 of the court of Civil Judge S.D, Boudh)

Laba Kishore Pradhan & Others ........Appellants
Vrs.
Madhuchhanda Bastia & Others ........ Respondents

NOTICE

To

1. Baby Bishi @ Nayak, aged about 55 years, W/o.- Sanjeeb Nayak, D/o.- Tribikrama Bishi & Late Chanchala Purohit @ Bishi, R/o.- Vill./Post: Mahadevpali, District: Subarnapur, 2. Sanjaya Bishi, aged about 50 years, 3. Nirod Kumar Bishi, aged about 40 years, 4. Jitendra Kumar @ Jitu Bishi, aged about 35 years, Sl. Nos. 2 to 4 are sons of Tribikrama Bishi & Late Chanchala Purohit @ Bishi, Resident of Village: Raithani, P.O.: Sarasara, P.S./Sub. Dvn. Munsiffi/District: Boudh, ......Respondents No. 3,4,6 and 7.

Take Notice that an appeal from the decree of Civil Judge S.D, Boudh in Civil Suit No. 58/2018 has been presented by Sri S.C.Meher, Advocate, Boudh on behalf of the 5th day of appellants and registered in this Court as R.F.A No 06/2024 and the 5th day of May 2026 has been fixed by this Court for hearing of the appeal.

You are hereby directed to appear in person or through your pleader on the said 5th day of May 2026 at 7.30 am positively.

If no appearance is made on your behalf either by yourself or by your Pleader the appeal shall be heard and decided in your absence.

Given under my hand and the seal of Court, this the 3rd day of April 2026

Sd./- District Judge, Boudh
D-72

ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ, ଖୋରଧା
ଆର.ଏଫ୍.ଏ. ନଂ. ୪୦/୨୦୨୨

ପ୍ରଫୁଲ୍ଲ କୁମାର ମହାପାତ୍ର ଓଗେର ..........ଅପିଲକାରୀ
ବନାମ
ମୁରଲୀଧର ମହାପାତ୍ର ..........ଉତ୍ତରଦାତା

ପ୍ରକାଶନ ନୋଟିସ ନିୟମ-୨୦ ଆଦେଶ- ୫ ସି.ପି.ସି. ୧୯୦୮ର ଅନୁଯାୟୀ

୧. ଚିଣ୍ଟୁ ଓରଫ ବିଜୟ କୁମାର ମହାପାତ୍ର, ବ୪୦ବର୍ଷ, ୨. ଅଜୟ ମହାପାତ୍ର, ବ୩୭ବର୍ଷ ଉଭୟଙ୍କ ପିତା- ୰ ମୁରଲୀଧର ମହାପାତ୍ର, ସା- ମୁକୁନ୍ଦପ୍ରସାଦ, ପୋ- ପି.ଏନ୍. କଲେଜ, ଥା- ଖୋରଧା ଶିଳ୍ପାଞ୍ଚଳ, ଜି- ଖୋରଧା, ୩. ଶ୍ରୀମତୀ ସ୍ୱପ୍ନା ମଞ୍ଜରୀ ମହାପାତ୍ର, ବ୩୬ବର୍ଷ, ପି- ୰ ମୁରଲୀଧର ମହାପାତ୍ର, ବର୍ତ୍ତମାନର ଠିକଣା ସ୍ୱାମୀ ଶ୍ରୀକାନ୍ତ ଦାଶ, ସା- ଜଗନ୍ନାଥ ଭବନ, ପୋ/ଥା-ଫତେଗଡ଼, ଜି- ନୟାଗଡ଼, ୪. କୁମୁଦିନୀ କର, ବ୮୦ବର୍ଷ, ସ୍ୱାମୀ- ୰ ସାଧୁଚରଣ କର, ଗ୍ରା- ବେଦପୁର, ପୋ/ଥା- ବାଙ୍କୀ, ଜି- କଟକ. ୫. ଆଶାମଣି ପଣ୍ଡା, ବ୭୫ବର୍ଷ, ସ୍ୱା- ୰ ରଘୁନାଥ ପଣ୍ଡା, ଗ୍ରା- ବରଡ଼ାବାଡ଼ି, ପୋ- ଖଳିସାହି, ଜି- ନୟାଗଡ଼।

ଏତଦ୍ୱାରା ଏଥିଲିଖିତ ସମସ୍ତ ପକ୍ଷମାନଙ୍କୁ ଜଣାଇ ଦିଆଯାଉଛି କି ଟି.ଏସ୍ କେସ୍ ନଂ. ୮୦/୧୯୯୭ ମସିହା ବିରୁଦ୍ଧେ ଆବେଦନକାରୀ କରିଥିବା ଅପିଲ କେସ୍ ନଂ. ୪୦/୨୦୨୨ ଖୋରଧାଙ୍କ ଅତିରିକ୍ତ ଦୌରାଜଜ୍ କୋର୍ଟରେ ବିଚାର ନିମନ୍ତେ ରହିଅଛି। ଆପଣମାନଙ୍କୁ ବାରମ୍ବାର ନୋଟିସ ସତ୍ତ୍ୱେ ଆପଣମାନେ ହାଜର ହେଉନାହାନ୍ତି କିମ୍ବା ନୋଟିସ ଗ୍ରହଣ କରୁନାହାନ୍ତି।

ଏଣୁ ଆପଣମାନଙ୍କୁ ଅଦାଲତଙ୍କ ଆଦେଶ ମୁତାବକ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଗଲା କି ନିଜେ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ୧୫।୦୫।୨୦୨୬ ଦିବା ଘ୧୦.୩୦ମି ସମୟରେ ଅଦାଲତରେ ହାଜର ହୋଇ ନିଜ ନିଜର ପକ୍ଷ ରଖିବେ। ଅନୁପସ୍ଥିତ ସତ୍ତ୍ୱେ ଅଦାଲତ ମୋକଦ୍ଦମାର ଶୁଣାଣି ଓ ବିଚାର ନିର୍ଦ୍ଧାରିତ ହେବ।

ଅଦାଲତଙ୍କ ମୋହର ଓ ସ୍ୱାକ୍ଷର ସମ୍ବଳିତ ସ୍ଥାନିତ ଅଛି।
ସ୍ୱା./- ଅତିରିକ୍ତ ଜିଲ୍ଲା ଦୌରାଜଜ୍, ଖୋରଧା
ଧ-୮୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

U/O- 5, Rule- 20 C.P.C.,
IN THE COURT OF 2ND, ADDI. CIVIL JUDGE (SR. DIVN.): CUTTACK.
C.S.No. 489/2024.

Sri Manoranjan Mohanty ..........PLAINTIFF.
VRS.
Orissa State Financial Corporation, Cuttack & others ......... DEFENDANTS.

To,
SRI MIHIR RANJAN MOHANTY, S/o.- Late Barada Prasad Mohanty of Vill.- Naganpur, P.O.- Kudanagari, Dist.- Kendrapara, PIN- 754156, the Ex-Proprietor of Tyro Multipurpose Industries, At/P.O./P.S.- Jagatpur, Cuttack, PIN- 754021, the Defendant No.3.

Whereas, the above named plaintiff has instituted the above Civil suit against you and others, and you are avoiding Summon sent to you by Registered post on 18.07.2024.

Take notice, that the above case is fixed to 23.04.2026 for settlement of issue and you are hereby noticed to appear on the same date and file your W.S. failing which the case will be decided in your absence.

Sd./- 2nd. Addl. Civil Judge (Sr.Divn.), Cuttack
D-73

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଉମାକାନ୍ତ ନାୟକ**

ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ
ଆବିର୍ଭାବ : ୧୩।୦୪।୧୯୪୫
ତିରୋଧାନ : ୩୧।୦୩।୨୦୨୬

ବାପା ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲି ପାରୁ ନାହୁଁ। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ, ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁଅ- ବୋହୂ : ଉଦୟ- ଜ୍ୟୋତ୍ସ୍ନାରାଣୀ, ବିନୟ-ଶସ୍ମିତା, ଝିଅ- ଭାଗ୍ୟଲକ୍ଷ୍ମୀ, ସୌଭାଗ୍ୟଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ଓ ନାତିନାତୁଣୀ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ।
ଧ-୭୭

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୦/୨୦୨୬ Bhubaneswar, Friday, April 10/ 2026

# ଲକ୍ଷ୍ନୌକୁ ଜିତାଇଲେ ମୁକୁଳ



ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମୁକୁଳ ଚୌଧାରୀ।

**କୋଲକାତା,୯।୪**

ନବାଗତ ମୁକୁଳ ଚୌଧାରୀଙ୍କ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୩ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ଦ୍ୱିତୀୟ ବିଜୟ ହୋଇଥିବା ବେଳେ କେକେଆର ଲାଗି ଏହା ତୃତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରିଥିଲା। ଦଳ ପାଇଁ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୪ ବଲରେ ୪୧ (୪ ଚୌକା ଓ ୨ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୩୩ ବଲରେ ୪୫ (୫ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। କାମେରନ ଗ୍ରୀନ ୨୪ ବଲରେ ୩୨ (୩ ଚୌକା ଓ ୧ ଛକା) ଓ ରୋଭମାନ ପାୱେଲ ୨୪ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଲକ୍ଷ୍ନୌ ୧୬ ଓଭର ସୁଦ୍ଧା ୧୨୮ ରନରେ ୭ ଉଇକେଟ ହରାଇ ପରାଜୟ ଦ୍ୱାରରେ ପହଞ୍ଚିଥିଲା। ହେଲେ ମୁକୁଳ ଏକାକୀ ଦଳକୁ ଜିତାଇଥିଲେ। ସେ ୨୭ ବଲରେ ୨ ଚୌକା ଓ ୭ ଛକା ସହାୟତାରେ ୫୪ ରନ କରି କେକେଆରଠାରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଆୟୁଷ ବଦୋନୀ ୩୪ ବଲରେ ୫୪ (୭ ଚୌକା ଓ ୨ ଛକା) ରନ କରିଥିଲେ। ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୮୨ ରନ କରିନେଇଥିଲା। କେକେଆର ପକ୍ଷରୁ ବୈଭବ ଆରୋରା ଓ ଅନୁକୂଳ ରୟ ୨ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ବେଙ୍ଗାଲୁରୁ
ସ୍ଥାନ: ଗୁଆହାଟୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୮୧/୪ (ଅଜିଙ୍କ୍ୟ ରାହାନେ-୪୨, ଅଙ୍ଗକ୍ରିଶ ରଘୁବଂଶୀ-୪୫, ରୋଭମାନ ପାୱେଲ-୩୯*, କାମେରନ ଗ୍ରୀନ-୩୨* ଦିଗବିଜୟ ସିଂ ରାଠି-୧/୨୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୮୨/୭ (ଆୟୁଷ ବଦୋନୀ-୫୪, ମୁକୁଳ ଚୌଧାରୀ-୫୪*, ବୈଭବ ଆରୋରା-୨/୩୮, ଅନୁକୂଳ ରୟ-୨/୩୨, ସୁନିଲ ନାରିନ-୧/୧୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୦ | ୬ | +୨.୪୦୩ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୦ | ୧ | ୫ | +୦.୬୩୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୦ | ୪ | +୨.୫୦୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୦ | ୪ | +୦.୮୧୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୦ | ୪ | -୦.୩୫୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୦ | ୨ | +୦.୨୭୫ |
| ଗୁଜରାଟ ଟାଇଟନ୍ସ | ୩ | ୧ | ୨ | ୦ | ୨ | -୦.୨୭୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୦ | ୨ | -୦.୭୧୫ |
| ନାଇଟ ରାଇଡର୍ସ | ୪ | ୦ | ୩ | ୧ | ୧ | -୧.୩୧୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୦ | ୩ | ୦ | ୦ | -୨.୫୧୭ |

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

## ମହିଳା ଦଳକୁ ୪ ସ୍ୱର୍ଣ୍ଣ ସହ ୧୦ ପଦକ

**ଉଲାନବାଟାର,୯।୪ (ପି.ଟି.)**

ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ମୀନାକ୍ଷୀ ହୁଡା ଓ ପ୍ରୀତି ପାୱାରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ମୋଟ ୧୦ ପଦକ ହାସଲ କରିଛି। ମୀନାକ୍ଷୀ (୪୮କେଜି) ଓ ପ୍ରୀତି (୫୪କେଜି)ଙ୍କ ବ୍ୟତୀତ ସ୍ୱର୍ଣ୍ଣ ଜିତିଥିବା ଅନ୍ୟ ଦୁଇ ବକ୍ସର ହେଲେ ପ୍ରିୟା ଘନ୍‌ଘାସ (୬୦କେଜି) ଏବଂ ବିଶ୍ୱ ବକ୍ସିଂ କପ୍ ସ୍ୱର୍ଣ୍ଣ ପଦକ ବିଜେତା ଅରୁନ୍ଧତୀ ଚୌଧାରୀ (୭୦କେଜି)। ଭାରତ ପାଇଁ ସବୁଠାରୁ ବଡ଼ ବିପର୍ଯ୍ୟୟ ହେଲା ୫୭ କେଜି ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଯସ୍ମିନ ଲାମ୍ବୋରିଆଙ୍କ ପରାଜୟ। ସେ ଥାଇଲାଣ୍ଡର ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ପୁନରାୱି ରୁଇନର୍ସଙ୍କଠାରୁ ୦-୫ରେ ହାରିଯାଇଥିଲେ। ଭାରତ ପାଇଁ ଅନ୍ୟ ଏକ ରୌପ୍ୟ ପଦକ ଜିତିଛନ୍ତି ରନର-ଅପ୍ ଅଲଫିୟା ପଠାନ (୮୦+କେଜି)। କେତେକ ଓଜନ କାଟେଗୋରିରେ ସୀମିତ ସଂଖ୍ୟକ ବକ୍ସର ଅଂଶଗ୍ରହଣ କରିଥିଲେ। ମାତ୍ର ୩ ଜଣ ଭାଗ ନେଇଥିଲେ। ଲଭଲିନା ବର୍ଗୋହେନ୍ (୭୫କେଜି), ପୂଜାରାଣୀ (୮୦କେଜି) ଓ ଅଲଫିୟା ଅଂଶଗ୍ରହଣକାରୀ ହିସାବରେ ପଦକ ପାଇଥିଲେ। ଗୁରୁବାର ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ ମୀନାକ୍ଷୀ। ସେ ମଙ୍ଗୋଲିଆର ନୋମୁନ୍ଦାରୀ ଏନ୍‌ଖ-ଅମ୍‌ଗାଲାନଙ୍କ ବିପକ୍ଷ ବାଉଟ୍‌କୁ ୫-୦ରେ ଜିତିଥିଲେ। ପରେ ପ୍ରୀତି ଅନ୍ୟ ଏକ ଫାଇନାଲରେ ୩ଥର ବିଶ୍ୱ ଚାମ୍ପିୟନ ଚାଇନିଜ ତାଇପେର ହୁଆଙ୍ଗ ସିଆଓ-ୱେନ୍‌ଙ୍କୁ ୫-୦ରେ ପରାସ୍ତ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ, ଉତ୍କଳ ରନର ଅପ୍




ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର କୃତୀ ଖେଳାଳିମାନେ।

**ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା**

**ସମ୍ବଲପୁର,୯।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଭିଏସ୍ଏସ୍ ଷ୍ଟାଡିୟମଠାରେ ଆୟୋଜିତ ୪ର୍ଥ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ଉଭୟ ମହିଳା ଓ ପୁରୁଷ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ରନର ଅପ ହୋଇଛି। ପ୍ରତିଯୋଗିତାର ଶେଷ ଦିନରେ ପୁରୁଷ ଓ ମହିଳା ବିଭାଗର ୧୦,୦୦୦ ମିଟର ଦୌଡ଼, ୨୦୦ ମିଟର ସ୍ପ୍ରିଣ୍ଟ ଏବଂ ୪x୪୦୦ ମିଟର ରିଲେ ଦୌଡ଼ ଆୟୋଜିତ ହୋଇଥିଲା।

୨୦୨୫-୨୬ ବର୍ଷ ପାଇଁ ଆୟୋଜିତ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହେବାର ଗୌରବ ହାସଲ କରିଛି। ସମୁଦାୟ ୨୫୧ ପଏଣ୍ଟ ସହ ୧୬ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଏବଂ ୧୪ଟି ବ୍ରୋଞ୍ଜ ପଦକ ଜିତି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଲିକାର ଶୀର୍ଷରେ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୧୫୭ ପଏଣ୍ଟ ସହ ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଏବଂ ୧୧ଟି ବ୍ରୋଞ୍ଜ ପଦକ ଜିତି ପ୍ରଥମ ରନର ଅପ ଏବଂ ଜିଏମ୍ ବିଶ୍ୱବିଦ୍ୟାଳୟ ୧୧୬ ପଏଣ୍ଟ ସହିତ ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ଜିତି ପାଇ ଦ୍ୱିତୀୟ ରନର ଅପ ବିବେଚିତ ହୋଇଛନ୍ତି। ପୁରୁଷ ବର୍ଗରେ ଏସ୍‌ୟୁର ଦୟାନିଧି ମୁଣ୍ଡା ୨୮ ପଏଣ୍ଟ ସହ ଶ୍ରେଷ୍ଠ ଆଥଲେଟ ଘୋଷିତ ହୋଇଛନ୍ତି। ମହିଳାବର୍ଗରେ ଜିଏମ୍ ବିଶ୍ୱବିଦ୍ୟାଳୟର ଦୀପ୍ତିରାଣୀ ସାହୁ ୨୬ ପଏଣ୍ଟ ପାଇ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। ପ୍ରତ୍ୟେକ କୃତୀ ପ୍ରତିଯୋଗୀ ବା ଦଳକୁ ଟ୍ରଫି ଓ ମେଡାଲ ସହିତ ପ୍ରଥମ ପୁରସ୍କାର ସ୍ୱରୂପ ୩୦ ହଜାର, ଦ୍ୱିତୀୟ ପୁରସ୍କାର ସ୍ୱରୂପ ୧୫ ହଜାର, ତୃତୀୟ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ସମାରୋହରେ ଏସ୍‌ୟୁ କୁଳପତି ପ୍ରଫେସର ବିଦୁଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଶିକ୍ଷା ନୀତିରେ କ୍ରୀଡ଼ାର ଅପରିହାର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମୁରଲୀଧର ମାଝୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଓ ଡିନ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ଯୋଗଦେଇ ୧୮ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଫିସର ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଟି୨୦ରେ ବ୍ରାଜିଲର କାରଡୋସୋଙ୍କ ବିଶ୍ୱ ରେକର୍ଡ

**ଦୁବାଇ,୯।୪(ପି.ଟି.)**

ବ୍ରାଜିଲର ଫାଷ୍ଟ ବୋଲର ଲୌରା କାରଡୋସୋ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପ୍ରଥମ ଖେଳାଳି ଭାବେ ୯ ଉଇକେଟ ସଫଳତା ହାସଲ କରିଛନ୍ତି। ଲୌରା ଗାବୋରୋନସ୍ଥିତ ବୋଟ୍‌ସ୍ୱାନା କ୍ରିକେଟ ଆସୋସିଏଶନ ଓଭାଲଠାରେ ଚାଲିଥିବା ବିସିଏ କଳାହାରୀ ମହିଳା ଟି୨୦ ଟୁର୍ନାମେଣ୍ଟରେ ଲେସୋଥୋ ବିପକ୍ଷ ମ୍ୟାଚ୍‌ରେ ୩ ଓଭରରେ ୪ ରନ ଦେଇ ୯ ଉଇକେଟ ନେଇଥିଲେ, ଯାହାକି ପୁରୁଷ ଓ ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏକ ବିଶ୍ୱରେକର୍ଡ। ଏଥିପୂର୍ବରୁ ଏହି ରେକର୍ଡ ଭୁଟାନର ସୋନମ ୟେଶେଙ୍କ ନାମରେ ଥିଲା। ସେ ୨୦୨୫ରେ ମ୍ୟାନ୍‌ମାର ବିପକ୍ଷ ଏକ ପୁରୁଷ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ୭ ବ୍ୟୟରେ ୮ ଉଇକେଟ ନେଇଥିଲେ।

ଅନ୍ତର୍ଜାତୀୟ ମହିଳା ଟି୨୦ରେ କାରଡୋସୋ ଇଣ୍ଡୋନେସିଆର ରହମାଲା ରୋହମାଲିଆଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ରହମାଲା ୨୦୨୪ରେ ମଙ୍ଗୋଲିଆ ବିପକ୍ଷରେ ବିନା ରନ ଦେଇ ୭ ଉଇକେଟ ହାସଲ କରିଥିଲେ।









## ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର ଗୋପୀନାଥଙ୍କ ପରଲୋକ

**ନୂଆଦିଲ୍ଲୀ,୯।୪(ପି.ଟି.)**

ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର ଗୋପୀନାଥଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ଚେନ୍ନାଇର ଆଡିଆରଠାରେ ତାଙ୍କ ଝିଅ ଘରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଶେଷ ନିଃଶ୍ୱାସ ନେଇଛନ୍ତି। ୧୯୫୨ରେ ମାଡ୍ରାସଠାରେ ଇଂଲଣ୍ଡ ବିପକ୍ଷରେ ଭାରତ ହାସଲ କରିଥିବା ସର୍ବପ୍ରଥମ ଟେଷ୍ଟ ବିଜୟୀ ଦଳର ସେ ଅନ୍ତିମ ଜୀବିତ ସଦସ୍ୟ ଥିଲେ। ତାଙ୍କ ବିୟୋଗ ଯୋଗୁ ଏବେ ଭାରତ ତଥା ମୁମ୍ବାଇର ୯୫ ବର୍ଷୀୟ ଉଇକେଟକିପର ବ୍ୟାଟର ଚନ୍ଦୁ ପାଟନକର ହେଉଛନ୍ତି ଏବେ ଭାରତର ସବୁଠୁ ବୟସ୍କ ଟେଷ୍ଟ କ୍ରିକେଟର। ସେ ୧୯୫୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ଗୋପୀନାଥ ଭାରତ ପାଇଁ ୮ ଟେଷ୍ଟ ଖେଳି ଏକ ଅର୍ଦ୍ଧଶତକ ସହ ୨୪୨ ରନ କରିଥିଲେ। ସେ ୧୯୫୫ରୁ ୧୯୬୩ ପର୍ଯ୍ୟନ୍ତ ମାଡ୍ରାସ ଓ ଦୁଲୀପ ଟ୍ରଫିରେ ସାଉଥ ଜୋନର ନେତୃତ୍ୱ ନେଇଥିଲେ। ରଣଜୀ ଟ୍ରଫିରେ ତାଙ୍କ ଆଭରେଜ ୫୦ରୁ ଅଧିକ ଥିଲା ଏବଂ ୨୩୪ ତାଙ୍କର ସର୍ବାଧିକ ସ୍କୋର ଥିଲା। ଖେଳାଳି ଭାବେ ଅବସର ନେବା ପରେ ଗୋପୀନାଥ ମୁଖ୍ୟ ଜାତୀୟ ଚୟନକର୍ତ୍ତା ଓ ୧୯୭୯ରେ ଇଂଲଣ୍ଡ ଟୁର କରିଥିବା ଭାରତୀୟ ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ